RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com




ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଅପ୍ରେଲ୍ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, APRIL 2021, Issue No. I
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :

ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା

ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ଉପସ୍ଥାପନା :
ମମତା ଖଣ୍ଡାୟତରାୟ

ଡିଟିପି :
ପ୍ରଶାନ୍ତି ସାଇଁ

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ

ଅଳଙ୍କରଣ :
ବିଜୟ କୁମାର ସାହୁ

ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ

ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।



**Declaration**
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...


**ମିଛ ମାୟା ସଂସାର**
- ଅଶ୍ୱିନୀ କୁମାର ସେଠୀ ୦୭

**ଶାଶୁ ସାଜିଲା ସଉତୁଣୀ**
- ସରୋଜ କୁମାର ଜେନା ୦୯

**ମହୁଲ ଫୁଲର ଟୋକେଇ**
- ଦୁଷ୍ମନ୍ତ ବେହେରା ୧୨

**ଅପେକ୍ଷା କର**
- ଅକ୍ଷୟ ରାଉଳ ୧୪

**ଅସହିଷ୍ଣୁତା ସମ ନାହିଁ ମାରାତ୍ମକ ବ୍ୟାଧି**
- ମୀରା ବେଉରା ୧୬

**ଅଗ୍ନିପଥ**
- ଗୀତାଞ୍ଜଳୀ ନାୟକ ୧୮

**ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ**
**ଲକ୍ଷ୍ମୀ ବାରିକିଆଣୀର ଗାନ୍ଧୀ ଭକ୍ତି**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୨୧

**ସେ ମାଛିକୁ ମଅ ବୋଲି କହେ ନାହିଁ**
- ଡକ୍ଟର ନାରାୟଣ ମହାନ୍ତି ୨୩

**ଶିଶୁ ସାହିତ୍ୟ ଓ ଲୋକ ସାହିତ୍ୟ**
**(ଲିଖିତ ଶିଶୁ-ସାହିତ୍ୟ ଓ ମୌଖିକ ଶିଶୁ-ସାହିତ୍ୟ)**
- ଡକ୍ଟର ବସନ୍ତ କିଶୋର ସାହୁ ୨୫

**ଉଦାସୀ ମେଘର ଲୁହ**
- ଶ୍ରୀମତୀ ଯାଜ୍ଞସେନୀ ହୋତା ୨୮

**ଆତିଥ୍ୟ**
- ଡକ୍ଟର ଶ୍ରୀମତୀ ଲବଙ୍ଗଲତା ବିଶୋଇ
ଅବସରପ୍ରାପ୍ତ ପ୍ରଧାପିକା ୩୧

**ବାପାଙ୍କ ପୁରୁଣା ବାକ୍ସ**
- ସୁଶାନ୍ତ କୁମାର ନନ୍ଦ ୩୪

**ସାଧୀନ ଓ ପରାଧୀନ**
- ଶିବ ପ୍ରସାଦ ବାହିନୀପତି ୩୬

**ଖସଡ଼ା ଜଳ ପ୍ରପାତ**
- ସୁରଥ ପାଇକ ୩୮

**ସାଧ୍ୱନତା**
- ପ୍ରଫୁଲ୍ଲ କୁମାର ନାହାକ ୩୯

**ତୁମଠି ପହଂଚିବାର ଚେଷ୍ଟାରେ**
- ଦିପୁନ୍ ପୁହାଣ୍ ୪୦

**ସେଇ ଛୋଟ ପିଲାଟି**
- କୃଷ୍ଣା ମିଶ୍ର ୪୧

**ବନାଗ୍ନି**
- ସଂଜୀବ କୁମାର ଦାଶ ୪୨

**ମୁଁ ହଜି ଯିବାକୁ ଚାହେଁ**
- ଶିକ୍ଷକ ରାମଚନ୍ଦ୍ର ପ୍ରଧାନ ୪୩

**ତୁମ ବିଚ୍ଛେଦରେ**
- ରାକେଶ ସାହୁ ୪୪

**ମୋ ଗାଁ**
- ଗୋବିନ୍ଦ ଚନ୍ଦ୍ର ଫାରକ ୪୫

**କାକର କହୁଛି ମୋତେ**
- ଶିକ୍ଷୟତ୍ରୀ ସୁଜାତା ରାଣୀ ଶତପଥୀ ୪୬

**ଆମର ପ୍ରିୟ ବାପୁଜୀ**
- ପ୍ରଶାନ୍ତି ସ୍ୱାଇଁ ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା .................................................... ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ.....................................

ବ୍ୟାଙ୍କ୍....................................... ସ୍ଥାନ................................................

ତାରିଖ..................................... ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

# ମିଛ ମାୟା ସଂସାର

- ଅଶ୍ୱିନୀ କୁମାର ସେଠୀ

ଉଦୟବାବୁ ପେନସନ୍ ଆଣି ଆସିବା ବାଟରେ ଲଘୁଚାପ ବର୍ଷାରେ ଭିଜି ଯାଇଥିଲେ । ରାତ୍ରିରେ ଭୋଜନସାରି ଶୋଇବା ସମୟରେ ସେ ପତ୍ନୀ ଉର୍ମିଳାଙ୍କୁ କହିଲେ ମୋର ଦେହଟା ଭଲ ଲାଗୁନାହିଁ, ଜରୁଆ ଜରୁଆ ଲାଗୁଛି । ସତକୁ ସତ ମଧ୍ୟ ରାତ୍ରିରୁ ପ୍ରବଳ ଜ୍ୱରରେ ଆକ୍ରାନ୍ତ ହେଲେ । ପରଦିନ ଥଣ୍ଡାଜ୍ୱର ଔଷଧ ଖାଇବା ଦ୍ୱାରା ଜ୍ୱର କମିଯାଇଥିଲା । ସନ୍ଧ୍ୟାବେଳେ ଦେହ ଖରାପ ଯୋଗୁଁ ମଝିଘରେ ଖଟ ଉପରେ ବସିଥାନ୍ତି । ବଡ଼ପୁଅ ଆସି କହିଲା ବାପା ତମେ ସେ ସିଡ଼ି ପାଖ ଘରକୁ ଚାଲିଯାଅ । ଏ ଭିତର ଘର ଛାଡ଼ିଦିଅ । ସେ ଘରେ ଖଟ ବିଛଣାର ବ୍ୟବସ୍ଥା ମୁଁ କରିଦେଇଛି । ମୁଁ ଟିକେ ଅଡୁଆରେ ପଡ଼ିଗଲି କିଛି ଠିକ୍ ଭାବେ ବୁଝି ପାରିଲିନି କାହିଁକି ହଠାତ୍ ପୁଅ କହିଦେଲା ଘର ଖାଲି କରିବାକୁ । କିଛି ନ ପଚାରି ବାଧ୍ୟ ହୋଇ ବାହାରିଗଲି ମଝି ଘରୁ ସିଡ଼ି ପାଖ ଘରକୁ । ପରିତ୍ୟକ୍ତ ଘରଟି ସଫା ହୋଇ ସାଦାସିଧା ଖଟଟିଏ ପଡ଼ିଛି । ଉପରେ ମସିଣା ଓ ପତଳା ହାଲୁକା ଗଦି ଉପରେ ବେଡ଼ସିଟଟିଏ ବିଛା ହୋଇଛି । ସିଲିଂ ଫ୍ୟାନ ଉପରେ ଝୁଲୁଛି । କାନ୍ଥରେ ବଲଟିଏ ଜଳୁଛି । ଚୌକି ଉପରେ ପାଣି ବୋତଲ ଓ ବାସନ ଥୁଆ ହୋଇଛି । ଏମିତି ସଞ୍ଜବେଳେ ହଠାତ୍ ପୁଅ କଣପାଇଁ ଏ ଘରେ ଏକୁଟିଆ ରହିବା ପାଇଁ କହିଲା ? କିଛି ସମୟ ବିବ୍ରତ ହେଲି, ମନଟା ଅସ୍ଥିର ହେଲା । ଅନେକ ସମୟ ଭାବିଲାପରେ ବୁଝିପାରିଲି ଯେ ଦୁଇଦିନ ହେବ ମୋତେ ଥଣ୍ଡାଜ୍ୱର ହୋଇଛି ବୋଲି ପିଲାମାନେ ବୋଧହୁଏ ସନ୍ଦେହ କରି ଭାବିଲେ କାଳେ ମୋତେ କରୋନା ହେଉଛି ବୋଲି ମୁଁ ଏକୁଟିଆ ଏହି ଘରେ ରହିବି ଓ ତାଙ୍କ ସଙ୍ଗେ ମିଳାମିଶା କରିଲେ ସେମାନେ ଆକ୍ରାନ୍ତ ହେବେ ବୋଲି ବଡ଼ପୁଅ ମୋତେ ଏହି ବାହାର ଘରେ ରହିବାକୁ କହିଲା । ଚିନ୍ତିତ ହୋଇପଡ଼ିଲି କିଛି ସମୟ ପାଇଁ ।

ମୋତେ କରୋନା ରୋଗ ପାଇଁ ଯେତେ ଡର ଲାଗିଲାନି ତା ଠାରୁ ପରିବାରର ବ୍ୟବହାର ମୋତେ ବିବ୍ରତ, ଚିନ୍ତିତ, ଦୁଃଖିତ ଓ ହତୋତ୍ସାହ କରିଦେଲା । ମୋ ପାଦତଳୁ ଯେମିତି ମାଟି ଧସିଗଲା । ମୁଁ ଏକଦମ୍ ଏକୁଟିଆ ହୋଇଗଲି । ପିଲାମାନେ କେହି ମୋ ପାଖକୁ ଆସିଲେନି ନାତି, ନାତୁଣୀ, ସାନପୁଅ, ସାନବୋହୂ, ବଡ଼ପୁଅ, ବଡ଼ବୋହୂ ଓ ମୋ ସ୍ତ୍ରୀ କେହି କେହି ବି ଆସିଲେ ନାହିଁ । ସବୁକିଛି ଚୁପଚାପ ଓ ନିଶ୍ଚ ବାତାବରଣ ଭଳି ଲାଗୁଥିଲା ମୋତେ । ଘର ଚାରିକାନ୍ଥ କବାଟ ଝରକା ସବୁ ଆଡ଼େ ନଜର ପକେଇଲି ସେଇ ଘରେ ମୋ ପୋଷାକୁକୁର ଟିପୁ ରହୁଥିଲା । ଯେପରି ଟିପୁ ମୋର ସାଙ୍ଗଟିଏ ପରି ମିଳିଗଲା ।

ଟିପୁ ରାସ୍ତାର ଏକ ବୁଲାକୁକୁର ଥରେ ଗାଡ଼ି ଧକ୍କାରେ ତାର ଗୋଡ଼ ଭାଙ୍ଗି ଯାଇଥିଲା । ମୁଁ ତାକୁ ଆଣି ଚିକିତ୍ସାକରି ଭଲ କରି ଦେବାପରେ ସେ ଘର ଛାଡ଼ି କୁଆଡ଼େ ନ ଯାଇ ସିଡ଼ିଘରେ ରହିଛି ମୁଁ ଯାହା ଖାଇବାକୁ ଦିଏ ସେ ଖାଇ ଶୁଏ । ସେ ମୋର ଅତି ବିଶ୍ୱସ୍ତ ପାଲଟିଯାଇଛି । ସକାଳ ସଂଜରେ ମୁଁ ଯେତେବେଳେ ବାହାରିପଡ଼େ ଚାଲିବା ପାଇଁ ସେ ମଧ୍ୟ ମୋ ସହିତ ଯାଇଥାଏ । ଆଜିଠୁଁ ଯେତେବେଳେ ମୁଁ ସିଡ଼ି ଘର ପାଖରେ ରହିଛି ସେ ମୋତେ କ'ଣ ଭାବି ଆଉ ଛାଡ଼ିଯାଉନି । ମୁଁ ବି ତାର ଖୁସିରେ ସେ ମୋ ସହିତ ଗେଲ ହେବାଠାରୁ ଅଜଣା କୌଣସି ଜୀବଜନ୍ତୁ ଆସିଲେ ସେ ମୋତେ ଶବ୍ଦ କରି ଜଣାଇ ଦେଉଛି । ଆଜି ମୁଁ ତା ଖୁସିରେ ଖୁସି ହେଉଛି ଏକୁଟିଆ ଅଛିବୋଲି ଭାବିପାରୁନି ।

କିଛି ଚିନ୍ତା କରୁ କରୁ ଅତୀତ ଜୀବନର କଲାକର୍ମର ଫଳ କ'ଣ ଭୋଗୁଅଛି ଭାବି ଚିନ୍ତାମଗ୍ନ ହୋଇଗଲି । ସହରରେ ରହିବି ଉନ୍ନତମାନର ଜୀବନଶୈଳୀ କଟାଇ ପିଲାମାନଙ୍କୁ ମଣିଷ କରିବି ଏହା ଭାବିଭାବି ମୁଁ ଗାଆଁ ଛାଡ଼ି ବାପାମାଆଙ୍କୁ ଛାଡ଼ି ଆସି ସହରରେ ରହିଛି । କିନ୍ତୁ ଆଜି ଯେତେବେଳେ ସୁନ୍ଦର ପ୍ରାସାଦ ଛାଡ଼ି ସିଡ଼ି ଘର ପାଖରେ ଥିବା ସରଭ୍ୟାନ୍ତଣ୍ଟ କ୍ୱାର୍ଟରରେ ବଡ଼ପୁଅ ଓ ପରିବାରଙ୍କ କହିବାନୁଯାଇ ରହିଛି ଏହା ମୋର କଲାକର୍ମର ଫଳ ନୁହେଁ ତ ଆଉ କ'ଣ ? ଏଇ ସେଇ ଘର ଯେଉଁଠି ଆଜି ମୁଁ ରାତି ବିତାଉଛି ପିଲାଙ୍କ ନିର୍ଦ୍ଦେଶରେ । ଏଡା ଭାବି ରାତି ଯାକ ନିଦ ହେଲାନି । ଜୀବନକୁ ଦୋହରେଇଲି କେତେଥର । ଏଇମାନେ ମୋର ଆଉ ମୁଁ ସେମାନଙ୍କର ଆଜି ଚାକିରୀରୁ ଅବସରନେବାର ମାତ୍ର ପାଞ୍ଚ ବର୍ଷ ପରେ ଓ ଆଜିର ଏଇ ମହାମାରୀ କରୋନା ସଙ୍କଟ କାଳରେ ଯେମିତି ଜୀବନର ଅର୍ଥ କ'ଣ ପାଇଗଲି, ମିଛ ମାୟା ସଂସାର କେହି ନୁହେଁ କାହାର । ରାତି ବଢୁଥାଏ ନିଶବ୍ଦପରି ଘର ଲାଗୁଥାଏ । ଦିନରେ ଏବଂ ରାତ୍ରି ଏଗାରଟା ସମୟରେ ସ୍ତ୍ରୀ ମାମି ଥାଳିରେ ରୁଟି ତରକାରି ଧରି ଆସି କବାଟକୁ ଅଳ୍ପ ଖୋଲି ଘର ଭିତରକୁ ଖାଇବା ଠେଲିଦେଇ ଯାଉଥାଏ । ଯେପରି ଜେଲରେ ଆଜୀବନ କଏଦିମାନଙ୍କୁ ଖାଇବା ଦିଆଯାଏ । କଥା ପଦିଏ ବି ମୋ ସହିତ ହେଉନଥାଏ କିମ୍ବା ପଦିଏ କଥା ବି ମୋ ସହିତ ହେଉନଥାଏ କିମ୍ବା ଆଖି ଉପରକୁ କରି ଚାହୁଁନଥାଏ ବରଂ ମୁହଁରେ ଲୁଗା ରଖି ଶୀଘ୍ର ଶୀଘ୍ର ଚାଲିଯାଉଥାଏ । ମୁଁ ବୁଝିପାରୁନଥାଏ ଏମିତି କ'ଣଟା ହୋଇଗଲା ଯେ ସାରା ଦୁନିଆଁ ମୋର ପର ହୋଇଗଲା । କିଛି ଖାଇବାକୁ ଇଚ୍ଛା ହେଉନଥାଏ ନିଦ ବି ଭଲ ଭାବରେ ହେଉନଥାଏ । ଅନେକ ପୁରୁଣା ସମ୍ପର୍କ ଓ ନିଜର ନହେଲେବି ନିଜଠାରୁ ଅଧିକ ଲାଗୁଥିବା ଲୋକଙ୍କୁ ମନେପକାଇ ଦୁଃଖି ହେଉଥାଏ । ସେମାନଙ୍କ ମଧ୍ୟରୁ ଆଉ କେତେ ଅଛନ୍ତି କେତେ ଦୁନିଆରୁ ଚାଲିଗଲେଣି ରକ୍ତ ସମ୍ପର୍କ ସବୁ କିଛି ନୁହେଁ । ଗାଆଁରେ ଏସବୁ ସମ୍ପର୍କୀୟ ମିଳନ୍ତି ସହରରେ ନୁହେଁ । ସହରରେ ନିଜର ବି

ନୁହଁନ୍ତି । କେତେବେଳେ ନିଦ ହୋଇଯାଇ ଜାଣେନା ଟିପୁ ମୋ ଖଟ ପାଖରେ ଶୋଇଛି । ସକାଳ ୯ଟା ବାଜିଯାଇଛି ଘର ସାମନାରେ ଆମ୍ବୁଲାନସ ଗାଡ଼ିର ଶବ୍ଦ ଓ କବାଟ ବାଡ଼େଇବାର ଶବ୍ଦଶୁଣି ନିଦ ଭାଙ୍ଗିଗଲା । ବାହାରକୁ ଆସିଲି ଆମ୍ବୁଲାନସ କର୍ମୀଙ୍କ ସହ କଥାବାର୍ତ୍ତା ହୋଇ ଜାଣିପାରିଲି ଯେ ମୋ ବଡ଼ପୁଅ ତାଙ୍କୁ ଫୋନକରି ଡାକିଛି ମୋତେ ସେମାନେ କୋଭିଡ଼ ଚିକିତ୍ସା କେନ୍ଦ୍ରକୁ ନେବାପାଇଁ କାରଣ ମୋର କରୋନା ଲକ୍ଷଣ ଜଣାପଡ଼ିଛି । ତେଣୁ ସେମାନେ କହିଲେ ପରୀକ୍ଷଣ ନିମନ୍ତେ ତାଙ୍କ ସହିତ ଯିବା ପାଇଁ । ମୁଁ ଆଶ୍ଚର୍ଯ୍ୟ ହେଲି ଓ ତାଙ୍କ ସହିତ ଯିବା ପାଇଁ ବାହାରିପଡ଼ିଲି । ଘର ଆଡ଼କୁ ମୁହଁ ମୋଡ଼ି ଦେଖିଲି ଘରଉପରୁ ବାଲକୋନିରେ ପୁଅ ବୋହୂ ନାତି ନାତୁଣୀ ଓ ମୋର ସହଧର୍ମୀଣୀ ଉର୍ମିଳା ଠିଆ ହୋଇ ହାତ ହଲାଇ ନାନା କରୁଛନ୍ତି । କିନ୍ତୁ ମୋ ପାଖରେ ଠିଆ ହୋଇଥାଏ ଟିପୁ । ନିଜକୁ ଅପରାଧି ଭଳି ମନେ କରୁଥିଲି ।

ସମସ୍ତଙ୍କ ଠାରୁ ନଜର ହଟାଇ ଚୁପଚାପ ଆମ୍ବୁଲାନସରେ ବସିପଡ଼ିଲି । ଗାଡ଼ି ଆଗକୁ ଗଡ଼ିଲା ମାତ୍ର ପାଞ୍ଚଶହ ମିଟର ଦୂରରେ କୋଭିଡ଼ ସେଣ୍ଟର, ଟିପୁ କିନ୍ତୁ ସମ୍ଭାଳି ନ ପାରି ଗାଡ଼ି ପଛେ ପଛେ ଦୌଡ଼ିଥାଏ । ମୋତେ ଭିତରକୁ ନିଆଗଲା ଏକ ଆଇସୋଲେଟ ବେଡ଼ରେ କ୍ୱାରେଣ୍ଟାଇନରେ ରହିଲି । ରୁଟିନ ଚେକ ଚାଲିଲା ଟେଷ୍ଟ ହେଲା । ଏକ ବିଚିତ୍ର ବାତାବରଣ ଭିତରେ ପେଶି ହେଇ ଜୀବନଶୈଳୀ ବଦଳିଗଲା ଭଳି ଲାଗୁଥିଲା । ଏକ ଝଡ଼ ବତାସ ଆସିଥିଲା ଜୀବନରେ ଯେପରି ମୋତେ ଏକୁଟିଆ ଛାଡ଼ିକରି ସମସ୍ତେ ନିଜନିଜ ରାସ୍ତାରେ ଚାଲିଗଲେ । ଦୁଇଦିନ ବିତିଗଲାଣି ଏହା ମଧ୍ୟରେ ହଠାତ୍ ଜଣେ ସ୍ୱାସ୍ଥ୍ୟକର୍ମୀ ଆସି କହିଲା ଆଜ୍ଞା ଆପଣ ଆସିବା ସମୟଠାରୁ ବାହାର ବାରଣ୍ଡାରେ ଏକ କୁକୁର ଦିନରାତି ନଖାଇ ନପିଇ ଶୋଇ ରହିଛି । ଖାଇବାକୁ ଦେଲେ ଖାଉନାହିଁ କି ଯାଉନାହିଁ । ସେ କାନ୍ଦୁଥିବାର ଜଣା ପଡୁଛି । ମୁଁ ତାଙ୍କୁ ଅନୁରୋଧ କରି ବାରଣ୍ଡାକୁ ଦେଖିବାକୁ ଆସିଲି । ଦେଖିଲି ମୋର ସେହି ପୋଷାକୁକୁର ଟିପୁ । ସେ ଯେମିତି ମୋତେ ଦେଖିନେଲା । କୁଁ କୁଁ ହୋଇ ଦୌଡ଼ି ଆସି ଗୋଡ଼ଠାରୁ ମୁଣ୍ଡ ଯାଏ ଚାଟି ଲାଙ୍ଗୁଳ ହଲାଇ ପାଦ ତଳେ ଶୋଇପଡ଼ିଲା । ମୁଁ ଟିକେ ଆଉଁସି ଦେଇ ଫେରି ଆସିଲି ବେଡ଼ ନିକଟକୁ । ଆଖି ଲୁହରେ ଛଳଛଳ ହୋଇଗଲା । ସେ ଭଉଣୀ ସ୍ୱାସ୍ଥ୍ୟ କର୍ମୀଙ୍କୁ କହିଲି ତା ଉପରେ ଟିକେ ନଜର ରଖିବାକୁ ।

କିଏ କାହାର? କାହାପାଇଁ ଏ ସବୁ ଯେଉଁ ପରିବାର ଗଢ଼ିଥିଲି ଆଜି ଆଖିପିଛୁଳାକେ ପର କରିଦେଲେ । ଯେ ମୋର ଅର୍ଦ୍ଧାଙ୍ଗିନୀ ସେ ମଧ୍ୟ ସବୁ ଭୁଲିଗଲା । ଜୀବନସାରା ରୋଜଗାର ମୋ ପାଇଁ ମୋ ନିଜର ପରିବାରମାନଙ୍କ ପାଇଁ କିନ୍ତୁ ସମୟ ଆସିଲା ସମସ୍ତଙ୍କର ଆଜି ଅଦରକାରୀ ମଣିଷଟିଏ ମୁଁ । ଆଜି ସବୁଆଡ଼େ ଖଣାଲି ମୋର ମୋର ନ୍ୟାୟ ଅନ୍ୟାୟକୁ ଭ୍ରୁକ୍ଷେପ ନକରି ଲୁଟିଚାଲିଛି ମଣିଷ ମୋର ମୋର ହେଲା ତେବେ କ'ଣ ପାଇଁ ପାଗଳାମି? ମୁଁ ବି ଖୁବ୍ କରିଛି ଏହି ଭଳି ପାଗଳାମି ନିଜ ଚାକିରି ସମୟରେ କର୍ମମୟ ଜୀବନରେ । ମୋର ବଡ଼ ଘର ଦରକାର । ମୋ ପିଲାମାନେ ଭଲ ପାଠ ପଢ଼ି ଭଲ ଚାକିରୀ କରିବେ । ଭଲରେ ରହିବେ ଭଲରେ ଖାଇବେ । କାହାରିକୁ କେବେ ଅସୁବିଧା ନହେଉ ତେଣୁ ସମସ୍ତଙ୍କ ଇଚ୍ଛା ପୁରା କରିବା ପାଇଁ କେତେ ଯେ ନିଜ ସୁଖ ଜଳାଞ୍ଜଳୀ ଦେଇଛି । ପେଟପାଟି ମାରି ସଞ୍ଚୟ କରିଛି କାହା ପାଇଁ ? ହେଲେଏହାର ଭାବନାରେ ଦିନରାତି ବିତୁଥିଲା କୋଭିଡ଼ ଚିକିତ୍ସାଳୟରେ । ଅଭିମାନରେ ଲୁହରେ ଦିନକୁ ଦିନ ମୁଁ ନିଜକୁ ମଜଭୁତ କରି ନେଉଥିଲି । ଠିକ୍ ଅଛି ବଞ୍ଚି ଥାଉଥାଉ ସତ ଜାଣିଗଲି । ମଲାପରେ ବାସଲୋକ ଦେଖାଣିଆ ଭାବେ ଫଟୋଟିଏ ରଖି କୁମ୍ଭୀର କାନ୍ଦଣା କରି ବର୍ଷକୁ ଥରେ ଫଟୋରେ ଫୁଲମାଳ ଚଢ଼ାଇ ଖାଦ୍ୟ ପେୟର ବ୍ୟବସ୍ଥା କରି ବ୍ରାହ୍ମଣଠାରୁ ବନ୍ଧୁ ବାନ୍ଧବ ପର୍ଯ୍ୟନ୍ତ ଖୁଆଇବା ଏହିପରି ଚାରିପାଞ୍ଚବର୍ଷ ପର୍ଯ୍ୟନ୍ତ କରିଥାନ୍ତି ତା ପରେ ସବୁ ଭୁଲିଯାଆନ୍ତି ।

ଆଉ ଦୁଃଖ ଲାଗିଲାନାହିଁ । ନା ଆଉ କାହିଁକି ଆଖିରୁ ଲୁହ ବୋହିଲାନି । କରୋନା ବିପତ୍ତିରେ ଏକ ସତ୍ୟତାର ଉଜାଗର ମନରେ ଗଲା । ମିଛ ମାୟା ସଂସାର କେହି ନୁହଁନ୍ତି କାହର ବାବୁ କହିଗଲା ସ୍ୱାସ୍ଥ୍ୟକର୍ମୀ ଭଉଣୀଟି । ବିବାହ ପତ୍ନୀ ଉର୍ମିଳା ପ୍ରତି ମୋର ଥିବା ଅବଦାନକୁ ଭୁଲିଗଲେ । ଭାବନାରେ କଣ ଗୁଡ଼ାଏ ଭାବି ଚାଲୁଥିଲି କିନ୍ତୁ ଭାବୁଥିଲି ଟିପୁ କଥା ନ ଖାଇ ନ ପିଇ କେତେଦିନ ପଡ଼ିରହିବ ବାରଣ୍ଡାରେ । ମୋ ବିନା ମୋ ପରିବାରରେ ଏଇ ପଶୁଟିକୁ କେହି ବୁଝି ପାରନ୍ତି ନାହିଁ । ଏମିତି କିଛି ଭାବୁଥିଲି ମୋ ଓ୍ୱାର୍ଡ଼ର ଡାକ୍ତର ଆସିଲେ । ହସିହସି ମୋତେ କହିଲେ ଆପଣଙ୍କ ରିପୋର୍ଟ ନେଗେଟିଭ ଆସିଛି । ଆପଣ ଘରକୁ ଯାଇପାରନ୍ତି । ମୋ ପାଇଁ ବହୁତ ଖୁସି ହେବାର କିଛି ନଥିଲା । ଆଠଦିନ ଭିତରେ ମୁଁ ଠିକ୍ ହେଇଗଲି । ମୋତେ ରିପୋର୍ଟରେ ଦସ୍ତଖତ କରିବାକୁ କହିଲେ ଓ ୨୦୦୦ଟଙ୍କା ହାତକୁବଢ଼ାଇ ଦେଲେ । ମୁଁ ଦସ୍ତଖତ କଲି ଡାକ୍ତରଙ୍କୁ ଧନ୍ୟବାଦ ଦେଇ ଜଲଦି ଜଲଦି ବାହାରକୁ ବାହାରି ଆସିଲି । ନଜର ପଡ଼ିଲା ବାରଣ୍ଡାରେ ଶୋଇଥିବା ଟିପୁକୁ । ଆଉଁସିଦେଲି ସେ ଏତେ ଖୁସି ହୋଇଗଲା ଯେ ପାଦତଳେ ଗଡ଼ିଗଲା । ଆଣିଥିବା ବ୍ୟାଗକୁ ଧରି ଭାବିଲି ଘରକୁ ଫେରିବି କିନ୍ତୁ ଭାବିଲି କାହାଘର ? ପୁଣି କଣ ଯାଇ ରହିବି ମୁଁ ତିଆରି କରିଥିବା ସରଭ୍ୟାଣ୍ଟ କ୍ୱାର୍ଟରରେ ନାଁ ଏଡା ଭାବି ମୋ ଟିପୁକୁ ଖାଇବାକୁ ଦେଇ ଏକ ଅଟୋ ଭଡ଼ା କରି ଚାଲିଲି ମୋର ସେହି ଭିଟାମାଟି ସୁଦୂର ମଫସଲ ଗାଁ ଘରକୁ ଯେଉଁଠାରେ ଅଛି ଆତ୍ମୀୟତା ମଣିଷ ପଣିଆ ସମ୍ପର୍କ ଭାଇବନ୍ଧୁ କୁଟୁମ୍ବଙ୍କ ପାଖକୁ । ମୋତେ ଦୀର୍ଘ ୪୦ ବର୍ଷର ବ୍ୟବଧାନରେ ଗାଁର ସେହି ଭଙ୍ଗାଘର ବିଲବାଡ଼ି ନଈଗାଧୁଆ ତୁଠ ଓ ସାଙ୍ଗସାଥୀଙ୍କ ମେଳି ବାପାମାଆଙ୍କ ସ୍ମୃତି ଟାଣି ଆଣିଲା ନୂଆ ଜୀବନ ଶୈଳୀରେ ରହିବା ପାଇଁ ବାକିତକ ଜୀବନ ବଞ୍ଚିବା ପାଇଁ ମୋର ଅତି ଆପଣାର ପୋଷାକୁକୁର ଟିପୁ ସହିତ । ସବୁ କିଛି ତୁଚ୍ଛ କରି ସହରର ଜୀବନଶୈଳୀ ଠାରୁ ଦୂରେଇ ନୂତନଭାବେ ଭଙ୍ଗାଘରକୁ ସଜାଡ଼ି ବର୍ଷକୁ ବର୍ଷ ମନେ ପକାଇବା ପାଇଁ ମୋର ଚଉଦପୁରୁଷ ଆତ୍ମୀୟ ସ୍ୱଜନଙ୍କୁ ଶ୍ରଦ୍ଧାଞ୍ଜଳୀ ମାଧ୍ୟମରେ ଦୁଇଟୋପା ଲୁହ ଗଡ଼ାଇ ।

ଚାଉଳିଆଗଞ୍ଜ, କଟକ ।

# ଶାଶୁ ସାଜିଲା ସଉତୁଣୀ

- ସରୋଜ କୁମାର ଜେନା

ଆଜି ମିରା, ଜୀବନର ଚକ୍ରବ୍ୟୁହରେ ଫସି ଯାଇ ବହୁତ ଯନ୍ତ୍ରଣା ପାଉଛି । କି ଜାଣି କେଉଁ ପାପର ପ୍ରାୟଶ୍ଚିତ ଭୋଗୁଛି । ହଁ ମିରା ସାମନ୍ତରାୟ ଆନନ୍ଦପୁର ଗ୍ରାମର ଯଶୋବନ୍ତ ସାମନ୍ତରାୟଙ୍କ ସାନ ଝିଅ ଭାରି ଅଲିଅଳି । ଜୀବନର ପ୍ରଥମ ସୋପାନରୁ ସେ ଦୁଃଖ କ'ଣ କେବେ ଅନୁଭବ କରିନଥିଲା କିନ୍ତୁ ଆଜି ଦୁଃଖ ତା ପାଇଁ ପାଲଟିଛି ଗୋଟେ ବନ୍ଧୁ ସଦୃଶ । ଦୀର୍ଘ ଚାରିବର୍ଷ ତଳର କଥା ଅଚାନକ ଯଶୋବନ୍ତଙ୍କ ଘରକୁ ଏକ ବିବାହ ପ୍ରସ୍ତାବ ଆସିଲା ଝିଅ ମିରା ପାଇଁ । ଏହି କଥା ଶୁଣି ଯଶୋବନ୍ତ ଭାରି ଖୁସି ହୋଇଯାଇଥିଲେ । ଯାହା ହେଉ ଏଥର ଝିଅକୁ ବିବାହ କରିଦେବାର ସମୟ ଆସିଗଲା ଦେଖୁ ଦେଖୁ ସବୁ ବୁଝିଲାପରେ ପ୍ରସ୍ତାବ ଆସିଲା ହରିଡ଼ା ବାଡ଼ି ଗ୍ରାମର ସଦାଶିବ ତ୍ରିପାଠୀଙ୍କ ବଡ଼ ପୁଅ ପାଇଁ । ସଦାଶିବ ତ୍ରିପାଠୀଙ୍କ ବଡ଼ ପୁଅ ସୁଦର୍ଶନ ଦେଖିବାକୁ ବହୁତ ସୁନ୍ଦର । କର୍ମରେ ସେ ଜଣେ ଡ୍ରାଇଭର ନିଜ ଗ୍ରାମରେ ନିଜର ଗାଡ଼ି ଚଳାଇ ଗୁଜୁରାଣ ମେଣ୍ଟାନ୍ତି । ବାପା ଜଣେ ଚାଷୀ । ଧୀରେଧୀରେ କିଛିଦିନପରେ ଉଭୟ ସୁଦର୍ଶନ ଏବଂ ମିରାର ବିବାହ ହୋଇଥିଲା । ଝିଅକୁ ବିଦାୟ କଲା ଦିନ ଯଶୋବନ୍ତ ବାବୁ ସଦାଶିବ ବାବୁଙ୍କୁ କହିଥିଲେ । ମୋ ଝିଅ ତୁମକୁ ଲାଗିଲା ସେ ଭାରି ଶାନ୍ତ ସ୍ୱଭାବର କାହାରି ମନରେ କେବେ ଦୁଃଖ ଦିଏନି । ଆଉ ମୋ ଝିଅ ଆଜିଠାରୁ ତୁମ ଘରର ବୋହୂ ହୋଇ ବିଦାୟ ନେଉଛି । ଏହା କହି ସେଦିନ ଯଶୋବନ୍ତ ବାବୁ ଆଉ ତାଙ୍କ ପରିବାର ଲୋକ ଝିଅକୁ ବିଦାୟ କରିଥିଲେ ।

କିନ୍ତୁ ଏପଟେ ଆସି ଘରେ ପହଂଚିବାପରେ ପୁଅ ବୋହୂଙ୍କୁ ପାଛୋଟି ନେଲେ ବନ୍ଦାପନା କରି ସଦାଶିବଙ୍କ ସ୍ତ୍ରୀ ମଉନାବତୀ । ପୁଅ ବୋହୂଙ୍କୁ ନେଇ ଇସାଣ ଗୃହରେ ମୁଣ୍ଡିଆ ମାରି ଆଣି ବୋହୂକୁ ଘରେ ପ୍ରବେଶ କରାଇଲେ । ସେ ଦିନ ସଦାଶିବ ବାବୁ ବହୁତ ଖୁସି ହୋଇ ଯାଇଥିଲେ ଆଉ ମନେ ମନେ ଧୀରେ କାନ୍ଦି ପକେଇଲେ । ଠିକ୍ ଏହି ସମୟରେ ତାଙ୍କ ସ୍ତ୍ରୀ ଡାକ ପକାଇଲେ ଏଇ ଶୁଣୁଚ ବଜାରକୁ ଯାଅ ଟିକିଏ କିଛି ସଉଦା ନେଇଆସିବ । ଏହା ଶୁଣି ସେ ସେଠୁ ବଜାରକୁ ଗଲେ । ଏମିତି ତିନିଦିନ ବିତିଗଲା ପରେ ପୁଅ ଆଉ ବୋହୂର ବାସର ରାତି ଆସି ଉପନୀତ ହେଲା । ଘରେ ସେଦିନ ଭୋଜି ଭାତରେ ବ୍ୟସ୍ତ ମଧ୍ୟରେ କେତେବେଳେ ରାତି ହେଲା ଆଉ ଏପଟେ ଜୀବନର ମଧୁ ରାତି ବିତାଇବା ପାଇଁ ଚାହିଁ ରହିଥିଲା ସୁଦର୍ଶନ । ସବୁପରେ କିନ୍ତୁ ନିଜ ମା'କୁ ବହୁତ ଭଲପାଏ ସୁଦର୍ଶନ । ତାଙ୍କରି କଥାରେ ଉଠ କହିଲେ ଉଠ ବସେ ରାତି ଗଡ଼ି ଯାଉଥାଏ ଏପଟେ ଗୃହ ମଧ୍ୟରେ ଏକାକି ପତୀଙ୍କ ବାଟକୁ ଚାହିଁ ରହିଥାଏ ମିରା । ଠିକ୍ ଏହି ସମୟରେ ହଠାତ୍ କବାଟ ଠକ୍ ଠକ୍ ହେଲା । କିନ୍ତୁ ଆଣ୍ଠୁଏ ବଳର ଓଢ଼ଣୀ ଟାଣି କବାଟ ଫିଟାଇଲା ମିରା । ଏହା ପରେ ନମ୍ର ଭାବେ ପାଦ ସ୍ପର୍ଶ କରି ନତ ମସ୍ତକ ହୋଇ ମୁଣ୍ଡିଆ ମାରିଲା ଆଉ ହାତରେ କ୍ଷୀର ଗ୍ଲାସ୍‌କୁ ଧରି ଆଣି ଦେବାକୁ ଚାହିଁଲା ବେଳକୁ ଠିକ୍ ଏହି ସମୟରେ ନିଜ ଶାଶୁ ତାରି ଓଢ଼ଣୀ ଟେକି ଦେଲେ । ଏହାପରେ ମିରା କହିଲା ବୋଉ ଆପଣ ? ଏହା ଶୁଣି ମଉନାବତୀ କହିଲେ ହଁ ମୁଁ । କିନ୍ତୁ ସେଦିନ ଯାହା ଘଟିଲା ଏହା ଆପଣମାନେ ଶୁଣିଲେ ବି ଆଚମ୍ଭିତ ହୋଇଯିବେ । ନିଜ ବୋହୂକୁ ସେଦିନ ମଉନାବତୀ କହିଲେ ଶୁଣୁ ମିରା ବୋହୂ । ଆଜି ତୁମର ବାସରରାତି ସ୍ୱପ୍ନର ରାତି ପ୍ରତି ନବବିବାହିତା ପୁଅ ଆଉ ଝିଅମାନଙ୍କର ଏହା ପ୍ରଥମ ରାତି । କିନ୍ତୁ ଆଜି ମୋ ପୁଅ ସହିତ ତୋର ମିଳନ ହୋଇପାରିବ ନାହିଁ କାହିଁକି ନା ମୋ ପୁଅର ସର୍ପ ଦୋଷ ଅଛି ଏହା ତାର ଚାରି ପାଂଚ ବର୍ଷ ଯାଏ ରହିଛି । ଆଉ ଜ୍ୟୋତିଷ କହିଛନ୍ତି ଯଦିଓ ତୁମର ମିଳନ ହେବ ତାହେଲେ ମୋ ପୁଅର ଅନିଷ୍ଟ ହେବ । ଏମିତିକି ମୋ ପୁଅ ମରିଯାଇ ପାରେ । ଏହି କଥା ଶୁଣିଲା ପରେ ମିରା ହାତରୁ କ୍ଷୀର ଗ୍ଲାସଟି ଖସି ପଡ଼ିଲା ଆଉ ଆଶ୍ଚର୍ଯ୍ୟ ହୋଇଗଲା ଆଉ ଶାଶୁ ମୁହଁକୁ ଚାହିଁ ରହିଲା । ଏହା ପରେ ମିରା କହିଲା ତୁମେ ସତ କହୁଚ ବୋଉ । ଏହା ଶୁଣି ମଉନାବତୀ କହିଲେ ତୁ କ'ଣ ମୋ କଥାକୁ ବିଶ୍ୱାସ କରୁନୁ । ଏହା ଶୁଣି ମିରା କହିଲା ନା ବୋଉ ମୁଁ ବିଶ୍ୱାସ ଯାଉଛି । ଆଉ ତୁମକୁ ପ୍ରତିଶ୍ରୁତି ଦେଉଛି ମୁଁ ମୋ ସ୍ୱାମୀଙ୍କ ମଙ୍ଗଳ ପାଇଁ ଆମେ ଚାରି ବର୍ଷ ପର୍ଯ୍ୟନ୍ତ ଏକାଠି ହେବୁନି । ଏହା ଶୁଣି ମଉନାବତୀ କହିଲେ ଶୁଣୁ ବୋହୂ ଏହି କଥା କାହାକୁ କହିବୁନି ଏହା ତୋ ମୋ ବ୍ୟତୀତ ଆଉ ଯେମିତି କେହି ଜାଣିବେ ନାହିଁ । ଏହି ଚାରିବର୍ଷ ମୋ ପୁଅ ମୋ ପାଖରେ ରାତିରେ ଶୋଇବ । ଏହା ପରେ ମିରା କହିଲା ଠିକ୍ ଅଛି ବୋଉ ମୁଁ ପ୍ରତିଶୃତି ଦେଉଛି ଏହା କେହି ଜାଣିବେ ନାହିଁ । ଏହା ପରେ ସେଦିନ ମଉନାବତୀ ପୁଅକୁ ନେଇ ନିଜ ରୁମରେ ଶୋଇଗଲେ । ଏପଟେ ବାସର ରାତି ମିରା ପାଇଁ ଫିକା ପଡ଼ିଗଲା । ଶେଯରେ ରଜନୀଗନ୍ଧା ମାଳ ଶୁଖି ଯାଉଥାଏ ଆଉ ଘର ସାରା କାଚରେ ପରିପୂର୍ଣ୍ଣ ଓ ଗୋରସ ସବୁ ନିର୍ଝଣୀ ପରି ବୋହି ବୋହି ସିଏବି ମିରାର ପାଦ କାଚ ଆଘାତରେ ଶୋଣିତ ନିଗିଡ଼ି ଧବଳ ବର୍ଣ୍ଣରୁ ପାଲଟିଛି ପାଦର ଅଳିତା ସଦୃଶ । ମୁଣ୍ଡରେ ହାତକୁ ଦେଇ ଚିନ୍ତାମଗ୍ନରେ ବସିଗଲା । ଏହା କ'ଣ ସତ ଠାକୁର । କଣ ମୋ ପ୍ରଥମ ସ୍ପର୍ଶରେ ମୋ ସାତ ଜନମର ସାଥି ମୋ ଠାରୁ ଦୂରେଇ ଯାଇଥାନ୍ତେ ଆଉ ମୁଁ କଳଙ୍କିତ ହୋଇଯିବି । ନାଁ ଏହା ମୁଁ କେବେ ହେବାକୁ ଦେବିନି । ଏମିତିରେ ରାତି ପାହିଗଲା ସକାଳୁ ସକାଳୁ ଘର ସଫା କରି ନିଜର ନିତ୍ୟକର୍ମ ସାରି ସକାଳୁ ସଭିଙ୍କ ଚରଣ ଛୁଇଁ ଆଶିଷ ନେଲା । ଘର ଅଗଣାରେ ନିଜର ଶଶୁର ସଦାଶିବ

ତ୍ରିପାଠୀ ବସିଥାନ୍ତି ନୂଆ ବୋହୂ ମିରା ଚା' କରି ନେଇଦେଲା ଆଉ ମୁଣ୍ଡିଆ ମାରିଲା । ଶଶୁର କହିଲେ ଆଶିଷ ଦେଇ କହିଲେ ଅହ୍ୟ ସୁଲକ୍ଷଣୀ ହୁଅ ମା । ଏହା ଶୁଣି ମିରା କହିଲା ତୁମ ତୁଣ୍ଡ ସୁତୁଣ୍ଡ ହେଉ । ଏହା ପରେ ସଦାଶିବ ବାବୁ କହିଲେ ଗୋଟିଏ କଥା କହିବି ମା ଶୁଣିବୁ । ଏହା ପରେ ମିରା କହିଲା କହୁନ ବାପା ନିଶ୍ଚିତ ଶୁଣିବି । ଶୁଣ ତାହେଲେ ସଦାଶିବ ବାବୁ କହିଲେ, ଏହି ଯେଉଁ ତୋର ଶାଶୁ ଇଏ ତୋର ସାବତ ଶାଶୁ । ଏହା ଶୁଣି ମିରା କହିଲା ଏ କଣ ତୁମେ କହୁଚ ବାପା । ସେଠୁ ସଦାଶିବ କହିଲେ ହଁ ରେ ମା ମୁଁ ଠିକ୍ କହୁଛି । ଏହି ତୋ ଦିଅର ପାପୁନ ୬ ବର୍ଷର ହୋଇଥିଲା । ତୁମ ପ୍ରଥମ ସ୍ତ୍ରୀ ନିର୍ମଳା ଅନ୍ୟପାରିକୁ ଚାଲିଗଲେ ହଠାତ୍ ହୃଦଘାତ ହୋଇ । ଏମିତିରେ କିଛିଦିନ ଅପେକ୍ଷା କରି ରହିଲି ଆଉ ପିଲାଙ୍କ ଭବିଷ୍ୟତ ପାଇଁ ପୁନଶ୍ଚ ବିବାହ କଲି ସେତେବେଳକୁ ସୁଦର୍ଶନକୁ ୨୦ ବର୍ଷ ହୋଇଥାଏ ।

କିନ୍ତୁ ଏହି ମଉନାବତୀ ସେ ବି ପ୍ରଥମ ବିବାହ କରିଥିଲେ ଏହି ନିକଟସ୍ଥ ଗ୍ରାମ ଜମ୍ବେଶ୍ୱରରେ ତାଙ୍କର ସ୍ୱାମୀ ବୃକକ ରୋଗରେ ଆକ୍ରାନ୍ତ ହୋଇ ମରିଗଲେ । ପରେ ସେ ଆଉ ମୁଁ ଉଭୟ ପୁଣି ଦ୍ୱିତୀୟ ବିବାହ କଲୁ । ଜାଣି ପାରିଲ ବୋହୂମା ଏହା ପରେ ମିରା କହିଲା ଆଉ ସ୍ନେହାଲିନ୍ । ଏହା ପରେ ସଦାଶିବ କହିଲେ ସେ ଏହି ସ୍ତ୍ରୀର ଝିଅ ମାନେ ତୁମ ନଣନ୍ଦ ଇତିମଧ୍ୟରେ ଆମ ଦ୍ୱିତୀୟ ବିବାହକୁ ନଅ ବର୍ଷ ବିତିଗଲାଣି । ଆଉ ଶୁଣ ଏହା ଉପରେ ମୁଁ ପରେ କହିବି ମଉନାବତୀ ଆସିଲାଣି ତୁମେ ଯାଅ । ପରେ ସବୁ କଥା କହିବି ଦିନପରେ ଦିନ ବିତି ଚାଲିଲା । ଧୀରେଧୀରେ ମଉନାବତୀ ଅସଲ ଉଦ୍ଦେଶ୍ୟ ଦେଖେଇ ଚାଲିଲା । ଆଉ କେବେ କେବେ ମଉନାବତୀ ମାଡ଼ ଗାଳି ଆରମ୍ଭ କରି ଚାଲିଲେ ମିରା ଉପରେ ବିନା କାରଣରେ ଯୌତୁକ କଥା ଉଠେଇ ମାଡ଼ ମାରନ୍ତି ମିରାକୁ ଆଉ ଯଦିଓ ଏହି କଥାକୁ ଅବରୋଧ କରନ୍ତି ସଦାଶିବ ତାଙ୍କୁବି ନାନା ଗାଳି ଦେବାକୁ ପଛଉ ନଥିଲେ ମଉନାବତୀ । ଏପଟେ ପୁଅ ସୁଦର୍ଶନ ବାହାରକୁ ଗାଡ଼ିନେଇ ଗଲାବେଳେ ଏହାର ଫାଇଦା ମାରି ମିରା ଉପରେ ନିର୍ଯ୍ୟାତନା ମଉନାବତୀ ଦେଇ ଚାଲନ୍ତି । ଦିନେ ପ୍ରବଳ ମାଡ଼ ଖାଇଥାଏ । ମିରାର ପ୍ରବଳ ଦେହ ଦରଜ ହୋଇ ରାତିରେ ଜ୍ୱର ଆସିଥାଏ । କିନ୍ତୁ ଏପଟେ ପୁଅ ସୁଦର୍ଶନକୁ ମତେଇ ଆହୁରି ଗାଳି ଦେଲା ସେହି ରାତିରେ ମଉନାବତୀ । ରାତି ତମାମ ଭୀଷଣ ଜ୍ୱର । ଏମିତି ତିନିଦିନ ବିତିଗଲା ଜ୍ୱର ଛାଡୁ ନଥାଏ ହଠାତ୍ ଗୋଟିଏ ଦିନ ମେଡ଼ିକାଲ ବାହାରିଲା ଯିବା ପାଇଁ କିନ୍ତୁ ଏପଟେ ମଉନାବତୀ କହିଲେ କଣ ଆଉ ଜଣକୁ ବାଧି ଯାଉଛି । ହଉ ହଉ ତୁମ କଥା ବୁଝୁଛି । ମିରା କହିଲା ନାଇଁ ବୋଉ ମୋତେ ଦୁଇତିନି ଦିନ ହେଲା ଜ୍ୱର । ମୁଁ ସେଥିପାଇଁ ମେଡ଼ିକାଲ ଯିବାକୁ ବାହାରିଛି । ମଉନାବତୀ କହିଲେ ସାଥିରେ କାହାକୁ ନେଇ ଯିବୁ କିଲୋ । ମିରା କହିଲା ଭାବୁଚି ସେ ଆସିଲେ ସାଥି ହୋଇ ଯିବୁ । ମଉନାବତୀ କହିଲେ ମୋ ପୁଅ କ'ଣ ପାଇଁ ଯିବ କି ? ମୁଁ ଯିବି ତୋ ସାଥିରେ । ସେଦିନ ବାଟରେ ଗଲାବେଳେ କହିଥିଲେ ମଉନାବତୀ ଶୁଣୁ ମିରା ବାହାରେ ଆମେ ଶାଶୁ ବୋହୂ ବୋଲି ପରିଚୟ ଦେବୁନି । ଯିଏ ପଚାରିବ କହିବୁ ଆମେ ଦୁଇ ଯାଆ । ଏହା ପରେ ମିରା କହିଲା ତୁମେ ଏମିତି କ'ଣ କହୁଚ ବୋଉ ଏ କି କଥା । ମଉନାବତୀ କହିଲେ ତୋତେ ଯେତିକି କହୁଛି ତୁ ସେତିକି କରେ । ନଚେତ ଘରେ ତୁ ଦେଖିବୁ ମୋ ବିଶ୍ୱ ରୂପ । କିନ୍ତୁ ଏପଟେ ପ୍ରକୃତ କଥା ହେଉଛି ମିରା ଏବଂ ସୁଦର୍ଶନକୁ ମିଳାମିଶା କରାଇବା ମଉନାବତୀ ଉଦ୍ଦେଶ୍ୟ ନୁହେଁ । ଏପଟେ କିଛି କିଛି ଲୋକ ମିରାକୁ କହୁଥାନ୍ତି ଆରେ ତୋ ସ୍ୱାମୀକୁ କଣ ତୋ ଶାଶୁ ଗୁଣୀ ଗାରେଡ଼ି କରି ପାଖରେ ସ୍ୱାମୀ କରି ରଖିଛି କି ? ସେ ତୋ ଶାଶୁ ନା ସଉତୁଣୀ । ବାହାରେ ମଧ୍ୟ ସବୁଠାରେ ଟାପରା ପ୍ରତିଦିନ ଶୁଣିବାକୁ ପଡୁଛି ।

ଅସଲ କଥା ଗୋଟିଏ ଦିନ ଜାଣିବାକୁ ପାଇଲା ମିରା ଦିନେ ଦେହ ଭଲ ନଥାଏ ନିଜ ସ୍ୱାମୀ ସୁଦର୍ଶନଙ୍କର ଏହି କଥା ଜାଣିପାରି ରାତିରେ ମଉନାବତୀ ଅର୍ଥାତ୍ ନିଜ ଶାଶୁ ରୁମକୁ ଗଲା ମିରା ସ୍ୱାମୀଙ୍କ ସେବା କରିବା ପାଇଁ କିନ୍ତୁ ସେଦିନ ସେଠି ଯାହା ମିରା ଦେଖିଲା ସେ ବିଶ୍ୱାସ କରି ପାରିଲା ନାହିଁ ନିଜ ଆଖିକୁ । ସମାଜର ଲୋକଙ୍କ ଠାରୁ ଯାହା ସବୁ ଶୁଣୁଥିଲା ସେ ଏହା ନିଜ ସ୍ୱଚକ୍ଷୁରେ ଦେଖିଲା ମା ପୁଅ କାମନା ଜ୍ୱାଳାରେ ଲିପ୍ତ । ଏହାକୁ ସେଦିନ ବିରୋଧ କରିବାକୁ ଯାଇ ବହୁତ ମାଡ଼ ଗାଳି ଶୁଣିବାକୁ ପଡ଼ିଥିଲା । ଏମିତିକି ମଉନାବତୀ କହିଥିଲେ ଯଦିଓ ଏହା ବାହାରେ କେଉଁଠି ପରିପ୍ରକାଶ କରିବୁ ତୋତେ ଜୀବନରୁ ମାରି ଦେବି ।

ଏହା ପରଠାରୁ ପ୍ରାୟ ପ୍ରତିଦିନ ସୁଦର୍ଶନର ଅନୁପସ୍ଥିତିର ଫାଇଦା ଉଠେଇ ସବୁବେଳେ ମିରା ଉପରକୁ ନିର୍ଯ୍ୟାତନା ଦେଇ ଚାଲିଲେ । ହଠାତ୍ ଗୋଟିଏ ଦିନ ସବୁ ଦିନ ପାଇଁ ଉଭୟଙ୍କୁ ଅଲଗା କରିବା ପାଇଁ ମଉନାବତୀ ଉପାୟ ପାଂଚି ସୁଦର୍ଶନ ଆଗରେ ମିଛ କହିଲେ ଶୁଣ ପୁଅ ତୋ ସ୍ତ୍ରୀ ତୋ ବାପାଙ୍କ ସହିତ ଖରାପ ସମ୍ପର୍କ ରଖିଛି । ଏହା ଶୁଣି ମିରା କହିଲା ତୁମେ ତାଙ୍କ କଥାରେ ବିଶ୍ୱାସ ଯାଇ ପାରୁଛ । ହଁ ବିଶ୍ୱାସ କେମିତି ଯିବିନି । ସେ ତୁମ ଗୁପ୍ତ ସ୍ତ୍ରୀ । ଯିଏ ନିଜ ସ୍ତ୍ରୀ ଥାଉ ଥାଉ ନିଜ ସାବତ ମାଆକୁ ସ୍ତ୍ରୀ ରୂପେ ଗ୍ରହଣ କରି ପାରେ ସେ କିଭଳି ସ୍ୱାମୀ ଏଥିରୁ ଆଜି ସ୍ପଷ୍ଟ ବାରି ହୋଇପଡୁଛି । ଏହା ଶୁଣି ଲାଜରେ ସୁଦର୍ଶନ ସେଠାରୁ ପଳେଇଲା । ଆଉ ରାତି ବୋଲି ମଉନାବତୀ ସବୁଦିନ ପାଇଁ ଜୀବନରୁ ମାରି ଦେବାପାଇଁ ମିରାକୁ ଚେଷ୍ଟା କଲାବେଳେ ବଳ ପୂର୍ବକ ଘର ବାହାରକୁ ଚାଲିଆସିଥିଲା ମିରା । ଏହାକୁ ଗ୍ରାମର ସାହିଭାଇ ମଧ୍ୟ ଦେଖିବାକୁ ପାଇଥିଲେ ମିରା ଦେହ ସାରା କିରୋସିନ ସେଦିନ ମଉନାବତୀ ଚାହିଁଥିଲା ମିରାକୁ ଜାଳି ମାରିଦେବାପାଇଁ । କିନ୍ତୁ ମିରା ରକ୍ଷା କର ରକ୍ଷା କର କହି ଆଖପାଖ ଲୋକଙ୍କୁ ଡାକିଥିଲା । ଆଉ କିଛି ଲୋକ ମିରାର ନିଜ ବାପଘରକୁ ଜଣାଇଥିଲା ତୁରନ୍ତ ।

ଏହା ଶୁଣି ସେଦିନ ମିରା ଘରଲୋକ ସବୁଦିନ ପାଇଁ ନେଇ ଯିବାକୁ ଆସିଲେ । କିନ୍ତୁ ଦୁର୍ଭାଗ୍ୟ ସେଦିନ ସଦାଶିବ ବାବୁ ଏହା ଶୁଣି ନଥିଲେ ଏକ ଜରୁରୀ କାମରେ ବାହାରକୁ ଯାଇଥିଲେ । ଆସି ଦେଖନ୍ତି ଏସବୁ ଘଟି ଯାଇଛି । ଘର ଆଗରେ ପ୍ରବଳ ଗହଳି

ସେଦିନ ସବୁ ଦେଖି କଣ ଅବା କହିବେ । ନିଜ ସମୁଦି ଯଶୋବନ୍ତ କହିଲେ ଏମିତି ଶାଶୁ ମୁଁ ଜଗତେ ଦେଖିନି ସମୁଦି ଜାଣିଲ ତୁମେ ମୋ ଝିଅ ସହିତ ଭଲ ଖେଳ ଖେଳିଲ । ଏହା ଶୁଣି ସଦାଶିବ କହିଲେ ଯାହା କହୁଛ କୁହ ସମୁଦି ମୁଁ ସବୁ ଶୁଣିବି । ଏହା ପରେ ମିରା କହିଲା ସତ କହିବ ବାପା ତୁମ ପୁଅଙ୍କର କାଳ ସର୍ପ ଦୋଷ ଥିଲା କି ? ଏହା ଶୁଣି ସଦାଶିବ କହିଲେ ତୁ ଏ କ'ଣ କହୁଛୁ ମା । ଏହା ପରେ ମିରା କହିଲା ହଁ ବାପା ଏହି ଭଦ୍ର ମହିଳା ଶାଶୁ ନାମରେ ଯିଏ ମୋ ସଉତୁଣୀ ସାଜିଛନ୍ତି ସେ ମୋ ବାସର ରାତିଠାରୁ ତୁମ ପୁଅକୁ ମୋ ସହିତ ମିଶେଇ ଦେଇନାହାନ୍ତି । ଏହା ଶୁଣି ସଦାଶିବ କହିଲେ ତୁମେ ଏ କଣ କହୁଛ ମା । ମିରା କହିଲା ହଁ ବାପା ସେ ମୋତେ କହିଛନ୍ତି । ମୁଁ ତାଙ୍କ ସହିତ ମିଶିଲେ ସେ କୁଆଡ଼େ ମରିଯିବେ । ଏହା ଶୁଣି ସଦାଶିବ କହିଲେ ତୁମେ ଏ କଣ କଲ ମଉନାବତୀ । ତୁମେ ଶେଷରେ ମୋ ଲକ୍ଷ୍ମୀପ୍ରତିମା ଭଳି ବୋହୂକୁ ଏତେ କଷ୍ଟ ଦେଲ । ତୁମକୁ କଣ ବିବାହ କରିଥିଲି ଏଥିପାଇଁ । ମୋ ପୁଅକୁ ଗୁଣୀ ଗାରେଡ଼ି କରି ଆମ ସହିତ ସବୁ ଅଧିକାର କରିବା ଲୋଭରେ ତୁମେ ଯେଉଁ ସବୁ କାର୍ଯ୍ୟ କରିଛ ନା କାମନା ମୋହରେ ଅନ୍ଧ ହୋଇ ଏହି ସବୁ କରିଛ ତୁମର ଏହିପାପର ପ୍ରାୟଶ୍ଚିତ ନାହିଁ ।

ଏହାର ପରଦିନ ହରିଡ଼ା ପଡ଼ା ଗ୍ରାମରେ ସଭା ବସିଲା । ସବୁଦିନ ପାଇଁ ମିରା ଛାଡ଼ପତ୍ର ନେବାପାଇଁ ଆଲୋଚନା ହେଲା । କିନ୍ତୁ ସଭାରେ ମଧ ସଦାଶିବ ବାବୁ କହିଲେ ମୁଁ ଆଜି କହୁଛି ଯିଏ ସାବତ ମା' ହେଲେ ମଧ ନିଜ ପୁଅକୁ ସ୍ୱାମୀ ରୂପେଗୁଣୀ ଗାରେଡ଼ୀ କରି ଯିଏ କାମନା ମେଣ୍ଟାଏ ଆଉ ନିଜ ବୋହୂର ସଉତୁଣୀ ହୋଇପାରେ ସେ ଭଳି ନାରୀ ଏହି କଳି କାଳରେ ନୂତନ ଇତିହାସ କିମ୍ବା ନୂତନ ପୁରାଣ ସୃଷ୍ଟି ରଚିଗଲା । ସେଦିନ ତ୍ରେତୟାରେ କୈକେୟୀ ରାମଚନ୍ଦ୍ରଙ୍କ ନିଜ ମାଆ ନହୋଇ ମଧ୍ୟ ରାମଚନ୍ଦ୍ରଙ୍କୁ ଚଉଦବର୍ଷ ବନବାସ ପଠେଇଥିଲେ ନିଜ ପୁଅ ଭରତ ରାଜା ହେବା ପାଇଁ । କିନ୍ତୁ ସେଥିରେ ସମଗ୍ର ବ୍ରହ୍ମାଣ୍ଡର ଲାଭ ହୋଇଥିଲା ମର୍ଯ୍ୟାଦା ପୁରୁଷ ବନବାସ ଗଲେ ସୀତା ହରଣ ପରେ ରାବଣକୁ ବଧ କରିଥିଲେ । ଯାହା ପାଇଁ ରାମଚନ୍ଦ୍ର ଯେତେବେଳେ ଅଯୋଦ୍ଧା ଫେରି କୈକେୟୀଙ୍କୁ ପ୍ରଣାମ କରିବାକୁ ଯାଇଥିଲେ କୈକେୟୀ ମୁହଁ ଦେଖେଇବା ପାଇଁ ରାମଚନ୍ଦ୍ରଙ୍କୁ ଚାହିଁ ନଥିଲେ କିନ୍ତୁ ରାମଚନ୍ଦ୍ର କହିଥିଲେ ନାଇଁ ମା ତୁମେ ଯଦିଓ ଏଭଳି କରି ନଥାନ୍ତ ଆଜି ବିଶ୍ୱବ୍ରହ୍ମାଣ୍ଡର ମଂଗଳ କିପରି ହୋଇଥାନ୍ତା । ଏହା କଥା ଶୁଣି ସେଦିନ କୈକେୟୀ କହିଲେ ସବୁ ଜନମରେ ତୁମ ଭଳି ପୁତ୍ର ସଭିଙ୍କୁ ପ୍ରାପ୍ତ ହେଉ । ଏପଟେ ପୁଣି କହିଲେ ସଦାଶିବ ଶୁଣ ମଉନାବତୀ ଯଦିଓ ତୁମେ ମଦର ଟେରେସା ହୋଇ ମୋ ପୁଅ ବୋହୂଙ୍କୁ ନିଜର କରିପାରିଥାନ୍ତ ତୁମକୁ ଏହି ସମାଜ ସାବତ ମାଆ ହୋଇ ମଧ ବାଃ ବାଃ କହିଥାନ୍ତେ । ଆଉ ନିଜ ବୋହୂକୁ ଆପଣେଇ ପାରିଥାନ୍ତ ମୁଁ ବହୁତ ଖୁସିହୋଇଥାନ୍ତି । କିନ୍ତୁ ତୁମେ ଶେଷରେ ଶାଶୁରୁ ସାଜିଲ ସଉତୁଣୀ । ଆଉ ଲୋକ ଯାହା କହୁଥିଲେ ସେଇୟା ଠିକ୍ ଏହି ସ୍ନେହାଲିନ୍ ବୋଧେ ତୁମ ପାପ ଗର୍ଭରୁ ସୃଷ୍ଟି । ଏହା ଶୁଣି ଗାଁଲୋକେ କହିଲେ ଠିକ୍ କହିଚ ସଦାଶିବ ଏ ନାରୀ ଶାଶୁରୁ ପାଲଟିଛି ସଉତୁଣୀ । ଶେଷରେ ମିରା ଛାଡ଼ପତ୍ର ନେଇ ବିଦାୟ ହେଲା ଆଉ ମଉନାବତୀ ଗିରଫ ହୋଇ ଥାନାକୁ ଗଲା ଆଉ ଏପଟେ ମିରା ଗଲାବେଳେ କହିଗଲା ଜୀବନର ସବୁ ସୁଖ ମୋର ମାଟିରେ ମିଶେଇ ଦେଲ ଶାଶୁ ମା ଓରଫ ମୋ ସଉତୁଣୀ । ତୁମେ ଏହି ସମାଜରେ ଶାଶୁ ନାମରେ କଳଙ୍କ । ଶୁଣିଥିଲି ଶାଶୁମାନେ ନିର୍ଯ୍ୟାତନା ଦିଅନ୍ତି ଯୌତୁକ ପାଇଁ ତୁମେ କିନ୍ତୁ ସମସ୍ତଙ୍କଠାରୁ ନିଆରା । ତୁମେ କାମାନ୍ଧ ନାରୀ ଆଉ ଯିଏ ନିଜ ବୋହୂର ସଉତୁଣୀ ହୋଇପାରେ ସେହିଭଳି ନାରୀକୁ କଣ ଏ ସମାଜ କହିବ ମୁଁ ଜାଣେନା କିନ୍ତୁ ତୁମେ ମୋ ପାଇଁ ଥିଲ ସଉତୁଣୀ । ଏଠି କିଛି ଲୋକ ମିରାକୁ କହିଲେ ତୁ ତୋ ଦିଅରକୁ ଦ୍ୱିତୀୟ ବିବାହ କରି ସଦାଶିବ ବାବୁଙ୍କ ଘରେ ତାଙ୍କ ଘରେ ବୋହୂ ହୋଇ ରହ କିନ୍ତୁ ମିରା କହିଲା ମୁଁ ଜୀବନରେ ଥରେ ବିବାହ କରିଥିଲି ସେ ମୋ ପାଇଁ ଦେବତା । ଆଜି ତାଙ୍କଠୁ ଦୂରେଇ ରହିଲେ ବି ସେ ମୋ ସ୍ୱାମୀ । କିନ୍ତୁ ଏହି ସମାଜ ଆଜି ଜାଣୁ ଏମିତି ଯୌତୁକ ନାଁରେ କେତେ ମୋ ଭଳି ମିରା ଟଳି ପଡୁଛନ୍ତି ମୃତ୍ୟୁ ଭାବେ କିମ୍ବା ଅନ୍ୟ ଯେକୌଣସି ମାଧ୍ୟମରେ ନିର୍ଯ୍ୟାତନା ପାଇ ଯାହାର ଅସଲ ପରିମାପ ଖୋଜି ପାଇବା ବହୁତ କଷ୍ଟସାଧ । ଏଠି କହୁନି ସମସ୍ତେ ମଉନାବତୀ ସଦୃଶ । କିନ୍ତୁ ବିଭିନ୍ନ ବାଟରେ ଏଠି ଗରିବ ଝିଅମାନେ ନିର୍ଯ୍ୟାତିତ । କ'ଣ ଏହା ଠିକ୍ ନା ଭୁଲ ଆପଣ କୁହନ୍ତୁ । କିନ୍ତୁ ଏତିକି କହିବି ଏହି ଭଳି ନାରୀଙ୍କ ଠାରୁ ଦୂରେଇ ରୁହନ୍ତୁ ଆଉ ସଚେତନ ହୁଅନ୍ତୁ ମଧ ।

ବାଲିଝରୀ, ନରସିଂହପୁର, କଟକ ।

# ମହୁଲ ଫୁଲର ଟୋକେଇ

- ଦୁଷ୍ମନ୍ତ ବେହେରା


ଘଞ୍ଚ ଜଙ୍ଗଲ ପାହାଡ଼ ତଳେ ଛୋଟିଆ ଗାଁ ଟିଏ । ଗାଁ ଚାରିପାଖକୁ ଘେରି ରହିଛି ବଣ ଜଙ୍ଗଲ । ସେହି ପାହାଡ଼ ତଳେ ବାସ କରନ୍ତି ଧୂଳିଆ କୁଡ଼ । ପରିବାର କହିଲେ ସ୍ତ୍ରୀ ଡଲି କୁଡ଼ ପୁଅ ରୋଧି ଓ ଝିଅ ତନୁଜା । ଘର ଚଳିବା ପେଟକୁ ଗଣ୍ଡିଏ ଖାଇବା ନିତିଦିନିଆ ଆଖିର ଚାହାଣୀ ପେଟର ଭୋକ ନିଜ ଉପରେ ଦାଉ ସାଜୁଥିଲା । ଜୀବନ ବଞ୍ଚିବାର ଆଶା ଜଙ୍ଗଲ ଉପରେ ନିର୍ଭର କରିବାକୁ ପଡୁଥିଲା । ଯାହା ଜଙ୍ଗଲରୁ ମିଳିଯାଏ ପରିବାର ସେଥିରେ ଚଳନ୍ତି । କିନ୍ତୁ ପେଟକୁ ଭୋକ ସିନା ବୁଝିଯାଏ, ଗରିବ ମନର ଭୋକକୁ ବୁଝିଲେ ବୁଝିହୁଏନା । ଏ ଦେହତ ଭୋକ ପାଇଁ ଜୀବନ ନେଉଛି । ଧୂଳିଆ କୁଡ଼ ଉପରେ ପରିବାର ବୋଝ ପ୍ରତିଦିନ ଜଙ୍ଗଲକୁ ଯାଇ ଗଛର ଫଳ ଫୁଲ କାଠ ପତ୍ର ଘରକୁ ଆଣନ୍ତି । ଆଉ କିଛି ବିକ୍ରି କରିଦିଅନ୍ତି । ସେଇ ପଇସାରେ ଚାଉଳ ତେଲ ଡାଲି କିଣି ଘରକୁ ଆଣନ୍ତି । ପ୍ରତିଦିନ ଗୁଜୁରାଣ ମେଣ୍ଟିଯାଏ । ସକାଳ ହୋଇ ବେଳ ବୁଡ଼ିବାକୁ ବସିଲାଣି କିନ୍ତୁ ଧୂଳିଆ କୁଡ଼ ଘରକୁ ଫେରି ପାରନ୍ତି ନାହିଁ । ଦେହଟା ତାତିରେ ଖଇ ଫୁଟୁଛି ଦେହରେ ବଳ ନାହିଁ କି ପାଦେ ଚାଲି ଘରକୁ ଯିବା ପାଇଁ ଶକ୍ତି ନାହିଁ । ତନୁଜା ବାପାଙ୍କ ବାଟକୁ ଅପେକ୍ଷା କରି ବେଳ ବୁଡ଼ି ଗଲାଣି । ଏଣେ ଘରେ ମାଆ ରୋଗୀଣା ଅବସ୍ଥାରେ ବିଛଣାରେ ଶୋଇ ରହିଛି । ବେଳେବେଳେ ପଚାରୁଛି ତୋ ବାପା ଆସିଲେଣି । ଭାରି ଭୋକ ଲାଗୁଛି ତନୁଜା । ତନୁଜା ଡିବିରି ଆଲୁଅକୁ ଅନାଇ ଘର ଦ୍ୱାର ମୁହଁରେ ବସି ଅପେକ୍ଷା କରିଥାଏ ବାପାଙ୍କ ବାଟକୁ । ପେଟର ଭୋକ । ମନକୁ କେତେ ବା ବୁଝାଇବ । ଏ ପେଟ କଣ ଭୋକ ବୁଝିପାରୁଛି ସମୟ ବେଳ କିଛି ମାନୁନି । ଏ ନିଆଁ ଲଗା ପେଟଟା ଭାରି ଦାଉ ସାଧୁଛି । ସେଇ ସମୟରେ ସାନ ଭାଇ ରୋଧୀ କହିଲା କେତେଥର ପାଣି ପିଇ ପିଇ ରହିବି । ଏଇ କହୁଚୁ ବାପା ଆସିବେ ହେଲେ କାଇଁ ବାପା ଆସୁନାହାଁନ୍ତି ଆସି ସଞ୍ଜ ହେଲାଣି । ଏଣେ ଡିବିରି ଆଲୁଅରୁ କିରୋସିନ ସରି ଆସିଲାଣି ଅପେକ୍ଷାର ବାଟ କେତେବେଳେ ସରିବ ଆଉ କେତେବେଳେ ବାପା ଆସିବ । ଧୂଳିଆ କୁଡ଼ିଆ କଷ୍ଟେ ମଷ୍ଟେ ଗୋଟିଏ ଗୋଟିଏ ପାଦ ପକେଇ ଘର ଦୁଆରେ ପହଞ୍ଚି ଡାକିଲା ମା ତନୁଜା । ବାପାଙ୍କ ପାଟି ଶୁଣି ତନୁଜା ଦୁଆରକୁ ଧାଇଁ ଆସି ଦେଖିଲା ଦୁଆର ଆଗରେ ବାପା ଶୋଇ ରହିଛନ୍ତି । ଦେହରେ ହାତମାରି ଦେଖିଲା ଖଇ ଫୁଟୁଛି । ବାପାଙ୍କୁ ତ ଜ୍ୱର । ରୋଧୀ ଟିକେ ଆସିଲୁ ବାପାଙ୍କୁ ଟେକି ଘର ଭିତରକୁ ନେଇଯିବା ।

ମିଞ୍ଜି ମିଞ୍ଜି ଆଲୋକରେ ଦୁଃଖର ଆଶା ଠାରୁ ଲକ୍ଷ୍ୟ ଦେଖେଇ ଜୀବନ ଶୋଷ ଶୋଷି ନେଉଛି ଭୋକ । ରେ ଡିବିରି ତୁ ବି ସରିବୁ ମୋ ଦୁଃଖ କାଇଁ ସରୁ ନାହିଁ । ହେ ରାତି ତୁ ବି ସରିବୁ ମୋ ଦୁଃଖର ଦିନ କାଇଁ ସରୁନାହିଁ । ସକାଳୁ ରାତି ପର୍ଯ୍ୟନ୍ତ ପେଟକୁ ପୋଷେ ଖାଦ୍ୟ ଖାଇ ନାହିଁ । ଏଣେ ମାଆ ବାପା ବିଛଣାରେ ଜ୍ୱରରେ ପଡ଼ିଛନ୍ତି । କଣ କରିବି ଭାବୁ ଭାବୁ ସକାଳ ପାହିଗଲା । ଘରର ଦୁଃଖ ପେଟର ଭୋକ ବାଧ କରୁଥିଲା ରୋଜଗାର କରିବା ପାଇଁ । କଣବା କରିବ । ଜଙ୍ଗଲ ଉପରେ ନିର୍ଭର କରି ଘର ଚଳୁଥିଲା । ଏମିତି ଭାବୁଭାବୁ ମନେ ପଡ଼ିଲା ମହୁଲ ଫୁଲ କଥା । ଗଛରେ ମହୁଲ ଫୁଲ ଅଛି । ତଳେ ପଡୁଥିବ ମୁଁ ଗଲେ ମହୁଲ ଫୁଲ ଆଣିବି ଓ ଟୋକେଇ କ ପନ୍ଦର ଟଙ୍କାରେ ମହାଜନ ପାଖେ ବିକ୍ରି କରିବି । ତନୁଜା ଟୋକେଇ ଧରି ମହୁଲଫୁଲ ପାଇଁ ଜଙ୍ଗଲକୁ ବାହାରି ପଡ଼ିଲା । ମହୁଲ ଗଛ ପାଖରେ ପହଞ୍ଚି ଗଛ ମୂଳରେ ବସି ପଡ଼ି ଦେଖିଲା ମହୁଲଫୁଲ ପଡୁଛି । ଗୋଟିଏ ଗୋଟିଏ ପଡୁଥିବାର ଦେଖି ତନୁଜା କହିଲା ଏ ମହୁଲ ଫୁଲ ଗଛ ଗୋଟିଏ ଫୁଲ ଦେଲୁ ଯେ ଦେଲୁ କେମିତି ମୋ ଦୁଃଖ ଦେଖି ପାରୁନୁ । ଗୋଟିଏ ଫୁଲରେ ମୋ ଦୁଃଖ କଣ ସରିଯିବ ଏଣେ ମୋ ପରିବାରର ଅନେକ ଦୁଃଖ । ତୋ ଡାଳ ଉପରକୁ କେତେ ଅନେଇବି ଏଠି ମୋ ଅପେକ୍ଷାର ପରିହାସ କରୁଛୁ । ତୁ ମହୁଲ ଗଛ ଶେଷରେ ତୁ ମୋ ଗରିବ ଦେଖି ମିଠା ହସଟେ ହସୁଛୁ । ମୁଁ ତ ଜନମରୁ ଗରିବ କଣ ଦେଖି ତୁ ଆଉ ହସିବୁ । ମୋ ଯୌବନ ଗରିବ, ମୋ ହସ ଗରିବ, ମୋ ସୁନ୍ଦରତା ବି ଗରିବ । ମହୁଲ ଫୁଲ ଗୋଟିଏ ଗୋଟିଏ ପଡୁଥାଏ ଟୋକେଇରେ ଗୋଟିଏ ଫୁଲ ଥୋଉଥାଏ ।

ଏଇ ଟୋକେଇ ବି ଜମାରୁ ପୁରୁନାହିଁ ଶେଷରେ ମୋ ସାଥିରେ ଆସିଲୁ ମୋ ପରିହାସ ଦେଖି ତୁ ବି ହସିଲୁ । ସମୟ ସ୍ରୋତରେ ଭାସି ଯାଉଛି ମୋ ହସ ଗରିବ ଦେଖି ଦୁନିଆ ହସୁଛି ତୁ ବି ଟୋକେଇ ହସିଲୁ । ମହୁଲ ଗଛ କହିଲା ରେ ତନୁଜା ମୁଁ ତ ଦୁଃଖ ଦେଖି ହସୁନାହିଁ । ମୁଁ ଗଛ ସମସ୍ତଙ୍କର ଉପକାର କରେ କିନ୍ତୁ ମୋ ଉପକାର ଏଠି କେହି ବୁଝନ୍ତିନି । ମୁଁ ସବୁ ଦାନ କରେ ମୋ କାଠ ଡାଳ, ପତ୍ର, ଫୁଲ, ଫଳ କିନ୍ତୁ ମୋତେ ଶେଷରେ ହାଣି ସଫା କରି ଦିଅନ୍ତି । ତୁମେ ତ ଧାଇଁ ଆସିଛ ତୁମ ଜୀବନ ବଞ୍ଚାଇବାକୁ ମୋ ପାଖକୁ ମୁଁ ତୁମ ଜୀବନ ରଖିବି ହଁ । ମହୁଲ ଗଛ ମୋ ବନ୍ଧୁ ମୋ ଗରିବ ଭୋକ ପାଇଁ ମୁଁ ତୁମ ପାଖକୁ ଧାଇଁ ଆସିଛି । ମୋ ଦୋଷ ମୁଁ ଜାଣି ନାହିଁ । ହଁ ମୁଁ ଜନମରୁ ଗରିବ । ମହୁଲ ଗଛ ଖୁସି ହୋଇ ହଲିବାକୁ ଲାଗିଲା ଡାଳ ଗୁଡ଼ିକ ପବନରେ ହଲି ମହୁଲ ଫୁଲ ତଳେ ପଡ଼ିଲା । ଯେତେ ନେଉଛୁ ନେ ଏବେ ତୋ ଟୋକେଇ ଫୁଲ୍ ହୋଇଯିବ । ତନୁଜା ଜଙ୍ଗଲରୁ ମହାଜନ ପାଖରେ ପହଞ୍ଚି ମହୁଲ ଫୁଲ ଟୋକେଇ ବିକ୍ରି କଲା ପନ୍ଦର ଟଙ୍କା ହେଲା ସେଇ ପନ୍ଦର ଟଙ୍କାରେ ଚାଉଳ, ତେଲ, ଡାଲି କିଣି ଘରକୁ ଫେରିଲା । ରୋଧୀ ଭଉଣୀକୁ ଦେଖି ଖୁସି ହୋଇ କହିଲା ମୋ ପାଇଁ ଖାଇବା ଆଣିଛୁ । ହଁରେ ଚାଉଳ, ତେଲ ଡାଲି ଆଣିଛି । ଚାଲ ମିଶି ରୋଷେଇ କରିବା ।

ବିଛଣାରେ ପଡ଼ିଥିବା ମାଆ ବାପା ଦେଖି କହିଲେ ମୋ ଝିଅ ଯେଉଁ ବୟସରେ ହସ ଖୁସିରେ ଖେଳିବା କଥା ସେଇ ବୟସରେ ଘରର ବୋଝ ବୁଝୁଛି । ଏ ଦୋଷ ଆମ ଗରିବର ହେ ଭଗବାନ ଦୁଃଖ ଭିତରେ ଯେଉଁ ହସ ଫୁଟେ ସେଇ ହସ ସରଗ ଠାରୁ ବେଶୀ ହୋଇଯାଏ । ମୋ ଝିଅ ସୁନା ଝିଅ ମନ ହସିଲେ ଶରୀର ଆପେ ଆପେ ହସି ଉଠେ ତା ସାଙ୍ଗଙ୍କୁ ମୁହଁ ହସି ଉଠେ । ତନୁଜା ମାଆ ବାପଆ ଙ୍କ ସବୁଦିନ ପାଇଁ ଆଶା ଆଉ ଭରସା ହୋଇ ରହିଗଲା ।

ରାସୋଳ ମୁଣ୍ଡିଆପଷି, ଢ଼େଙ୍କାନାଳ ।

# ଅପେକ୍ଷା କର

- ଅକ୍ଷୟ ରାଉଳ

ରାତିପାହିବାକୁ ଆଉ କେତେଘଣ୍ଟା ଥିବ ବୋଧେ । ପାଖ ସର୍ଜରି ୱାର୍ଡ ଗଛ ଉପରୁ ଚଢେଇମାନଙ୍କ ନିଦ ଭାଙ୍ଗିବା ଭଳି ମନେ ହେଉଛି । ରତନା ବାରଣ୍ଡା ପାଖ ଗ୍ରୀଲ ଦେଇ ଆକାଶକୁ ଅନେଇଲା । ବର୍ଷେ ହେଲା ଏଇ ପେଟ ଘା'ଟା ତାକୁ କେତେ ଡହଳ ବିକଳ କଲାଣି । ଅପରେଶନ କରିଦେଲେ ସବୁ ପୁଣି ଆଗପରି ହେଇଯିବ । ଏଇ ମାତ୍ର କେଇଟା ବେଳକୁ ଅପେକ୍ଷା । ସକାଳ ହେଲେ ଡାକ୍ତର ବାବୁ ଆସିବେ । ତାକୁ ଗୋଟିଏ ବେଡ ମିଳିଯିବ । ଦିନ କେଇଟାରେ ସେ ଭଲହୋଇ ଅଣ୍ଟା ଶଳଖିବ । ପୁଣି ଫୁଟବଲ ପଡିଆରେ କେତେ କେତେ ଖେଳାଳୀଙ୍କୁ ପଛରେ ଦଉଡ଼େଇବ, ପୋଖ'ତ ଖେଳାଳୀ ସେ ପରା । ଚା' ଖଟିରେ ବଡ ପାଟିର ଦେଶର ପୁରୁଣା ଘୁଣ ଖାଇଯାଇଥିବା ବ୍ୟବସ୍ଥା ବିରୁଦ୍ଧରେ ଗପିବ । ଗୋଟିଏ ନୂଆ ଦୁନିଆ ପାଇଁ ଆଶା ଦେଖେଇବ ଇତ୍ୟାଦି ଇତ୍ୟାଦି... ।

ସେଇ ସକାଳ ! ନୂଆ ସକାଳ ।

କାହାପାଇଁ ଭୋକ ନଥିବ, କେଉଁ ପିଲାର ପାଠପଢା ଟଙ୍କା ପଇସା ପାଇଁ ଅଟକି ଯିବନି । ଚିକିତ୍ସା ନପାଇ କେହି ମରିବେନି । କେହିନଥିବେ ଧନୀ ନାଁ କିଏ ଦରିଦ୍ର । ମିଛ ଭିତ୍ତିପ୍ରସ୍ତର ନଥିବ, ନଥିବ ବିକାଶର ଡିଣ୍ଡିମ ପିଟୁଥିବା ମାଳ ମାଳ ନିର୍ବାଚନ । ଆଉ ଭାରତୀୟ ଶବ୍ଦ କୋଷରେ ଦୁର୍ନୀତି ବୋଲି ଶବ୍ଦଟା ଆତ୍ମହତ୍ୟା କରିସାରିଥିବ । ମିଛ, ଖଚ, ଚୋରି, ଡକାୟତ୍, ହାନି-ଲାଭ, ଅପକର୍ମ, ଦୁଷ୍କର୍ମ, ମର୍ଡର ଶବ୍ଦମାନେ ଇତିହାସର କେଉଁ ଦୁସ୍ଥ ଆଉ ଶଢାପଚା ସଂଗ୍ରହାଳୟରେ ମୁହଁ ଲୁଚେଇ ରହିଯାଇଥିବେ । ଥିବ କେବଳ ମୋ ଦେଶ, ଭାରତବର୍ଷ । ସାମାଜିକ, ରାଜନୈତିକ ଓ ଅର୍ଥନୀତିର ଏକ ବିଶେଷ ବୈଜ୍ଞାନିକ ବ୍ୟବସ୍ଥାର ଦେଶ । ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି କଳା ସାହିତ୍ୟ ସଂସ୍କୃତିର ଶ୍ରେଷ୍ଠ ଦେଶ । କଳ କାରଖାନା, ଚାଷବାସ, ଶିକ୍ଷା, ଗବେଷଣା, ବିକାଶରେ ଆକାଶ ଛୁଉଁଥିବ । ମୋ'ଦେଶ ଥିବ ସାରା ଦୁନିଆର ଶୀର୍ଷରେ ଏକ ଦେଶ ସ୍ୱର୍ଣ୍ଣପ୍ରସୁ ଭାରତବର୍ଷ ।

ଏତିକି ବେଳେ ପୁଣି ତାର ମୁଣ୍ଡ ବୁଲେଇଦେଲା, ପେଟ ବିନ୍ଧିଲା, ପୂର୍ବପରି ଦୁଇ ପାପୁଲିରେ ପେଟକୁ ଚାପିଥରି ବିକଟାଳ ଚିତ୍କାରରେ ସର୍ଜରି ୱାର୍ଡ ବାରଣ୍ଡାରେ ରତନା ଗଡୁଥିଲା ଆଉ ଗୋଟେ ସକାଳ ଅପେକ୍ଷାରେ । ତିନି ଦିନ କେବଳ ଏଇ ବାରଣ୍ଡାରେ ଚାଲିଗଲାଣି । ଆଖପାଖରେ ସପ, ଚଟେଇ ପାରି ଏମିତି କେତେ ରୋଗୀ ତାଙ୍କର ନିଜ ନିଜର ପାଳି ପଡିବା ଅପେକ୍ଷାରେ ଥିଲେ ବି ସକାଳ ହେବାରୁ ରତନାର ଯନ୍ତ୍ରଣା ଦେଖି ସେମାନଙ୍କ ଆତ୍ମୀୟମାନେ ଡାକ୍ତର ବାବୁଙ୍କୁ ନେହୁରା ହେଲେ । ଆମର ପଛେ ଆଉ ଦୁଇ ତିନି ଦିନ ଡେରିହେଲେ ଚଳିବ ବାବୁ, ରତନା କଥା ଆଗ ବୁଝନ୍ତୁ । ବିଚାରର କେହିଁ ନାହିଁ, ଆଉ ସେ ଏତେ କଷ୍ଟ ପାଉଛି ଯେ ଆମେମାନେ ତା କଷ୍ଟରେ ଏଇ ତିନି ଦିନ ହେଲା ଶୋଇ ପାରିନାହୁଁ । ନିହାତି ଅସହାୟ ଆଜ୍ଞା ! ଗରିବ ବୋଲି ଅନ୍ୟ ଉପାୟ ନ ପାଇ ଏତେ କଷ୍ଟକୁ ସେ ଭାଗ୍ୟରେ ଅଛି ଭାବି, ଆଦରି ସହି ନେଉଛି ।

ମୁଁ କ'ଣ କରିପାରିବି; ଏପଟେ ୱାର୍ଡରେ ବେଡ ଖାଲି ନାହିଁ, ସେପଟେ ଅଲଟ୍ରାସାଉଣ୍ଡ ମେସିନ ଖରାପ, ରୋଗୀ ଘରୋଇ ନର୍ସିଂହୋମକୁ ଯାଇ ପାରିବନି; ମୁଁ ଡାକ୍ତର ନା ଭଗବାନ ପାଟିକରି କହିଲେ ଡାକ୍ତରବାବୁ । ଆହୁରି ବି କହୁଥିଲେ ଖାଲି ଆମ ସର୍ଜରୀ କାହିଁକି, ସବୁ ୱାର୍ଡର ଅବସ୍ଥା ଏଇଆ । ଅର୍ଥପେଡିକ୍ସ, ୟୁରୋଲୋଜି, ନିରୋଲୋଜି, ହୃଦରୋଗ, କଲେରା, ଟ୍ରମାକେୟାରର ଅବସ୍ଥା ଆହୁରି ଭୟଙ୍କର । ଏତକ କହି ଡାକ୍ତର ବାବୁ ଗାଡି ବାହାର କରି ମେଡିକାଲ ହତା ବାହାରକୁ କେଉଁଆଡେ ତର ତରରେ ଚାଲିଗଲେ । ଗୋଟେ କେଉଁ ନର୍ସିଂହୋମରେ ରୋଗୀଟି ଡାକ୍ତରଙ୍କ ଅପେକ୍ଷାରେ ଯନ୍ତ୍ରଣାକୁ ଜାବୁଡି ଧରିଥିଲା ବୋଲି ଡାକ୍ତର ବାବୁ ଫୋନରେ କାହାକୁ କହୁଥିଲେ ।

ଦ୍ୱିପ୍ରହର ଗଡିଗଲାଣି, ରତନା ସେମିତି ସର୍ଜରି ବାରଣ୍ଡାରେ ପେଟଧରି ଗଡୁଥିଲା, ତା ସ୍ୱର ଧିରେ ଧିରେ ନରମି ଯାଉଥିଲା । ଆଉ ଗୋଟାଏ ସକାଳକୁ ଅପେକ୍ଷା କରିବାକୁ ରତନାର ଦେହ ଭରଷା ଗୋଟେଇ ପାରୁନଥିଲା । ବାରଣ୍ଡା ବାହରେ କିଛିଲୋକ କଥାବାର୍ତ୍ତା ହେଉଥିଲେ, କିଛିଦିନ ଅପେକ୍ଷା କର ସବୁ ଠିକ୍ ଠାକ୍ ହୋଇଯିବ । ଲୋକେ ଆଉ ଚିକିତ୍ସା ଅବହେଳାରୁ ପୋକମାଛି ପରି ମରିବେନି । ମହାନଦୀ ଶଯ୍ୟା ପୋତା ସରିଛି, ସେଠାରେ ବଡ ବଡ ମଲ୍ଟି ଷ୍ଟୋରେଜ ୱାର୍ଡ ହେବ । ସରକାର ଦେଶର ବଛା ବଛା ସ୍ପେସାଲିଷ୍ଟମାନଙ୍କୁ ଏଇଠି ନିଯୁକ୍ତି ଦେବେ, ଅତ୍ୟାଧୁନିକ ଚିକିତ୍ସା ଆଉ ନିଦାନ ପାଇଁ ଯନ୍ତ୍ରପାତି ଆସିବ, ବଡବଡ ଔଷଧ ଦୋକାନ ସାଙ୍ଗକୁ ସିନେମା ହଲ, ପଞ୍ଚତାରକା ହୋଟେଲ ହେବ, ଅବଶିଷ୍ଟ ମହାନଦୀର ନୀଳ ଜଳରେ ସୁଇମିଙ୍ଗ ସିଷ୍ଟମ ରହିବ, ଫୁଡ୍‌କୋଟ୍, କ୍ୟାଫେ, ରିଟେଲ ସପ୍, ପାର୍କ ଆଉ କେତେ କଣ ରହିବ । ଏ ସବୁ ଦେଖି ରୋଗୀର ଯନ୍ତ୍ରଣା ଅଧା ଭଲ ହୋଇଯିବ ପରା ।

ସେପଟେ ରାଣୀହାଟ, ଯୋବ୍ରା ରୋଡ ପ୍ରଶସ୍ତି କରଣ ସରିଛି, ମଧୁପାଟଣା ପଟୁ ବସ୍ତି ଉଚ୍ଛେଦ କାମ ଶେଷ ପର୍ଯ୍ୟାୟରେ । ଏସ୍.ସି.ବି ହେବ ୱାର୍ଲଡ କ୍ଲାସ ହସ୍ପିଟାଲ ପୁରା ୱାର୍ଲଡ କ୍ଲାସ । ଅପେକ୍ଷା କର... ଅପେକ୍ଷା.... ।


ରତନାର କାନରେ ସେସବୁ ଶବ୍ଦଗୁଡା ଗେଞ୍ଜି ହେଇ ଯାଉଥିଲା । କ'ଣ ଗୋଟେ କହିବାକୁ ଚାହୁଁଥିଲା ସେ, ତାର ଆଖି ବଡ ବଡ ହୋଇଗଲା, ତଣ୍ଟି ଶୁଖି ଆସୁଥିଲା, ହୁଁ ନାହିଁ କି ଚୁଁ ନାହିଁ । ତାପେଟ ପାଖରୁ ହାତ ପାପୁଲି ଦୁଇଟା ବାହାରି ଯାଇ ନିସ୍ତେଜ ହୋଇ

ପଡି ରହିଲା । ରତନାର କ'ଣ ହୋଇଗଲା ବୋଧେ । ତା' ପାଖରେ କାଲିକୁ ଆପେକ୍ଷା କରି ପଡିଥିବା ରୋଗୀମାନେ ଛୁଇଁ ଦେଲେ ମାରା ହୋଇଯିବେ ଭାବି ଦୂରକୁ ଘୁଞ୍ଚିଗଲେ ।

ରାତି ଅଧବେଳକୁ ଦୁଇଜଣ ଖାକି ପୋଷାକ ପିନ୍ଧା ମେଡିକାଲ କର୍ମଚାରୀ ରତନାକୁ ଷ୍ଟ୍ରେଚରରେ ଶବ ଘରକୁ ବୋହି ନେଲାବେଳେ କହୁଥିଲେ ଗେଣ୍ଡା ଟା ହେବ ଏଠି ! ଆମେ ସେ ସବୁ ଚାଲ୍ ଜାଣିଛୁ । ସବୁ ମିଛ ଆଞ୍ଚା । ଏଠି ଲୋକେ ଗୋଟେ କଥା କହନ୍ତି, ଆଉ କରନ୍ତି, ଆଉ କିଛି, ମିଛ ମତୁଆଲାରେ ଲୋକେ ନିଜ ଅଧିକାରକୁ ଭୁଲିଯାଇ ଭାଗ୍ୟ ଆଉ ଭଗବାନଙ୍କୁ ଆଦରି ନିଅନ୍ତି । ଖାଲି ମିଛ, ପୁଳା ପୁଳା ମେଞ୍ଚା ମେଞ୍ଚା ବଲବଲ ନିର୍ଭେଜାଲ ଡାହା ମିଛ ।

ସର୍ଜରୀ ବାରଣ୍ଡା ଗ୍ରୀଲ ଭିତରଦେଇ ରୋଗୀମାନେ ସେଇ ଡେଙ୍ଗା ଗଛକୁ ଅନେଇଥିଲେ । ଚଢେଇମାନଙ୍କ ନିଦ ଭାଙ୍ଗିଆସୁଛି ବୋଧେ । ସେମାନଙ୍କ କିଚିରି ମିଚିରି ସ୍ୱର ଆଉ ରତନା କାନରେ ପହଁଚି ପାରୁନଥିଲା । ବାରଣ୍ଡାରେ ରୋଗୀମାନେ ପୁଣି ଗୋଟାଏ ସକାଳେ ହେବାଯାଏ ସେଇ ଡେଙ୍ଗାଗଛକୁ ଗ୍ରୀଲ ଫାଙ୍କ ଦେଇ ଅନେଇ ଅନେଇ ଅପେକ୍ଷା କରୁଥିଲା ।

nuaprithivi@gmail.com

# ଅସହିଷ୍ଣୁତା ସମ ନାହିଁ ମାରାତ୍ମକ ବ୍ୟାଧି

– ମୀରା ବେଉରା

ଗୋଟିଏ ସରୋବରରେ ଗୋଟିଏ ବିଚିତ୍ର ପକ୍ଷୀଟିଏ ରହୁଥିଲା । ନାଁ ଥିଲା ତାର ଭାରଣ୍ଡ । ଏହି ପକ୍ଷୀର ଦୁଇଟି ମୁହଁ ମାତ୍ର ଗୋଟିଏ ପେଟ ଥିଲା । ଯାହା ଖଇଲେ ସେହି ଗୋଟିଏ ପେଟକୁ ଯାଏ । ଦିନେ ପ୍ରଥମ ମୁହଁ ଅମୃତ 'ଳଟିକୁ ପାଇ ଖାଇବାକୁ ଲାଗିଲା । ପ୍ରଥମ ମୁହଁକୁ ଦ୍ୱିତୀୟ ମୁହଁ କହିଲା ସେ ମିଠା 'ଳରୁ ମୋତେ କିଛିଦିଅ, କିନ୍ତୁ ପ୍ରଥମ ମୁହଁ ଚତୁରତାର ସହ ହସିହସି ମନା କରିଦେଲା ଏବଂ କହିଲା, ଯିଏ ଖାଇଲେବି ସେହି ଗୋଟିଏ ପେଟକୁ ଯିବ । ଏହାର କିଛିଦିନ ପରେ ଦ୍ୱିତୀୟ ମୁହଁ ବିଷ 'ଳଟିଏ ପାଇ ଖାଇବାକୁ ଆରମ୍ଭ କଲା । ପ୍ରଥମ ମୁହଁ ଦ୍ୱିତୀୟ ମୁହଁକୁ ବିଷ'ଳ ନ ଖାଇବାକୁ କହିଲା ଏବଂ ଏଥିରେ ଦୁହିଁଙ୍କର ଜୀବନ ଚାଲିଯିବ ଜାଣି ସୁଦ୍ଧା ପୂର୍ବ ଅପମାନର ପ୍ରତିଶୋଧ ନେବାପାଇଁ ଦ୍ୱିତୀୟ ମୁହଁ ବିଷ'ଳଟିକୁ ଭକ୍ଷଣ କଲା । ପକ୍ଷୀଟିର ମୃତ୍ୟୁ ହେଲା । ଏହି କାହାଣୀଟିକୁ କହିବାର ତାତ୍ପର୍ଯ୍ୟ ହେଉଛି ଆଜି ଯେଉଁଭଳି ଭାବେ ଅସହିଷ୍ଣୁତା ଭଳି ମାରାତ୍ମକ ବ୍ୟାଧି ଧିରେଧିରେ ସମାଜରେ ଏବଂ ସମଗ୍ରବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି ଠିକ୍ ସେହି ଅନୁପାତରେ ମଣିଷ ଭିତରେ କ୍ରୋଧ, ହିଂସା, ଇର୍ଷା, ଅସହିଷ୍ଣୁତା ଆଦି ବୃଦ୍ଧି ପାଇବାରେ ଲାଗିଛି । ଏହିଭଳି ଆତ୍ମଘାତୀ ଚିନ୍ତାଧାରାରେ କବଳିତ ହୋଇ ମଣିଷଟିଏ ପ୍ରତିମୁହୂର୍ତ୍ତରେ କହୁଛି "ମୁଁ ମଲେପଛେ ମରେ, ତୁ କିନ୍ତୁ ମର ।"

କହିବାର ତାତ୍ପର୍ଯ୍ୟ ହେଉଛି "ସ୍ୱାମୀ ପଛେ ମରୁ, ସଉତୁଣୀ ବିଧବା ହେଉ ।" ଏହି ମଣିଷ ଜାଣିଛି ଯେ ମୃତ୍ୟୁ ଅବସ୍ୟମ୍ଭାବୀ । ପ୍ରତି ମୁହୂର୍ତ୍ତରେ ଲୋକ ଏଠି ମୃତ୍ୟୁ ସହ ଲଢୁଛି । ମୃତ୍ୟୁର ଶୀତଳ ସ୍ପର୍ଶରେ ଜୀବନ ହାରୁଛି, ତଥାପି ମଣିଷ ମନରେ ସ୍ନେହ, ମମତା, ପ୍ରେମ, ସଦିଚ୍ଛା ଭଲପାଇବା ଅପସରି ଯାଉଛି । ତା' ଭିତରେ ବୃଦ୍ଧି ପାଉଛି ପ୍ରେମ ବଦଳେ ଛଳନା । ମଣିଷ ଆଜି ଅମୃତର ସନ୍ଧାନ କରିବା ପରିବର୍ତ୍ତେ ବିଷ ପଛରେ ଧାଇଁ ସୃଷ୍ଟିକୁ ସମ୍ପୂର୍ଣ୍ଣ ବିନାଶ କରିବାକୁ ପ୍ରତିଶୃତିବଦ୍ଧ ରହୁଛି । ମଣିଷ ମଣିଷକୁ ଘୃଣା କରୁଛି । ତା'ଭିତରେ ପ୍ରତିଯୋଗୀତା ଏତେ ମାତ୍ରାରେ ବୃଦ୍ଧି ପାଉଛିଯେ ଶାନ୍ତିପାଇବା ପରିବର୍ତ୍ତେ ଅଶାନ୍ତ ପରିବେଶକୁ ସେ ନିଇତି ନିମନ୍ତ୍ରଣ କରୁଛି । ବିଶ୍ୱରେ ଏହି ଶାନ୍ତି ସ୍ଥାପନପାଇଁ ଦେଶଦେଶ ମଧ୍ୟରେ କେତେ ଆଲୋଚନା ଓ ଚୁକ୍ତି କରାଯାଇଛି, ହେଲେ ଶାନ୍ତି କାହିଁ ? ଯୁଦ୍ଧର ଘନଘଟା କଳାବାଦଲ ଯେମିତି ଶାନ୍ତିର ଆକାଶକୁ ଘୋଡ଼ାଇ ରଖିଛି । ଯୁଦ୍ଧରେ ବିଜୟ ଲାଭ ପାଇଁ ଭରପୁର ଅସ୍ତ୍ରଶସ୍ତ୍ରର ପ୍ରତିଯୋଗୀତା ଚାଲିଛି । ଏଠି ଶତ୍ରୁ ଚାହେଁ କଳେ ବଳେ କୌଶଳେ ଶତ୍ରୁକୁ ଜୟଲାଭ କରିବା । ତା'ର ବିସ୍ତାରବାଦୀ ଚିନ୍ତାଧାରା ବୃଦ୍ଧି ପାଇବାରେ ଲାଗିଛି । କେବଳ ମାରଣାସ୍ତ୍ର ନୁହେଁ ଆଣବିକ ଅସ୍ତ୍ର ଘୋର ପ୍ରତିଯୋଗିତା ଚାଲିଛି । ଜଳପଥ, ଆକାଶପଥ, ସ୍ଥଳପଥ ସବୁଠି ଯୁଦ୍ଧ ଚାଲିଛି ।

ଏଇଠି ପ୍ରଶ୍ନଟିଏ ଉଠୁଛି ଏ ଅସ୍ତ୍ରଶସ୍ତ୍ର କାହାପାଇଁ ? ଏହାର ଗୋଟିଏ ମାତ୍ର ଉତ୍ତର ହେଲା ମଣିଷ ମାରିବା ପାଇଁ । ଆମେ ପରସ୍ପରକୁ ଅସ୍ତ୍ରବଳରେ ଡ଼ରାଇ ନିଜେ କିନ୍ତୁ ଶାନ୍ତିରେ ରହିବାକୁ ଚାହୁଁ । ଏ ମଣିଷ ଭୁଲିଯାଉଛି ଯେ ନିଆଁ ଦ୍ୱାରା ଯେପରି ବସ୍ତୁ ଥଣ୍ଡା କରିବା ଅସମ୍ଭବ । ଅସ୍ତ୍ରଦ୍ୱାରା ଶାନ୍ତି ସ୍ଥାପନ ଠିକ୍ ସେହିପରି ଅସମ୍ଭବ । ଏହି ପ୍ରସଙ୍ଗରେ ଡ୍ୱାଇନ୍ ଆଇଜେନ୍ ହାୱାର କହିଥିଲେ- ପ୍ରତ୍ୟେକ ବନ୍ଧୁକ, ପ୍ରତ୍ୟେକ ଯୁଦ୍ଧ ଯାହାଜ ଓ ପ୍ରତ୍ୟେକ କ୍ଷେପଣାସ୍ତ୍ର ସୂଚନାଦିଅନ୍ତି ଯେ ଦେଶ କିଛି ଚୋରି କରିଛି କାହାଠାରୁ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଦୁଇ ବେଳା ମୁଠାଏ ଖାଇବାକୁ ପଉନଥିବା ଗରିବ ଠାରୁ, ଦେହ ଘୋଡ଼ଇବା ପାଇଁ ଲୁଗାଖଣ୍ଡେ ନଥିବା ଲୋକଠାରୁ, ପାଠ ପଢ଼ିବାପାଇଁ ପିଲାଙ୍କୁ ବହିଖାତା ଦେଇପାରୁନଥିବା ପିତାମାତାଙ୍କ ଠାରୁ ଚୋରି କରି ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି । ଏଇଠି ଗୋଟିଏ କଥା କୁହାଯାଇପାରେ ଯେ କେବଳ ଯେ ଅସ୍ତ୍ର ବଳରେ ବଳୀୟାନ୍ ହେବା ପାଇଁ ଦେଶ କେବଳ ଟଙ୍କା ଖର୍ଚ୍ଚ କରୁନାହିଁ, ଏହି ଦେଶର ଶ୍ରମିକମାନଙ୍କର ଝାଳ, ବୈଜ୍ଞାନିକମାନଙ୍କର ଜ୍ଞାନ ଓ ପିଲାମାନଙ୍କର ଆଶାକୁ ବି ଖର୍ଚ୍ଚ କରିଦେଉଛି । ପ୍ରକୃତ ଅର୍ଥରେ କହିବାକୁ ଗଲେ ଏହା ଦେଶ କି ସମାଜର କି ସମଗ୍ର ମାନବ ସମାଜର ପ୍ରଗତି ନୁହେଁ ବରଂ ବିନାଶ ବେଳେ ବିପରିତ ବୁଦ୍ଧି ଭଳି ମଣିଷ ସମାଜକୁ ସଂପୂର୍ଣ୍ଣ ଧ୍ୱଂସ କରିଦେବ । ଭୟଙ୍କର ଯୁଦ୍ଧର ବାଦଲ ତଳେ ମାନବଜାତି ଆଜି ଗୋଟିଏ ଲୁହା କ୍ରଶରୁ ଝୁଲୁଛି । ତ୍ରିଶଂକୁ ଅବସ୍ଥାରେ ତାର ଜୀବନ ବିପନ୍ନ ହେଉଛି ।

ଏହିସବୁ ଯୁଦ୍ଧ ଏବଂ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଦେଖିଲେ ଆମେ ଏ ପର୍ଯ୍ୟନ୍ତ ସଭ୍ୟ ମଣିଷ ବୋଲି ଓ ସଂସ୍କୃତି ସମ୍ପନ୍ନ ମଣିଷ ବୋଲି ଦାବୀ କରିପାରିବା ନାହିଁ । ଏହି ସସ୍ତ୍ର ପ୍ରତିଯୋଗିତାର ଜିଜ୍ଞାସା ଆମଠାରୁ ଦୂର ନ ହେବା ଯାଏ ଆମେ କଦାପି ନିଜକୁ ଶ୍ରେଷ୍ଠ ମଣିଷରେ ପ୍ରତିପାଦିତ କରିପାରିବା ନାହିଁ । ଭାରତୀୟ ସଂସ୍କୃତି ସଭ୍ୟତା ହେଉଛି ଉଦାରତା ଓ ସହନଶୀଳତାର ସଂସ୍କୃତି ଯାହା ଅହିଂସା, ପ୍ରେମ, ନିଃସ୍ୱାର୍ଥପରତା, ଛଳନାହୀନ ଭଲପାଇବା ଉପରେ ପ୍ରତିଷ୍ଠିତ । କ୍ରୋଧ, ହିଂସା, ଅସହିଷ୍ଣୁତା, ସ୍ୱାର୍ଥପରତା ଏହାର ପରିପନ୍ଥୀ । ବସୁଧୈବ କୁଟୁମ୍ବକମ୍ ନୀତିରେ ସମଗ୍ର ବିଶ୍ୱ ଦଣ୍ଡାୟମାନ ହେବା ଆବଶ୍ୟକ । ପ୍ରେମ ଏଭଳି ଏକ ଅସ୍ତ୍ର ଯେଉଁ ଅସ୍ତ୍ର ମାଧ୍ୟମରେ ଆମେ ସବୁକିଛି ଜୟ କରିପାରିବା । ହୃଦୟକୁ ଜୟ କରିବା ଠାରୁ ଆଉକିଛି ଜୟ କରିବା ପ୍ରକୃତ ଜୟ ନୁହେଁ । ଥରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଥିଲେ, ଯଦି ଜ୍ଞାନ ଆରୋହଣ କରିବାକୁ ଚାହଁ ତେବେ ଭାରତବର୍ଷକୁ ଯାଅ । ପ୍ରକୃତରେ ଜ୍ଞାନର ଦେଶ ହେଉଛି ଭାରତବର୍ଷ । ଯାହାର ସଂସ୍କୃତି ସ୍ନେହ, ଶ୍ରଦ୍ଧା, ଅହିଂସା, ଶାନ୍ତି, ମୈତ୍ରୀ ପ୍ରିତି, ସହିଷ୍ଣୁତା ଉପରେ

ଦଣ୍ଡାୟମାନ । ଆଜି ଯେଉଁ ଅସହିଷ୍ଣୁତା ଓ ସ୍ୱାର୍ଥପରତା ବୃଦ୍ଧି ପାଉଛି ପ୍ରକୃତରେ ସେହି ଅସହିଷ୍ଣୁତା ଓ ସ୍ୱାର୍ଥପରତା ପରି ବ୍ୟାଧି ଜଗତରେ ନାହିଁ । ଏହି ଅସହିଷ୍ଣୁତା ଏଭଳି ଏକ ମାରାତ୍ମକ ବ୍ୟାଧି ଯାହା ଅସ୍ତ୍ରଶସ୍ତ୍ରରେ ମ୍ନ ମାନବ ସମାଜରେ ବହୁଳ ଭାବରେ କ୍ଷତି କରିଥାଏ । ବିକାଶ ପରିବର୍ତ୍ତେ ମାନବ ସମାଜକୁ ବିନାଶ ଅଭିମୁଖୀ କରି କବଳିତ କରି ଧ୍ୱଂସ ନ କରିବ । ଏହି ଅସହିଷ୍ଣୁତାକୁ ପରିତ୍ୟାଗ କଲେ ଆମେ ସୁନ୍ଦର ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣ କରିବାକୁ ସକ୍ଷମ ପାରିବ ହୋଇପାରିବୁ ।

କାହାକୁ ଜଣା ନପଡ଼ିଲେବି ଭିତରେ ଭିତରେ ଏହା ମଣିଷଙ୍କୁ କର୍କଟ ବ୍ୟାଧିପରି ଧ୍ୱଂସ କରିଦିଏ । ସେ କାହାକୁ ଭଲପାଇପାରେନା । ଭଲପାଇବା ଏକ ଦିବ୍ୟ ଗୁଣ । ଏକ ମହୋଷୌଧି । ଯେଉଁ ପଥଦେଇ ସ୍ୱାମୀବିବେକାନନ୍ଦ, ମଦର ଟେରେସା, ଗୌତମବୁଦ୍ଧ, ନେଲ୍‌ସନ୍ ମଣ୍ଡେଲା, ଗୋପବନ୍ଧୁ, ଗାନ୍ଧୀ, ଯୀଶୁ ଆଦି ମହାନ୍ ଆତ୍ମାମାନେ ଗମନ କରନ୍ତି । ଏହି ମାରାତ୍ମକ ବ୍ୟାଧି ଯେ ଦିନେ ଧିରେ ଧିରେ ସମଗ୍ର ମାନବ ସମଜାକୁ କବଳିକ ନ କରିବ କିଏ କହିବ ? ମିଳିତ ଜାତିସଂଘ ବିଶ୍ୱରେ ଶାନ୍ତିସ୍ଥାପନା ପାଇଁ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ନିର୍ମାଣ କରାଯାଇଥିଲା । ଏହାର ମୂଳ ଆଭିମୁଖ୍ୟ ଥିଲା ଦେଶ ଦେଶ ମ୍ନରେ ଆନ୍ତର୍ଜାତିକ ସୁସମ୍ପର୍କ ସ୍ଥାପନ କରିବା ଏବଂ ପରସ୍ପର ପରସ୍ପରକୁ ସମ୍ମାନ ପ୍ରଦାନ କରିବା । କୌଣସି ରାଷ୍ଟ୍ର ନିଜର ତଥା ଅନ୍ୟଦେଶର ଆଭ୍ୟନ୍ତରିଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା । ପରସ୍ପର ସହାବସ୍ଥାନ ଗ୍ରହଣ କରିବା ।ପରସ୍କର ପ୍ରତି ସ୍ନେହ ମମତା ପ୍ରଦର୍ଶନ କରି ଶନ୍ତି, ମୈତ୍ରୀ, ପ୍ରିତି ଦେଶରେ ବଜାୟ ରଖିବା । ତେବେ ଆସନ୍ତୁ ଅସହିଷ୍ଣୁତା ପରିତ୍ୟାଗ କରି ସମଗ୍ର ମାନବ ଜାତିର ବିକାଶ ପାଇଁ କାର୍ଯ୍ୟ କରି ଚାଲିବା ।

ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ ।



# ଅଗ୍ନିପଥ

- ଗୀତାଞ୍ଜଳି ନାୟକ

ଅନ୍ଧାର ମାଡ଼ି ଆସିଲାଣି । ରାତି ବଢ଼ି ବଢ଼ି ଯାଉଛି । ଅନ୍ଧାର କ୍ରମେ ଗାଢ଼ ହୋଇ ଗଲାଣି । ଗଛରୁ ପକ୍ଷୀ ମାନଙ୍କର 'ଡ଼'ଡ଼ ହେଉଥିବା ଶବ୍ଦ ଶୁଭୁଛି । ଅଦୂରରୁ ବିଲୁଆମାନଙ୍କର ହୁକେ-ହୋ ଶବ୍ଦ, ରାତି ଏକ ପ୍ରକାର ହେଲା ବୋଲି ସଙ୍କେତ ଦେଉଥାଏ । ପଶୁ, ପକ୍ଷୀଙ୍କର ବିକଟାଳ ଶବ୍ଦରେ ମୋର ଛାତିଟା ଭୟରେ ଥରିବାକୁ ଲାଗୁଥାଏ । ମୋର ଚାଲିବା ଶକ୍ତି କ୍ରମେ ଅବଶ ହୋଇ ଆସୁଥାଏ । ମୋର ଛାତି ଧକ୍‌ଧକ୍ ପଡୁଥାଏ । ଏଣେ ଭୋକରେ ପେଟ କଅଁ କଅଁ କଲାଣି । ଆଗକୁ ଆହୁରି ବାଟ ଚାଲିବାକୁ ଅଛି । କଇଁଲିଆ ଜହ୍ନ ରାତି, ହେଲେ ମେଘ କି ବର୍ଷା ସେମିତି ତ କିଛି ଦେଖାଯାଉନି । ହେଲେ ଆକାଶଟା ପୁରା ଧୂଆଁ ଅନ୍ଧାରରେ ଚନ୍ଦ୍ରମା ମଳିନ ପଡ଼ି ଯାଇଛନ୍ତି । ଘଡ଼ଘଡ଼ି ଶବ୍ଦ ପରି ମନେ ହେଉଛି । ହେଲେ ଏ ତ ଘଡ଼ଘଡ଼ି ନୁହେଁ । ମନକୁ ସ୍ଥିର କରି ଶୁଣିଲି । ଏହା ଗୁଳିଗୋଳା ଆଉ ବୋମାର ଆବାଜ୍ । ତେଣୁ ସେହି ଧୂଆଁ ନିଶ୍ଚେ ଚନ୍ଦ୍ରମାଙ୍କୁ ଘୋଡ଼ାଇ ଦେଇଛି । କାମ କରିବାକୁ ଘରଠାରୁ ଦୂରକୁ ଆସିଛି । ଘରେ ମୋର ଛୋଟ ଝିଅ ସେଁଆ ଅପେକ୍ଷା କରିଥିବ । ସ୍ତ୍ରୀର ପିଲାପିଲିହେବାର ଅଛି । ପ୍ରାୟ ସମୟ ହୋଇ ଆସିଲାଣି । ତେଣୁ ଆଗକୁ ପଛକୁ ନ ଚାହିଁ, ଅଣନିଃଶ୍ୱାସୀ ହୋଇ ଧାଇଁଲି । ବୋଧେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା ।

ମନକୁ ପାପ ଛୁଇଁଲା । ଏମିତି ଏକ ଯୁଦ୍ଧ ଘୋଷଣା ହୋଇଥିଲା । ସେତେବେଳେ ମୁଁ ଛୋଟ ଥାଏ । ମୋର ଅମି ମୋତେ କାନ୍ଧରେ ପକାଇ ଧାଇଁଲେ । ମୋର ଦାଦା(ଜେଜେ ବାପା) ସେତେବେଳେ ଜରାଗ୍ରସ୍ତ ଥାଆନ୍ତି । ତାଙ୍କୁ ଛାଡ଼ିକି ଆବା ମୋର ଯିବା ଠିକ୍ ମନେ କଲେନି । ସେତେବେଳକୁ ଆମେ ସମସ୍ତେ ଦୁଇ ଦିନ ହେବ ଖାଇ ନଥାଉ । ଦାଦାଙ୍କର ସେହି କୋରଡ଼ ଆଖିରୁ ଲୁହ ବୋହି ଯାଉଥାଏ । ପେଟ କାହିଁ ପିଠିରେ ଲାଗି ଯାଉଥାଏ । ଜରାଗ୍ରସ୍ତ ଶରୀର, ଖାଇବା ପାଇଁ ଘରେ କିଛି ନଥାଏ । ଔଷଧ ପାଇବୁ କେଉଁଠୁ ? କଥା କହିବାକୁ ଶକ୍ତି ଆସିବ ବା କେଉଁଠି ? ତଥାପି ବହୁତ ଚେଷ୍ଟା କରି ଅସ୍ପଷ୍ଟ ଭାବେ ମୋ ଜେଜେବାପା କହିଲେ, ବୋହୂ ଏବଂ ନାତିକୁ ଯା' ବଞ୍ଚା । ମୁଁ ତ ଆଜି ନହେଲେ କାଲି ମରିବି । 'ରକ ରହିଲା କେଉଁଠି ? ତୁ ମୋତେ ଛାଡ଼ି ଚାଲିଯା' । ମୋର ଆବା କିଛି ଉପାୟ ନ ପାଇ ମୋ ଦାଦାଙ୍କୁ ଟେକି ଟେକି ଯଥାସମ୍ଭ ଆଗକୁ ପାଦ ପରେ ପାଦ ବଢ଼େଇ ଚାଲିଥା'ନ୍ତି । ହେଲେ ସବୁ ଠିକ୍ ଥିବା ଭଳି ଲାଗିଲା । ଆମ ଠାରୁ ସେମାନେ କିଛି ବାଟ ପଛେଇ ଗଲେ । ମୋର ସମ୍ପୂର୍ଣ୍ଣ ମନେ ନଥିଲେ ବି ଠିକ୍ ସେହି ଆବାଜ୍ ଏବେବି ଭାବିଲେ ମୋ ଛାତି ଥରିଯାଏ । କେଉଁ ଗୋଟେ କୋଣରୁ ପ୍ରବଳ ବେଗରେ ଅଗ୍ନି ବର୍ଷା ହେବାରେ ଲାଗିଥାଏ । ପ୍ରକମ୍ପିତ ହୋଇ ଯାଉଥାଏ ଗଗନ, ପବନ । ସତେ ଯେପରି ବସୁଧା ଦୋହଲି ଯାଉଥାଏ । ସେହି ଅଗ୍ନି ବର୍ଷାରେ ସେ ଦୁହେଁ କୁଆଡ଼େ ହଜିଗଲେ । ତାଙ୍କର ଚିହ୍ନ ବର୍ଣ୍ଣ ରହିଲାନି । ଅମି ମୋର ସେମିତି କୋଳରେ ଜାକିଥାଏ ମୋତେ । ଭାଗ୍ୟକୁ ନିନ୍ଦା କରି ଆମେ ବଢ଼ିଲୁ । ସେହି ଭୋକ, ଉପାସ, ଯନ୍ତ୍ରଣା, ରୋଗକୁ ଦେହସୁହା କରି ଦିନ କାଟିଦେଲୁ । ଅମି ମୋର ଯାହା ମାଗି ଆଣେ । ମୋତେ ଖାଇବାକୁ ଦେଇଦିଏ । ଆମକୁ ଏଠି ଚୋର, ଖଣ୍ଡ ଭାବି ଘରେ କେହି କାମ ଦେବାପାଇଁ ନାରାଜ । କେତେବେଳେ ମାଗିଲେ କିଛି ମିଳେ ଆଉ କେତେବେଳେ ବାହାରେ ପଡ଼ିଥିବା ଖାଦ୍ୟ କୁକୁର ଅଧା ଖାଉଥିବ ଆମେ ସେଥିରୁ କିଛି ଆଣି ଖାଉ । ଅମି ମୋର ମୋତେ ଏମିତି ଖାଇବାକୁ ଦେଇ ୧୫ ବର୍ଷ କରିଦେଲା । ଆମେ ପାଠ କ'ଣ ଜାଣିନୁ । ସିଏ ପୁଣି କେମିତିକା ଜିନିଷ ? ତାକୁ ପଢ଼ିଲେ କ'ଣ ହୁଏ ? ତାହା ମୋର ଜ୍ଞାନ ବାହାରେ । ଅମିର ଭୋକରେ ରହି ରହି ପାଟିରୁ ରକ୍ତ ପଡ଼ିଲା । ଡାକ୍ତର ଆମ ପାଇଁ ସାତ ସପନ । ସେଇଥିରେ ସେ ଆରପାରିକୁ ଚାଲିଗଲା । ମୁଁ ହୋଇଗଲି ବେସାହାରା । ଏଇ କଥାଗୁଡ଼ାକ ମୋ ମନରେ ଜୀବନ୍ତ ହୋଇ ଉଠିଲେ । ଆଉ ଧାଇଁ ଧାଇଁ ଆସି ଦେଖିଲି ।

ଘରେ ଆସି ବହୁତ କଷ୍ଟରେ ସିନା ପହଞ୍ଚିଗଲି । ହେଲେ ଘର ଖାଲି । କେହି ଘରେ ନାହାନ୍ତି । ଭୋକ ମୋର କୁଆଡ଼େ ମରିଗଲା । ଆଉ ପଥଶ୍ରମ ମୋର ଜଡ଼ ଦେହଟାକୁ ଛୁଇଁ ପାରିଲାନି । ରନୀ କୁଆଡ଼େ ଥିଲା ଧାଇଁଆସି ମୋ ଗୋଡ଼ ପାଖରେ ନସର ପସର ହେଲା । ସେ ବି ଭୟ ଏବଂ ଭୋକରେ ବିକଳ ହୋଇ ମୋତେ କିଛି କହିବାକୁ ଯାଉଥାଏ । ହେଲେ ତା ବିକଳ ଦେଖି ମୋ ଝିଅପାଇଁ ଆଣିଥିବା ବିସ୍କୁଟ ପ୍ୟାକେଟ୍‌ଟା ଖୋଲି ଖାଇବାକୁ ଦେଲି । ହେଲେ ସେ ଭୋକରେ ଥାଇ ବି ଖାଇବାକୁ ନାରାଜ୍ । ସେ ମୋତେ ଅନ୍ୟ କିଛି ଇସାରା ଦେଉଥାଏ । ଟାଣିଟାଣି ବାହାରକୁ ଆଣି ଏଠୁ ଯାଅଭାରି ବୋଲି ଯେମିତି ତା'ର କଥା କହି ପାରୁନଥିବା ପାଟି ବହୁତ କିଛି କହି ଯାଉଥାଏ । ହେଲେ ମୁଁ ବି ତାକୁ ଛାଡ଼ି ଯିବାକୁ ଇଚ୍ଛା ନଥାଏ । କାହିଁକି ନା ତାକୁ ଛାଡ଼ିଗଲେ ଆଉ ଫେରିଲେ ରନୀକୁ ପାଇବିନି । ତା'ର ଆଖି ଟିଁ ନଥିଲା । ବହୁତ କଷ୍ଟରେ ତାକୁ ପାଳି ଏତେ ବଡ଼ କରିଛି । ଭାବିଲି ତାକୁ ନେଇକି ଯିବି । ଦୁହେଁ ଭିତିରିଆ ରାସ୍ତାରେ ସେହି ରାତିରେ ଦୌଡ଼ିବା ଆରମ୍ଭ କଲୁ । ସାଙ୍ଗରେ ରନୀ ଥାଏ ବୋଲି ଟିକେ ଭୟ କମ୍ ଲାଗୁଥାଏ । ଗୁଳି, ବୋମା ଆବାଜରେ କାନ ଫାଟି ଯାଉଥାଏ ।

ଶେଷରେ ଟିକିଏ ଗୁଳି, ବୋମା ଆବାଜ୍ କମ୍ ଶୁଭିଲା । ଆମେ ବୋଧେ ରାତିସାରା ଦୌଡ଼ିଦୌଡ଼ି ସେହି ଯୁଦ୍ଧ ଜାଗା ଅତିକ୍ରମ କରିଗଲୁ । ଦୂରରେ ଗାଡ଼ି ଯାଉଥିବା ଦେଖାଗଲା । ସାହସ ବାନ୍ଧି ପୁଣି ପ୍ରାଣ ବିକଳରେ ଧାଇଁଲୁ । ଶେଷରେ ଆମେ ସେହି ଗାଡ଼ି ପାଖରେ ପହଞ୍ଚିଲୁ । ହେଲେ ଗାଡ଼ି ପାଖରେ ପହଞ୍ଚି ଦେଖିଲୁ, ମୋ ଝିଅ ସୋଫିଆ ତା' ଅମିକୁ ଧରି ରଡ଼ି ଛାଡ଼ି କାନ୍ଦୁଥାଏ । ଆଉ ମୋ ସ୍ତ୍ରୀ ରେଶମା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥାଏ । ଗାଡ଼ି ଅବଶ୍ୟ ଧିରେଧିରେ ଚାଲୁଥାଏ । ଆମେ ସେହି ଗାଡ଼ିକୁ ଉଠିଲୁ । ସେହି ଆଲ୍ଲାଙ୍କୁ ଡାକିବା ଛଡ଼ା ମୋ ପାଖରେ କିଛି ଉପାୟ ନଥାଏ । ଆଲ୍ଲା ଆମକୁ କାହିଁକି ଏଠି ଜନ୍ମ ଦେଇଛନ୍ତି । ସ୍ତ୍ରୀର ଛଟପଟ ଦେଖି ଗାଡ଼ିର ସମସ୍ତଙ୍କ ଆଖିରେ ଲୁହ । କୁକୁର ରନୀର ଆଖି ବି ଲୁହରେ ଭିଜି ଯାଉଥାଏ । ହେଲେ ଆଲ୍ଲାଙ୍କର ଏ କି କ୍ରୁର ନିଷ୍ପତ୍ତି । ଆମର ଦୋଷ ବା କ'ଣ ? ଆମେ ବିନା ଦୋଷରେ ଏତେ ଦଣ୍ଡ କାହିଁକି ପାଉଛୁ । ଝିଅଟି ବିକଳରେ କହୁଥାଏ, ଆବା, ମୋ ଅମିକୁ ବଞ୍ଚେଇ ଦିଅ । ହେଲେ ମୁଁ ନିରୁପାୟ । ଉପାୟଶୂନ୍ୟ ମଣିଷଟା କ'ଣ ବା କରିପାରିବ । ସେମିତି ସେହି କଷ୍ଟକୁ ଆମେ ତିନିଜଣ ଯାକ ଦେଖିଦେଖି ପଥର ପାଲଟି ଗଲୁ । ଶେଷରେ ଆମକୁ ଗୋଟେ ଜାଗାରେ ଆଣି ଛାଡ଼ିଲେ । ରେଶମାକୁ ଟେକିଟେକି ନେଲି ପାଖରେ ଗୋଟେ ମନ୍ଦିର ଭିତରକୁ । ସେତେବେଳକୁ କଷ୍ଟ ସହି ସହି ମୂର୍ଚ୍ଛା ହୋଇ ଯାଇଥାଏ । ମୁଁ ଭାବିଲି ରେଶମା ବୋଧେ ମୋ ଝିଅ ସୋଫିଆକୁ ଆଉ ମୋତେ ଛାଡ଼ି ସବୁଦିନ ପାଇଁ ଖୁଦାଙ୍କ ପାଖକୁ ଚାଲିଗଲା । ନିରାଶ ମନରେ ମୋ ଆଖିରୁ ଲୁହ ହଠାତ୍ ବନ୍ଦ ହୋଇଗଲା । ଆଉ ହୃଦୟଟାକୁ ଯେମିତି କିଏ ଖିନ୍ ଭିନ୍ କରି ଦେଉଥାଏ । ତଥାପି ଝିଅଟି ପାଇଁ ସବୁ ଦୁଃଖକୁ ମନ ଭିତରେ ଚାପି ଦେଇଥାଏ । ଝିଅଟି ମୋର ମା' ର କଷ୍ଟରେ ନିଜ ଭୋକ କି ଶୋଷ ମୋ ଆଗରେ ପ୍ରକାଶ କରୁ ନଥାଏ । ଏତେ କଷ୍ଟ ସହି ନପାରି ମନେମନେ ଆଲ୍ଲାଙ୍କୁ ବହୁତ ଗାଳି ଦେଉଥାଏ । ସେତିକିବେଳେ ଜଣେ ବୁଢ଼ୀ ଲୋକ ଆସିଲେ । ରେଶମାକୁ ଦେଖିଲେ ଓ ସବୁ ଠିକ୍ ଅଛି ବୋଲି କହିଲେ । ଆମେ ତିନି ଜଣ ଟିକିଏ ଆଶ୍ୱସ୍ତ ହେଲୁ । ସବୁ କଷ୍ଟ ପରେ ଆଲ୍ଲା ଆମ ଉପରେ ଦୁଆ କରିଛନ୍ତି ବୋଲି ଆଲ୍ଲାଙ୍କୁ ମନେମନେ ଆମର କୃତଜ୍ଞତା ଜଣେଇଲୁ । ବୁଢ଼ୀଲୋକଟି ମଣିଷପଣିଆ ଦେଖେଇ ସିଏ ଜାଣିଥିବା ଉପାୟରେ ରେଶମାର ପ୍ରସବ କରାଇଲେ । ମା' ଓ ଛୁଆ ପ୍ରାୟ ଭଲ ଥିଲେ । କପଡ଼ା ସେମିତି କିଛି ନଥାଏ । ପତ୍ର ଗୋଟିଏରେ ପିଲାଟିକୁ ବୁଢ଼ୀ ଶୁଆଇ ଦେଲା । ମୋ ଚାଦରଟି ରେଶମାକୁ ପିନ୍ଧାଇଦେଲି । ଝିଅ ମୋର ମୋ ଠୁଁ ଦେଖି ତା' ଫ୍ରିକ୍‌ଟିକୁ ଖୋଲି ତା' ଭାଇକୁ ଘୋଡ଼ାଇଦେଲା । ମା' ପୁଅ ଦୁହେଁ ଟିକେ ଆଶ୍ୱସ୍ତି ହେଲେ । ପୂର୍ବ ଆକାଶରେ ସୂର୍ଯ୍ୟଙ୍କର ନାରଙ୍ଗୀ ଛିଟା ଟିକେ ଝାପ୍‌ସା ଦେଖା ଯାଉଥାଏ । ବୋଧେ ସକାଳ ହେବା ସମୟର ସୂଚନା ଦେଉଥାଏ । ପକ୍ଷୀମାନେ ନୀଡ଼ ଭିତରେ ଥାଇ ସକାଳକୁ ସ୍ୱାଗତ କରୁଛନ୍ତି । ତାଙ୍କ କିଚିରିମିଚିରି ଶବ୍ଦରେ ପାଖ ଗାଁରୁ କୁକୁଡ଼ା ମାନଙ୍କର ମଧୁର ସ୍ୱର ଭାସି ଆସୁଥାଏ । ସେମାନେ ବୋଧେ ମନୁଷ୍ୟଙ୍କୁ ଡାକି ଡାକି ଉଠଉଛନ୍ତି । ଉଠ ସକାଳ ହେଲା ବୋଲି ସମସ୍ତେ ଜାଗ୍ରତ ହେବାପାଇଁ ବ୍ୟାକୁଳ । ହେଲେ ମୋ ମନରେ ଶଙ୍କା ଉଙ୍କି ମାରୁଥାଏ । ସକାଳ ହେବା କ୍ଷଣି ମନ୍ଦିର ପୂଜକ ଆସିଯିବେ ପୂଜା କରିବାକୁ । ଆମକୁ ଦେଖିଲେ ବାହାର କରିଦେବେ । କ'ଣ କରିବି । ଏ ଥଣ୍ଡା ପବନରେ ଆଶ୍ରୟ ପାଇଁ କୋଉଠିକି ଯିବି । ଉପାୟ ନ ପାଇ ମନ୍ଦିର ପଛପଟକୁ ମା' ଛୁଆଙ୍କୁ ଟେକିଟେକି ନେଲି । ସେମିତି ଆମେ ତିନି ମଣିଷ ଆଉ ଆମ କୁକୁରଟି ଭୋକ ଉପାସରେ ପଡ଼ିଥାଉ । ସକାଳ ହେବାରୁ ଜଣେ କିଏ ଆସିଲେ । ବୋଧେ ପୂଜାରୀ ଆସିଗଲେ । ଘଣ୍ଟି ବଜାଇ ପୂଜା ଅର୍ଚ୍ଚନା କଲେ । ମୁଁ ଖାଲି ଆଲ୍ଲାଙ୍କୁ ଡାକୁଥାଏ । ଆଶ୍ରା ଯଦି ଦେଇଛ, ତୁମେ ଆମ ଉପରେ ଦୟା ଯଦି କରିଛ, ତାହାହେଲେ ନିର୍ଦ୍ଦୟ ହୁଅନି । ବ୍ରାହ୍ମଣ ଜଣକ ପୂଜା ଆଳତୀ ବିଧି ଅନୁସାରେ କରି ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ଆଳତୀ ଧରି ଆସିଲେ । ମୁଁ କ'ଣ କରିବି ମୋର ମୁଣ୍ଡ କିଛି କାମ କରୁ ନଥାଏ । କେମିତି କେଉଁଠିକି ନେବି ? ରନୀ ଯାଇ ପୂଜାରୀଙ୍କ ଗୋଡ଼ ପାଖରେ ପଡ଼ିଗଲା । ଯେମିତି କହୁଥାଏ, ଆମମାନଙ୍କ ଉପରେ ଦୟା କରିବାକୁ । ତା' ଅକୁହା ପାଟିର ଭାଷା ଏବଂ ତା' ମାଲିକ ପ୍ରତି ଭଲପାଇବା ଦେଖି ପୂଜାରୀ ଜଣକ ସବୁ ବୁଝିଗଲେ । କୁକୁରଟି ତାଙ୍କ ହୃଦୟକୁ ତରଳାଇଦେଲା । ସେ ସାଙ୍ଗେସାଙ୍ଗେ ଭୋଗ ଥାଳିଟି ମନ୍ଦିରରୁ ଆଣି ମୋ ଝିଅ ସୋଫିଆ ହାତକୁ ବଢ଼େଇ ଦେଇ ତା' ମୁଣ୍ଡରେ ହାତ ମାରିଦେଲେ । ରେଶମାକୁ ସେଇ ଭୋଗରୁ କିଛି ଖୁଆଇଦେଇ ରନୀ, ମୁଁ ଆଉ ସୋଫିଆ ଭୋଗ କିଛି କିଛି ଖାଇଦେଲୁ । ଲୋକମାନେ କାଳେ ଦେଖିଦେବେ ଆମେ ନିଜକୁ ଲୁଚେଇ ରଖିଥାଉ । ଆମେ ଏମିତି ଅବସ୍ଥାରେ ସେହି ପୂଜକଙ୍କୁ ଭରସା କରି ଗୋଟିଏ ଥର ଭୋଗ ଖାଇରହିଥାଉ । ସବୁ ପିଲା ସ୍କୁଲ ଯାଉଥାନ୍ତି, ପଢୁଥା'ନ୍ତି ଆଉ ଖେଳକୁଦ କରିବା ମୋ ଝିଅ ଲୁଚି ଲୁଚି ଦେଖୁଥାଏ । ଥରେ ଆସି ମୋତେ କୁଣ୍ଢେଇ କଇଁକଇଁ ହୋଇ ବହୁତ କାନ୍ଦିଲା ।

ମୁଁ ପଚାରିବାରୁ କହିଲା, ଆବା ଆମେ କ'ଣ ମଣିଷ ନୁହେଁ ? ଆମେ କାହିଁକି ଏମିତି ବଞ୍ଚିଛୁ ? ଆମର କ'ଣ ଭବିଷ୍ୟତ ବୋଲି କିଛି ନାହିଁ ? ଆମେ କ'ଣ ଜୀବନରେ ପାଠ ପଢ଼ି ଶିକ୍ଷିତ ହୋଇ ବଞ୍ଚିବାର ଏ ସୃଷ୍ଟିରେ ଆମର କ'ଣ ଅଧିକାର ନାହିଁ ? ଖୁଦାଙ୍କର ଆମେ କ'ଣ ଏତେ ଅଲୋଡ଼ା ମୂଲ୍ୟହୀନ ଜୀବ ? ଖୁଦା ଏ ଦୁନିଆକୁ ଆମକୁ କାହିଁକି ତାହାହେଲେ ଆଣିଛନ୍ତି ? ତା' କଅଁଳ ଓଠରୁ ପ୍ରଶ୍ନ ପରେ ପ୍ରଶ୍ନ ଝରି ପଡୁଥାଏ । ମୁଁ ତାକୁ କହିଲି, ଦେଖ୍ ତୁ ବ୍ୟସ୍ତ ହୁଅନା । ଆମଠାରୁ ଆହୁରି ଦୁଃଖ, କଷ୍ଟ, ଯନ୍ତ୍ରଣାରେ ଅନ୍ୟମାନେ ବଞ୍ଚିଛନ୍ତି । କାହିଁକି ଆମେ ଅଗ୍ନିପଥର ପଥିକ ପାଲଟି ଯାଇଛେ□ । ମୋ ଝିଅ କହିଲା, ଆମେ କ'ଣ କ୍ୟାଣ୍ଡେଲଟିଏ ପରି ଅଗ୍ନି ଯନ୍ତ୍ରଣାରେ ଛଟପଟ ହୋଇ ଜଳି ଜଳି ଶେଷରେ ଶେଷ ହୋଇଯିବୁ ? ଏହା କ'ଣ ଆମର ଭାଗ୍ୟ ନା ଅଭିଶାପ ? ମନୁଷ୍ୟ ଅହଙ୍କାରର ହାରଜିତ୍ ଖେଳରେ ଆମେ ବଳି ପଡ଼ିଯାଇଛୁ ଆବା । ଆମର ଅପରାଧ କ'ଣ ?

ଏହାର କ'ଣ କିଛି ଉପାୟ ନାହିଁ ? ଆମେ କ'ଣ ଏମିତି ମୃତ୍ୟୁକୁ ପାଖରୁ ଦେଖି ଦେଖି ବଞ୍ଚିବା ?

ମୁଁ ତାକୁ କହିଲି, ଦେଖ୍, ଭାରତ ପାକିସ୍ଥାନ ଗୋଟିଏ ମା'ର ଦୁଇଟି ସନ୍ତାନ । ଭାଇ ଆଜି ଭାଇର ଶତ୍ରୁ ହୋଇଯାଇଛି । ସମସ୍ତେ କହୁଛନ୍ତି ଏଇ ସ୍ଥାନଟି ମୋର । ଦୁଇ ଭାଇଙ୍କ କଳିରେ ଆମେ ବଳି ପଡ଼ିଯାଇଛୁ । କେତେ ସୈନିକଙ୍କ ମୁଣ୍ଡ ଗଡ଼ି ଯାଉଛି । ଆଉ କେତେ ମାଆ ସନ୍ତାନହରା ହୋଇ ବ୍ୟାକୁଳ ଆକୁଳରେ ଛାତି ଫଟା ଲୁହ ଢାଳି ଦେଉଛନ୍ତି । କେତେ ବିଧବା ଧଳା ଲୁଗା ପିନ୍ଧି କେବଳ ଆଖିରୁ ଲୁହ ବଦଳରେ ଲହୁ ଗଡ଼େଇ ଚାଲିଛନ୍ତି । ପିଲାଛୁଆଙ୍କ କଥା ନ କହିବାଟା ଭଲ ।

ଆଜି ସମସ୍ତେ ଭାଇ ଭାଇର ସମ୍ପର୍କ ଭୁଲି ଯାଇଛୁ । ହିନ୍ଦୁ, ମୁସଲିମ୍, ଶିଖ୍, ଖ୍ରିଷ୍ଟିଆନ୍ ସବୁଯାକ ଭାଇ । ଆମେ ତ ଗୋଟିଏ ମାଆର । ଆଜି ଇର୍ଷା, ଦ୍ୱେଷ, ଘୃଣା ଓ ବିଦ୍ୱେଷ ଆମମାନଙ୍କ ରକ୍ତକୁ ବିଷାକ୍ତ କରିଦେଇଛି । ସମସ୍ତେ ଆଜି ଯୁଦ୍ଧ କୌଶଳ ଶିଖି ଅଶାନ୍ତିକୁ କିଣିବାକୁ ଯେପରି ବ୍ୟାକୁଳ । ମାତୃଭୂମିର ମାନ ରଖିବା ନାଆଁରେ ତା' ସନ୍ତାନ ଲହୁରେ ତା' ପଣତ ଭିଜେଇବା ଯେମିତି ଆମର କର୍ତ୍ତବ୍ୟ ହୋଇଯାଇଛି । ସମସ୍ତେ ଆଜି ଭାଇ ଭାଇ ମହାଭାରତ ଯୁଦ୍ଧ ପାଇଁ ଆଗଭର । ଯୁଦ୍ଧ କରିବା ଯେମିତି ଆମର ଧର୍ମ ।

ଥରେ ମହାତ୍ମା ଗାନ୍ଧୀଙ୍କର ଅହିଂସାର ଅସ୍ତ୍ର ମୋ ପୃଥିବୀବାସୀଙ୍କୁ ଯଦି ବାଣ୍ଟି ଦିଆଯାଆନ୍ତା, ଆଉ ଗୋଟିଏ ଧର୍ମ ଯାହା ବିଶ୍ୱକୁ ମାନବ ଧର୍ମରେ ଦୀକ୍ଷିତ କରିହୁଅନ୍ତା ଏବଂ ବିଶ୍ୱବାସୀଙ୍କ ହୃଦୟକୁ ମାନବିକ ମନ୍ତ୍ରରେ ଅଭିମନ୍ତ୍ରିତ କରି ହୁଅନ୍ତା, ତେବେ ବିଶ୍ୱବାସୀ ଶାନ୍ତିର ରାଜମହଲରେ ସୁଖରେ କାଳାତିପାତ କରନ୍ତେ ।

"ହଂସଟି କାହାର" ଗପଟି ସମସ୍ତେ ପ୍ରାୟ ଶୁଣିଥିବେ । ଦେବଦତ୍ତ ହଂସଟିକୁ ଶର ମାରି କ୍ଷତବିକ୍ଷତ କରି ଭୂମିଷ୍ଠ କରିଦେଲେ । ଆଉ ସିଦ୍ଧାର୍ଥ ତାଙ୍କ କୋମଳ ହାତର ସ୍ପର୍ଶରେ ନିଜ ସାମର୍ଥ୍ୟାନୁସାରେ ଆରୋଗ୍ୟ କରିଥିଲେ । ଭଲ ହେଲାପରେ ଦେବଦତ୍ତ କହିଲେ ହଂସଟି ମୋର । ଯୁକ୍ତିରେ ସିଦ୍ଧାର୍ଥ ଉଡ଼େଇଦେଇ କହିଲେ, ହଂସଟି ଏହି ମୁକ୍ତ ଆକାଶର ତେଣୁ ମୁକ୍ତ କରିଦେଲେ । ସେହି ସିଦ୍ଧାର୍ଥଙ୍କର କୋମଳ ହାତର ସ୍ପର୍ଶ ଯଦି ମନୁଷ୍ୟ ହୃଦୟକୁ ଛୁଇଁପାରନ୍ତା, ଆଉ ଏ ହୃଦୟ ବିଦାରକ କରୁଣ ଦୃଶ୍ୟ ଯଦି କାହା ପ୍ରାଣକୁ ଲୁହରେ ଭିଜେଇ ପାରନ୍ତା, ଆମମାନଙ୍କ ପାଖରେ ମାନବିକତା ବୋଲି ଯେଉଁ ଶବ୍ଦକୁ ସମସ୍ତେ ହୃଦୟଙ୍ଗମ କରିପାରନ୍ତେ, ତେବେ ଆମ ଭଳି ଯାଯାବରମାନଙ୍କର ଦୁଃଖ ଚାଲିଯାଆନ୍ତା । ଏତେ ଜାଗା ଅଛି । ସେତିକି ଟିକେ ଜାଗା ପାଇଁ କାହିଁ କାରଗିଲ୍ ଯୁଦ୍ଧ କାହିଁ କେତେ ଯୁଦ୍ଧ ଲାଗି ରହିଛି ।

ଧରିତ୍ରୀ ମା' ଆଜି ଗୁଳି,ଗୋଳା ଆବାଜ ଆଉ ତା' ସନ୍ତାନ ରକ୍ତରେ ତା'ର ମାଟିକୁ ଭିଜେଇ ଦେବାକୁ ଚାହେଁନି । ମାଟି ମା'କୁ ମଧୁର ସ୍ପର୍ଶରେ ମୁକ୍ତ କର । ଆଉ ମୋ ମାଟି ମା' ମୁକ୍ତ ହୋଇ ହଂସୀଟିଏ ସାଜି ନୀଳ ଆକାଶ ବୁକୁରେ ଉଡ଼ିଯାଉ । ଅଗ୍ନିପଥ ଶୀତଳ ଛାୟାପଥ ହୋଇଯାଉ । ଆଉ ସେହି ପଥରେ ଭଗବାନଙ୍କର ଆଶୀର୍ବାଦର ପୁଷ୍ପ ବରଷିଯାଉ । ଏହାହିଁ ହେଉ ଆମର ଆଶା ଓ ଲକ୍ଷ୍ୟ ।

ଆମମାନଙ୍କୁ ଯାଯାବର ହୋଇ ବଞ୍ଚିବାକୁ ଦିଅନ୍ତି । ଆମ ପିଲାମାନଙ୍କୁ ପଢ଼ିବାକୁ, ଖେଳିବାକୁ ଦିଅ । ପଶୁପକ୍ଷୀମାନଙ୍କୁ ନିରାପଦ ଆଶ୍ରୟ ଯୋଗାଇ ଦିଅ । ଛୋଟ ଛୁଆମାନଙ୍କ ଭବିଷ୍ୟତକୁ ଏମିତି ଦଳି ଚକଟି ଛାରଖାର ହେବାକୁ ଦିଅନି । ଆମମାନଙ୍କ ଠାରୁ ଆମ ବାସସ୍ଥାନ ଛଡ଼େଇ ଦେଇ ଆମକୁ ବାସହୀନ କରିଦିଅନି । ଭୋକ, ଉପାସ କେତେ ସହିବୁ ? ମଣିଷ ପରି ଆମମାନଙ୍କୁ ବଞ୍ଚିବାକୁ ଦିଅ । କେହି ତ ବୁଝି ଆମକୁ ଦୟା କର ।

ନୂଆପଡ଼ା, ବାଲିସାହି, କଟକ

## ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ

## ଲକ୍ଷ୍ମୀ ବାରିକିଆଣୀର ଗାନ୍ଧୀ ଭକ୍ତି

- ଅଧ୍ୟାପକ ପବିତ୍ର ମୋହନ ବାରିକ

ଜାତିର ଜନକ ମହାନୁଭବି ମହାମାନବ ମହାତ୍ମାଗାନ୍ଧୀଙ୍କ ଓଡିଶା ପ୍ରତି ଥିଲା ଅହେତୁକ ଶ୍ରଦ୍ଧା ଓ ସମ୍ମାନ । ବିଭିନ୍ନ କାର୍ଯ୍ୟକ୍ରମରେ ସେ ଓଡିଶାକୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ୮ ଥର ତାଙ୍କର ଗସ୍ତ ଥିଲା । ସେ ଆନ୍ତରିକତାର ସହିତ ଶାନ୍ତି ପ୍ରୀୟ ଓଡିଆ ମାନଙ୍କୁ ଭଲ ପାଉଥିଲେ ଓ ସେମାନଙ୍କର ମମତାର ଡୋରୀ ରେ ବାନ୍ଧି ହୋଇଯାଇଥିଲେ । ଓଡିଶା ଓ ଓଡିଆମାନଙ୍କ ସହିତ ଥିଲା ତାଙ୍କର ଭାବଗତ ସଂପର୍କ । ଓଡିଶାର ମାଟି ଓ ମଣିଷ ଥିଲେ ତାଙ୍କ ପ୍ରେରଣାର ଉତ୍ସ । ଗାନ୍ଧୀଜୀଙ୍କ ଦ୍ୱାରା ଓଡିଶାରେ ଜାତୀୟ ଭାବନା ଓ ଚେତନା ବହୁଗୁଣରେ ପ୍ରଚାରିତ ଓ ପ୍ରସାରିତ ହୋଇଥିଲା । ଗାନ୍ଧୀବାଦର ତତ୍ତ୍ୱ, ଦର୍ଶନ ଓ ଚିନ୍ତନର ଏକ ବାସ୍ତବ ପ୍ରୟୋଗଶାଳା ଥିଲା ଓଡିଶା । ଗାନ୍ଧୀଜୀଙ୍କ ଦୃଷ୍ଟିରେ ଓଡିଶା ଥିଲା ତୀର୍ଥ ତଥା ପୂଣ୍ୟଭୂମି । ଏହି ଭୂମିକୁ ୧୯୨୧ ରୁ ୧୯୪୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ୮ ଥର ଆସିଥିଲେ । ୧୯୩୮ ମସିହାରେ ଗାନ୍ଧୀଜୀ ଓଡିଶା ସଂପର୍କରେ ନିଜର ସୁନ୍ଦର ଓ ମାର୍ମିକ ମନ୍ତବ୍ୟ ଉପସ୍ଥାପନ କରିଥିଲେ- "ସାରା ଭାରତରେ ମୋର ସବୁଠାରୁ ପ୍ରୀୟ ସ୍ଥାନ ହେଲା ଓଡିଶା । ମୁଁ ଦକ୍ଷିଣ ଆଫ୍ରିକା ରୁ ଭାରତ ଫେରିବା ଦିନ ଠାରୁ ଓଡିଶାରେ ବଢି, ମରୁଡି, ଦାରିଦ୍ର୍ୟ ର କାହାଣୀ ଶୁଣି ଆସିଛି । ମୁଁ ଅନୁଭବ କରେ କି ଓଡିଶାର ସେବା ହିଁ ଭାରତମାତାଙ୍କର ପ୍ରକୃତ ସେବା । ଶେଷରେ ଏବେ ଓଡିଶା ମୋ ପାଇଁ ହୋଇଯାଇଛି ଏକ ତୀର୍ଥଭୂମି ।" ଏହି ତୀର୍ଥଭୂମିକୁ ଆସି ତାଙ୍କ ରାଜନୈତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟର ଅନେକ ପରୀକ୍ଷା-ନିରୀକ୍ଷା କରିଥିଲେ । ୧୯୨୦ ମସିହା ଡିସେମ୍ବର ମାସରେ ନାଗପୁର ଠାରେ ଜାତୀୟ କଂଗ୍ରେସର ଅଧିବେଶନରେ ଓଡିଶାରୁ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ୩୫ ଜଣ ପ୍ରତିନିଧି ସେଠାରେ ଅଂଶଗ୍ରହଣ କରିଥିଲେ । ନାଗପୁର ଅଧିବେଶନରେ ଜାତୀୟ କଂଗ୍ରେସ ଅସହଯୋଗ ଆନ୍ଦୋଳନ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲା । ଉତ୍କଳବାସୀଙ୍କ ସମ୍ମୁଖରେ ଅସହଯୋଗ ଆନ୍ଦୋଳନ ସଂପର୍କରେ ବୁଝାଇବା ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଗାନ୍ଧୀଜୀ ଙ୍କୁ ଅନୁରୋଧ କରିଥିଲେ । ବଢି, ମରୁଡି ପ୍ରପୀଡିତ ଓଡିଶାବାସୀଙ୍କୁ ଦେଖିବା ପାଇଁ ମନରେ ଆଗ୍ରହ ପ୍ରକାଶ କରିଥିଲେ ଗାନ୍ଧୀଜୀ । ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ପବିତ୍ର ଦୋଳ ପୂର୍ଣ୍ଣିମାରେ ପୂଣ୍ୟଭୂମି ଉତ୍କଳ ଭୂଖଣ୍ଡର ଐତିହାସିକ ସହର କଟକରେ ପ୍ରଥମ ଥର ପାଇଁ ପଦାର୍ପଣ କଲେ ଗାନ୍ଧୀଜୀ ।

ପଞ୍ଚମଥର ଓଡିଶାଗସ୍ତ ୧୨ ଦିନ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଅପ୍ରତ୍ୟାଶିତ ଭାବେ ଏହି କାର୍ଯ୍ୟକ୍ରମ କୁ ପରିବର୍ତ୍ତନ କରି ଦୁଇଟି ପର୍ଯ୍ୟାୟରେ ପୁରୀରୁ କଟକ ଏବଂ ବୈରୀରୁ ଚମ୍ପାପୁର ହାଟ, ସତ୍ୟଭାମାପୁର, ନିଶ୍ଚିତ କୋଇଲି, କେନ୍ଦ୍ରାପଡା, ବାରିମୂଳ, ଇନ୍ଦୁପୁର, କାଇପଡା, ବରୀ, ଯାଜପୁର, ଭଣ୍ଡାରୀ ପୋଖରୀ, ତୋଡଙ୍ଗେ ଦେଇ ଭଦ୍ରକର ଦୀବ ରାମଜୀ କଲ୍ୟାଣଜୀ ଙ୍କ ସେବାଶ୍ରମରେ ପହଞ୍ଚି ଥିଲେ । ଗାନ୍ଧୀଜୀଙ୍କର ଏହି ପଞ୍ଚମ ଗସ୍ତ ଥିଲା ଅସ୍ପୃଶ୍ୟତା ନିବାରଣ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ଜନସଚେତନତା ସୃଷ୍ଟି ପାଇଁ ସେ ଜଗନ୍ନାଥଧାମ ପୁରୀରୁ ମେ ୯ ତାରିଖରେ ତାଙ୍କର ଐତିହାସିକ ପଦଯାତ୍ରା ଆରମ୍ଭ କରି ଜୁନ ୮ ତାରିଖରେ ସମାପ୍ତ କରିଥିଲେ । ୬୫ ବର୍ଷ ବୟସ୍କ ଗାନ୍ଧୀଜୀ ୩୦° ରୁ ୩୬° ରୌଦ୍ର ତାପମାତ୍ରା ସହିତ ଭୀଷଣ ଗୁଳି-ଗୁଳି ରେ ତାଙ୍କର ଇତିହାସ ପ୍ରସିଦ୍ଧ ପଦଯାତ୍ରା ଆରମ୍ଭ କରିଥିଲେ ବିନା ଦ୍ୱିଧାରେ । ୧୯୪୩ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ପାଇଁ ଗାନ୍ଧୀଜୀ ଓଡିଶା ଆସିଥିବା ସମୟରେ ଏକ କୌତୁହଳ ଘଟଣା ସଂଗଠିତ ହୋଇଥିଲା । ଏହି ଇତିହାସ ପ୍ରସିଦ୍ଧ ପଦଯାତ୍ରା ସମୟରେ କିଛି ବ୍ୟକ୍ତି ବିଶେଷ ଗାନ୍ଧୀଜୀଙ୍କ ସାନ୍ନିଧ ଲାଭ କରିବାର ପରମ ସୌଭାଗ୍ୟ ଲାଭ କରିଥିଲେ । ଗାନ୍ଧୀଜୀଙ୍କ ସହିତ ସେମାନଙ୍କର ବିତିଥିବା କିଛି ଅଭୁଲା ମୂହୁର୍ତ୍ତ ଆଜି ଅଭୁଲା ସ୍ମୃତି ରୂପେ ବିଗତ ଦିନକୁ ମନେ ପକାଇ ଦେଉଅଛି । ବହୁକୁଦ (ବହୁଗ୍ରାମ) ଦଶହରା ପଡିଆରେ ଗାନ୍ଧୀଜୀଙ୍କର ଏକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । ଏହି ଦିନ ଗାନ୍ଧୀଜୀ ଙ୍କର ଖିଅର ହେବାର ବାରି ଥିଲା । ସେଠାକାର ବାରିକ ବନ୍ଧୁ ଘରକୁ ଯାଇଥିବାରୁ ଜଣେ ବାରିକିଆଣୀକୁ ଗାନ୍ଧୀଜୀ ଙ୍କୁ ଖିଅର କରିବାକୁ କୁହାଯାଇଥିଲା । ଭାଗୁ ବାରିକ ଙ୍କ ବିବାହିତ ଝିଅ ଲକ୍ଷ୍ମୀ ଯେ ନଖୀ ନାମରେ ପରିଚିତ ଥିଲେ । ସେ ଭଲ ଖିଅର କରନ୍ତି ବୋଲି ଗାନ୍ଧୀଜି ଜାଣିବାକୁ ପାଇଲେ । ଜଣେ ବାରିକିଆଣୀ ଖିଅର କରିବ ଏକଥା ଗାନ୍ଧୀଙ୍କ ମନରେ କୌତୁହଳ ସୃଷ୍ଟି କରିଥିଲା । ଗାନ୍ଧୀଜୀଙ୍କୁ ଖିଅର କରିବା କଥା ସ୍ୱେଚ୍ଛାସେବୀ ମାନଙ୍କ ଠାରୁ ଶୁଣି ଲକ୍ଷ୍ମୀ ପ୍ରଥମେ ଭୟ କରି ଯାଇଥିଲା । ଏତେ ବଡ ଲୋକଙ୍କୁ ଖିଅର କଲେ କାଳେ ହାତ ଥରିବ ଏକଥା ତା' ମନରେ ଆଶଙ୍କା ସୃଷ୍ଟି କରିଥିଲା । ଆଉ ଗୋଟିଏ କଥା ଲକ୍ଷ୍ମୀ ମନକୁ ଆନ୍ଦୋଳିତ କରୁଥିଲା ଯେ ତା'ର କୌଣସି ଗହଣା ନାହିଁ କିପରି ଅଲକ୍ଷଣୀ ବେଶରେ ଯାଇ ମହାତ୍ମାଙ୍କୁ ଖିଅର କରିବ । ବିନା ଗହଣାରେ ଗଲେ ଲୋକମାନେ ତାକୁ କ'ଣ ବୋଲି କହିବେ । ଲକ୍ଷ୍ମୀ ବାରିକ ର ଗାନ୍ଧୀଜୀଙ୍କ ଖିଅର କରିବାର ସ୍ମୃତିକୁ ଅତି ଚମତ୍କାର ଓ ସୁନ୍ଦର ଭାବରେ ସୁନାମଧନ୍ୟ କବି ମାୟାଧର ମାନସିଂହ ନିଜ କବିତା "ନାପିତୁଣୀର ଗାନ୍ଧୀ ପୂଜା" ରେ ସ୍ଥାନ ଦେଇଛନ୍ତି -

"ଆସିବେ ମହାତ୍ମାଗାନ୍ଧୀ ପତିତ ଉଦ୍ଧାରେ
ଶୁଣେ ଗ୍ରାମ ନାପିତୁଣୀ ତା' ଗ୍ରାମ ତୋଟାରେ ।
ବାନ୍ଧୁଛନ୍ତି ସ୍ୱେଚ୍ଛାସେବୀ ତାଳପତ୍ର ବାସ

ଲାଗିଅଛି ଜନତାର ଦ୍ରୁତ ଯାଆ ଆସ ।
କି ଦେବେ ଗାନ୍ଧୀ ରେ ଭେଟି ଦରିଦ୍ର ସକଳେ
ହେଲେ କି ଦେବତା ଦେଖା ହେବ ରିକ୍ତ କରେ ।
ଦୀନହୀନ ନାପିତୁଣୀ ଭାବେ ମନେ ମନେ
ମୁଁ କିସ ବନ୍ଦିବି ନେଇ ? କିଛି ହେଲେ ଆନେ ।
ତେବେ କି, ଏ ପୁଣ୍ୟଦଣ୍ଡ ଯିବ ଖାଲି-ଖାଲି ?
ଦ୍ୱାରେ ମୋ ବାରୁଣି ବୁଡ ପାତକ ପଖାଳି" ।

ପୁନଶ୍ଚ କବି ମାୟାଧର ମାନସିଂହ ଏହି ଘଟଣାକୁ ତାଙ୍କ କବିତାରେ ଅତି ମାର୍ମିକ ଶୈଳୀରେ ଉପସ୍ଥାପନା କରିଛନ୍ତି । ବାରିକିଆଣୀ ର ଗାନ୍ଧୀଜୀଙ୍କ ପ୍ରତି ଥିବା ଭକ୍ତି ଓ ଶ୍ରଦ୍ଧାର ଏକ ବାସ୍ତବଚିତ୍ର ସେ ଉପସ୍ଥାପନ କରିଛନ୍ତି । ଏହା ନିଶ୍ଚିତ ଭାବରେ ଏକ ଉପାଦେୟ ଅଧ୍ୟାୟ ଯାହା ପ୍ରେରଣାଦାୟୀ ଓ କାଳଜୟୀ । ମାନସିଂହଙ୍କର ଏହି କବିତାରେ ଗାନ୍ଧୀ ଦର୍ଶନ, ତତ୍ତ୍ୱ ଏବଂ ମହାତ୍ମାଙ୍କ ପ୍ରତି ଥିବା ଅନାବିଳ ଭକ୍ତିର ନିଦର୍ଶନ ଅଟେ । ମାନସିଂହ ଉଲ୍ଲେଖ କରିଛନ୍ତି-

"ହେଲେ ଆସି ଉପଗତ ପଡିଲା ବିଚାର
ନାପିତ ନାହିଁ ଏ ଗ୍ରାମେ ? ହୋଇବେ ସଂସ୍କାର ।
ମହାତ୍ମା, ଏ ପ୍ରଭାତରେ ସ୍ୱେଚ୍ଛାସେବୀଗଣ
ଧାଇଁଲେ ତୁରିତ ଗ୍ରାମେ କରି ଅନ୍ୱେଷଣ ।
ଫେରିଲେ ଯେବେ ସେ ପରେ ପୂର୍ବ ନାପିତୁଣୀ
ପଛେ ତାଙ୍କ ଆଖି ଭୂମେ ମୁଖେ ନାହିଁ ବାଣୀ" ।

ଲକ୍ଷ୍ମୀ ବାରିକ ସାହିପଡିଶାରୁ କିଛି ଅଳଙ୍କାର ମାଗି କରି ଆଣି ଓ ତାକୁ ପିନ୍ଧି ଗାନ୍ଧୀଜୀ ଙ୍କୁ ଖିଅର କରିବା ପାଇଁ ସଭାସ୍ଥଳକୁ ଅତି ଆବେଗରେ ବାହରି ପଡିଲେ । ସେ ହାତରେ ଖଡୁ, ନାକରେ ନୋଥ, ଅଣ୍ଟାରେ ବିଛା ଓ ହାତରେ ମୁଠିଧରି ଗାନ୍ଧୀଜୀଙ୍କ ନିକଟରେ ଉପସ୍ଥିତ ହେଲେ । ବାରିକିଆଣୀର ବେଶ ପରିପାଟୀକୁ ଅତି ଚମତ୍କାର ଭଙ୍ଗିରେ ମାନସିଂହ ତାଙ୍କ କବିତାରେ ସ୍ଥାନ ଦେଇଛନ୍ତି-

"ସୁସଜ୍ଜିତା ଓଡିଆଣୀ ଆୟ ଅଳଙ୍କାରେ
ଭଂଜୀୟ ନାୟୀକା ଯେହ୍ନେ ଚଳେ ଅଭିସାରେ" ।

ଏକ ବାଉଁଶ ବେଣ୍ଟ ଖୁରରେ ଲକ୍ଷ୍ମୀବାରିକ ଗାନ୍ଧୀଜୀଙ୍କ ଖିଅର କରିଥିଲେ । ଖିଅର କରିବା ସମୟରେ ଅବିସ୍ମରଣୀୟ ସ୍ମୃତିକୁ ଅତି ବାସ୍ତବ ଓ ଜୀବନ୍ତ ରୂପ ଦେଇଛନ୍ତି କବି ମାନସିଂହ ତାଙ୍କ କାଳଜୟୀ କବିତାରେ । କବିଙ୍କ ଭାଷାରେ-

"ଭାଷନ୍ତି ମହାତ୍ମା ହସି ଆଚ୍ଛା ତ ଏ କଥା
ନାପିତୁଣୀ ଖୁର ଘଷେ କିନ୍ତୁ ପୋତି ମଥା ।
ପତିତ-ପାବନ ମହା ମାନବ ଗାନ୍ଧୀରେ
ମସ୍ତକ ବୁଲାଇ ଅସ୍ତ୍ର ହସ୍ତ ଦେଇ ଧୀରେ ।
ଦୁଇଗଣ୍ଡେ ଚିବୁକରେ ପରମ ଆଦରେ
ଆଣିଲା ବୁଲାଇ ଖୁର ଚରଣେ ଯୁଗଳେ" ।

ଖିଅର କରୁଥିବା ସମୟରେ ଲକ୍ଷ୍ମୀ ଅସହଜ ମନେ କରୁଥିବାର ଦେଖି ଗାନ୍ଧୀଜୀ ସ୍ମିତ ହସି ତାକୁ କହିଥିଲେ "ଏ ଗହଣା ତୁମକୁ ଖରାପ ଲାଗୁଛି" । ବାପୁଙ୍କର କଥାଶୁଣି ଲକ୍ଷ୍ମୀ କହିଲା ଏ ସମସ୍ତ ଗହଣା ମୁଁ ମାଗିକରି ଆଣିଅଛି । ଏସବୁ ମୋର ନୁହେଁ । ଗାନ୍ଧୀଜୀ ହସି-ହସି ତାକୁ ଗହଣା ବିଷୟରେ ବୁଝାଇ ଦେଲେ । ସେହିଦିନ ଠାରୁ ସେ ଆଉ କେବେ ଗହଣା ପିନ୍ଧି ନ ଥିଲେ । କବି ମାୟାଧର ମାନସିଂହ ତାଙ୍କ କବିତାରେ ଏହାର ହୃଦୟସ୍ପର୍ଶୀ ବ୍ୟଖ୍ୟା କରିଛନ୍ତି-

"ପଚାରନ୍ତି ଗାନ୍ଧୀ ତା'ରେ ପିନ୍ଧିଛ ଜନନୀ
ଏ ଯେଉଁ ଭୂଷଣ ତା'ର କି ଲାଭ କହନି ।
କାହିଁକି ହେ ମହାଭାଗ ପାଇବି ଭୂଷଣ ?
ଏ ସବୁ ଆଣିଛି ମାଗି ତୁମରେ ଦର୍ଶନ" ।

ଖିଅର କାର୍ଯ୍ୟ ସମାପନ ପରେ ଗାନ୍ଧୀଜୀ ନାପିତୁଣୀକୁ ତା'ର ପାଉଣା ପ୍ରଦାନ କଲେ । ସେ ସେଠାରେ ଅନ୍ୟମାନଙ୍କୁ ମଧ୍ୟ ଖିଅର କରିଥିଲେ । ଏଥିରୁ ଉପାର୍ଜିତ ଅର୍ଥ ବିନମ୍ରତାର ସହିତ "ସ୍ୱରାଜ୍ୟ ପାଣ୍ଠି" ପାଇଁ ପ୍ରଦାନ କରିଥିଲେ । ତେଣୁ ମାୟାଧର ମାନସିଂହ ଉଲ୍ଲେଖ କରିଛନ୍ତି-

"ତା'ପରେ ତା'କରେ ଯେବେ ଗୁଞ୍ଜିଲେ ତା'ମୂଲ
ଗାନ୍ଧୀଙ୍କର ପାର୍ଶ୍ୱ ଜନେ ତୁରିତେ ତା' ଠୁଳ ।
କରି ଧୀରେ ମହାତ୍ମାର ଚରଣ କମଳେ
ଜୀବନର ପୂଣ୍ୟ ଘେନି ନାପିତୁଣୀ ଚଳେ" ।

ଗାନ୍ଧୀଜୀଙ୍କ ପଦଯାତ୍ରା ସମୟରେ ଘଟିଥିବା ବିଭିନ୍ନ ଘଟଣା ମାନଙ୍କ ମଧ୍ୟରେ ନାପିତୁଣୀ ଉପାଖ୍ୟାନ ଅତ୍ୟନ୍ତ ମର୍ମସ୍ପର୍ଶୀ, ଚିତା ସ୍ପର୍ଶକ ଓ ଶିକ୍ଷଣୀୟ । ନାପିତୁଣୀର ଗାନ୍ଧୀଭକ୍ତି ଓ ପୂଜା ଥିଲା ଭାବବିହ୍ୱଳ ଓ ଐଶ୍ୱରୀୟ ଅନୁଭୂତିର ପ୍ରତୀକ । ଗାନ୍ଧୀଜୀଙ୍କ ର ଐତିହାସିକ ପଦଯାତ୍ରାର ଏ ଅଭୂଲାସ୍ମୃତି ଏକ ଅଂଶ ବିଶେଷ । ଏଥିରେ ସାମାଜିକ ବିଚାରଧାରା, ଏକତା ଓ ସଂହତି ର ମନ୍ତ୍ର ଉଚ୍ଚାରିତ ହୋଇପାରିଛି । ନାପିତୁଣୀର ଗାନ୍ଧୀ ପୂଜା ଓ ଭକ୍ତିର ପ୍ରସଙ୍ଗ ଜ୍ଞାନ ମଣ୍ଡଳ ଫାଉଣ୍ଡେସନର ପାବକ କାନୁନ୍‌ଗୋ ଙ୍କ "ଗାନ୍ଧୀ ଓ ଓଡିଶା" ପୁସ୍ତକ ଏବଂ ଡଃ ମାୟାଧର ମାନସିଂହ ଙ୍କ "ନାପିତୁଣୀ ର ଗାନ୍ଧୀ ପୂଜା" କବିତାରେ ବିଶେଷ ଭାବରେ ଉଲ୍ଲେଖ ଅଛି ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା- ୭୫୨୦୫୪

# ସେ ମାଛିକୁ ମଅ ବୋଲି କହେ ନାହିଁ

- ଡକ୍ଟର ନାରାୟଣ ମହାନ୍ତ

କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସାଧୀନ ଥିବାବେଳେ ଆମ ବଡ଼ବାବୁଙ୍କ ଦୁର୍ଦ୍ଦଶା କଥା ମୋର କର୍ଣ୍ଣଗତ ହୋଇଥିଲା । ବଡ଼ବାବୁଙ୍କ ଦୁର୍ଦ୍ଦଶା ନକହି ବରଂ ତାଙ୍କ ପୁଅର ଦୁରବସ୍ଥା କହିଲେ ଭଲ ହେବ। ଖବର ପାଇଲି ଯେ, ବଡ଼ବାବୁଙ୍କର ପୁତ୍ରମଣି ଜନୈକ ବିବାହିତା ମହିଳାଙ୍କୁ ବଳାତ୍କାର କରି ପୁଲିସଦ୍ୱାରା ଗିରଫ ହେଲା । ତା'ର ଜାମିନ ଆବେଦନ ଖାରଜ ହେବାରୁ ତାକୁ ମାମୁଘରକୁ ଅର୍ଥାତ୍ ଜେଲଖାନାକୁ ପଠାଇଦିଆଗଲା । ତା' ବିରୋଧରେ ଭାରତୀୟ ପିଙ୍ଗଲ କୋର୍ଡ଼ର ଧାରା ୩୭୬ (ଧର୍ଷଣ) ସହ ଧାରା ୫୦୬ (ଭୟ ପ୍ରଦର୍ଶନ) ଆଦି ଲାଗିଥିବାରୁ ନିକଟରେ ଅର୍ଥାତ୍ ମାସକ ଭିତରେ ଜାମିନ ମିଳିବାର ସମ୍ଭାବନା ନଥିବା ଶୁଣିଲି ।

କୋଭିଡ୍ କେୟାର ସେଣ୍ଟରରେ ଗୁରୁତର ନଥିବା ବ୍ୟକ୍ତିମାନଙ୍କ ପାଇଁ ମୋବାଇଲ ଫୋନ ବରଦାନ ସଦୃଶ ହୋଇଥାଏ । ଏହାର ବିବିଧ ବ୍ୟବହାର କରି ସେମାନେ ଅନାୟାସରେ ସମୟ କାଟିଥାନ୍ତି । ମୋବାଇଲ ଫୋନ ମାଧ୍ୟମରେ ଆମ ଅଫିସ୍‌ର ବରିଷ୍ଠ କିରାନି ଦେବୋପୋମ ମିଶ୍ର ଓରଫ୍ ମିଶ୍ରେ ମୋତେ ବଡ଼ବାବୁଙ୍କ ପୁଅ କୀର୍ତ୍ତିମାନର ସଦ୍ୟତମ କୀର୍ତ୍ତି ବଖାଣିଥିଲେ । ତାଙ୍କଠାରୁ ଏହା ଶୁଣିବା ପରେ ଅନ୍ୟମାନଙ୍କୁ ଫୋନ କରି ଏହାର ସତ୍ୟତା ନିର୍ଣ୍ଣୟ କରିଥିଲି । ବଡ଼ବାବୁଙ୍କର ମୋବାଇଲ ଫୋନ ଅବଶ୍ୟ 'ସ୍ୱିଚ୍ ଅଫ୍' ଥିଲା ।

ସରକାରୀ ହେଲେ ବି ଆମ ଅଫିସ ଏକ ଛୋଟ ଅଫିସ ଥିଲା । ଆମର କର୍ମଚାରୀ ସଂଖ୍ୟା ଏନ୍.ଏମ୍.ଆର୍. ଓ ଓ୍ୱାର୍କଚାର୍ଯ୍ୟଙ୍କୁ ଛାଡ଼ି ଦଶ ମଧ୍ୟରେ ସୀମାବଦ୍ଧ ଥିଲା । ପୁଣି ଆମମାନଙ୍କର ବଦଳି ନଥିଲା । ତେଣୁ ଆମେ ପରସ୍ପରକୁ ସପରିବାର ଭଲ ରୂପେ ଜାଣିବାର ସୁଯୋଗ ପାଇଥିଲୁ । ବଡ଼ବାବୁଙ୍କ ପୁଅ କୀର୍ତ୍ତିମାନର ଗିରଫ ଖବର ଶୁଣି ମୋ ମନ ଅତୀତକୁ ଟାଣି ହୋଇଯାଇଥିଲା । ତା'ର ଗୋଟେ ପରେ ଗୋଟେ କୀର୍ତ୍ତିକଳାପ ବା କାଣ୍ଡକାରଖାନା ଏବଂ ପ୍ରତ୍ୟେକ ଗଣ୍ଡଗୋଳିଆ ଘଟଣାରେ ବଡ଼ବାବୁଙ୍କର ଆତ୍ମସଫେଇ ମୋ ଆଖି ଆଗରେ ନାଚିଉଠିଥିଲା ।

କୀର୍ତ୍ତିମାନର ମୂଳରୁ 'ଆଲୁଦୋଷ' ବା 'ଆଇଁଷିଣା ପ୍ରକୃତି' ଥିବା ଆମେ ପୂର୍ବରୁ ଜାଣିଥିଲୁ । ସେ ସ୍କୁଲରେ ପଢୁଥିବାବେଳେ ଥରେ ଜନୈକ ଛାତ୍ରୀର ବକ୍ଷୋରୁହରେ ହସ୍ତଚାଳନା କରିଦେଇଥିଲା । ଛାତ୍ରୀ ଜଣକ ଉତ୍‌କ୍ଷିପ୍ତ ହୋଇ ପିତାମାତାଙ୍କ ଜରିଆରେ ଏହା ପ୍ରଧାନଶିକ୍ଷକଙ୍କ ଦୃଷ୍ଟିକୁ ଆଣିଥିଲେ । ପ୍ରଧାନଶିକ୍ଷକ ବଡ଼ବାବୁଙ୍କୁ ଡକାଇ ପୁତ୍ରର କାର୍ଯ୍ୟକଳାପ ଅବଗତ କରାଇବା ସଙ୍ଗେସଙ୍ଗେ ତାକୁ ସ୍କୁଲରୁ ରସ୍‌ଟିକେଟ୍ (ବହିଷ୍କାର) କରିଦେବେ ବୋଲି ଜଣାଇଥିଲେ । ତା'ପରେ ପିତାଶ୍ରୀ (ବଡ଼ବାବୁ), ମାତାଶ୍ରୀ (ବଡ଼ବାବୁଙ୍କ ଧର୍ମପତ୍ନୀ) ଓ ପୁତ୍ର ତିନିହେଁ ପ୍ରଧାନଶିକ୍ଷକଙ୍କ ସମେତ ସମ୍ପୃକ୍ତ ଛାତ୍ରୀ ଓ ତା'ର ପିତାମାତାଙ୍କୁ ହାତଯୋଡ଼ି କ୍ଷମା ପ୍ରାର୍ଥନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଘଟଣାର ଗୁରୁତ୍ୱ ଉପଲବ୍ଧି କରି ବଡ଼ବାବୁଙ୍କ ସହ ତାଙ୍କ ଅର୍ଦ୍ଧାଙ୍ଗିନୀ ମଧ୍ୟ ସ୍କୁଲକୁ ଆସିଥିଲେ । ପ୍ରଧାନଶିକ୍ଷକ କୀର୍ତ୍ତିମାନ ଉପରେ ଧାର୍ଯ୍ୟ କରିଥିବା ଜୋରିମାନା ବଡ଼ବାବୁ ତତ୍‌କ୍ଷଣାତ ପଇଠ କରିଥିଲେ । କୀର୍ତ୍ତିମାନ ଭବିଷ୍ୟତରେ ଆଉ ଏପରି (ଅପ)କାର୍ଯ୍ୟ କରିବନାହିଁ ବୋଲି ଲେଖିଦେଇଥିଲା ଏବଂ ଉଭୟ ପିତାମାତା ତହିଁରେ ପ୍ରତିସ୍ୱାକ୍ଷର ବା କାଉଣ୍ଟର-ସାଇନ୍ କରିଥିଲେ ।

ସେହି ଦିନ ହିଁ ଆମେ ସ୍କୁଲ ସୂତ୍ରରୁ ଉକ୍ତ ଘଟଣାର ସବିଶେଷ ବିବରଣୀ ପ୍ରାପ୍ତ ହୋଇଥିଲୁ । ଏହି ଖବର ବିଦ୍ୟୁତ୍ ବେଗରେ ଆମ ଅଫିସ୍‌ରେ ଖେଳିଯାଇଥିଲା । ପରଦିନ ଏ ସମ୍ପର୍କରେ ଆମ ଚୁପରଚାପର ଆଲୋଚନା ବଡ଼ବାବୁଙ୍କ କାନରେ ବାଜିଥିଲା । ଏପରି ଘଟଣା ଆଦୌ ଘଟିନାହିଁ ବୋଲି ସେ ଆମକୁ ରୋକ×ଠୋକ× କହିଥିଲେ । ଏ ଖବର ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ ଓ ଦୁରଭିସନ୍ଧିମୂଳକ ବୋଲି ବଖାଣିଥିଲେ । ତାଙ୍କ ପୁତ୍ର ଭଲ ପଢୁଥିବାରୁ କୌଣସି ଖଳ ପ୍ରକୃତିର ବ÷କ୍ତି ଈର୍ଷାନ୍ୱିତ ହୋଇ ଏପରି ଅପପ୍ରଚାର କରିଥିବା ଜଣାଇଥିଲେ ।

ସମୟ ତା' ବାଟରେ ଗଡ଼ିଚାଲିଥିଲା । ବଡ଼ବାବୁଙ୍କ ପୁତ୍ର କୀର୍ତ୍ତିମାନ ତୃତୀୟ ଶ୍ରେଣୀରେ ମାଟ୍ରିକ ପାସ କରି ଯୁକ୍ତଦୁଇ (କଳା) ପଢ଼ୁଥିଲା । "ପୁଅକୁ ବିଜ୍ଞାନ ପଢ଼ାଇଥିଲେ ସେ ଡାକ୍ତର କି ଇଞ୍ଜିନିୟର ହୋଇଥାନ୍ତା । ତା' ନକରି...." ବରିଷ୍ଠ କିରାନି ମିଶ୍ରେ ପଚାରିଥିଲେ । ମାତ୍ର ତାଙ୍କୁ କଥା ଶେଷ କରିବାକୁ ନଦେଇ ବଡ଼ବାବୁ କହିଥିଲେ, "ଇଞ୍ଜିନିୟରଙ୍କୁ 'ପଇସାଖିଆ' ଓ ଡାକ୍ତରଙ୍କୁ 'ଶୋଷଣକାରୀ' ଆଖ୍÷ା ଦେଇ ପୁଅ ଡାକ୍ତର କି ଇଞ୍ଜିନିୟର ହେବନାହିଁ ବୋଲି ମୂଳରୁ ମନା କରିଥିଲା । ଆଇ.ଏ.ଏସ୍. ଅଫିସର ହେବା ଲକ୍ଷ÷ ନେଇ ସେ କଳା ପଢ଼ିବାକୁ ସ୍ଥିର କଲା । 'ସ୍କଲାର' ପିଲା; ଦେହ ଖରାପ ହେବାରୁ ମାଟ୍ରିକ ପରୀକ୍ଷାରେ ଭଲ କରିନଥିଲା ।"

କୀର୍ତ୍ତିମାନ ଯୁକ୍ତଦୁଇ ପଢ଼ିଲାବେଳେ ଇତିହାସର ପୁନରାବୃତ୍ତି କରିଥିଲା । ତା'ର ପୁରୁଣା ଖୋଇ ପୁଣି ବାହାରିଥିଲା । କଲେଜର ଜନୈକ ଛାତ୍ରୀଙ୍କୁ ସେ 'ଅସଦାଚରଣ' କରିଥିଲା । ଛାତ୍ରୀ ଜଣକ ତାଙ୍କ ଭାଇଙ୍କୁ ଏହା ଜଣାଇଦେଇଥିଲେ । ଭାଇ ଦାଦାମାନଙ୍କୁ ଡାକି କୀର୍ତ୍ତିମାନଙ୍କୁ ନିର୍ଘାତ ପିଟିଥିଲେ । ଏହା ଦେଖି କୀର୍ତ୍ତିମାନର ସାଙ୍ଗ ବଡ଼ବାବୁଙ୍କୁ ଫୋନ କରି ଜଣାଇଥିଲେ । ବଡ଼ବାବୁ କଲେଜକୁ ଯାଇ ଦାଦାମାନଙ୍କ କବଳରୁ ପୁତ୍ରକୁ ଉଦ୍ଧାର କରିଥିଲେ । ତା' ଦେହସାରା ମାଡ଼ର ଚିହ୍ନ ରହିଥିଲା । ପରେ ସେବାଶୁଶ୍ରୂଷା କରି ତାକୁ ସାକ୍ଷମ କରିଥିଲେ । ପୁଲିସକୁ ଖବର ଦେବାକୁ କିନ୍ତୁ ଉଚିତ ମନେ

କରିନଥିଲେ । ଘଟଣା ଘଟିବାର ଦୁଇଦିନ ପରେ ଆମେ ଏହି ଖବର ପାଇଥିଲୁ । ମିଶ୍ରେ ବଡ଼ବାବୁଙ୍କୁ ଆମେ ଶୁଣିଥିବା କଥା ପଚାରିଥିଲେ । ମାତ୍ର ବଡ଼ବାବୁ ପୂର୍ବ ଘଟଣା ପରି ଏହାକୁ ମଧ୍ୟ ପୂରାପୂରି ଫାଙ୍କିଦେଇଥିଲେ । ଏହି ଘଟଣା ପରେ କିନ୍ତୁ କୀର୍ତ୍ତିମାନ ମାଡ଼ ଭୟରେ କିଛିଟା ବଦଳିଥିଲା ।

ଯୁକ୍ତଦୁଇ ପାସ କରି କୀର୍ତ୍ତିମାନ ବି.ଏ. ପଢ଼ିଥିଲା । ବି.ଏ. ପଢ଼ା ସରିଲା ପରେ ସେ ଏମ୍.ଏ. ଶ୍ରେଣୀରେ ସ୍ଥାନ ପାଇନଥିଲା । ଅଗତ୍ୟା ଆଇନ କଲେଜରେ ନାମଲେଖାଇ ଏଲ୍ଏଲ୍.ବି. ପଢ଼ିଥିଲା । ଏଲ୍ଏଲ୍.ବି. ପାସ କଲାପରେ କିନ୍ତୁ 'ପ୍ରାକ୍ଟିସ୍' କରିନଥିଲା । ବଡ଼ବାବୁ କହିଥିଲେ, "ପୁଅ ଘରେ ରହି ଆଇ.ଏ.ଏସ୍. ଆଦି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛି । ଏକାଗ୍ର ଚିତ୍ତରେ ଲାଗିପଡ଼ିଛି । 'ସ୍କଲାର' ପିଲା; ପାଇଯିବ ନିଶ୍ଚୟ ।"

ମୋ ମନ ଅତୀତରୁ ବର୍ତ୍ତମାନକୁ ପୁଣି ଫେରିଆସିଥିଲା । କୋଭିଡ୍ କେୟାର ସେଣ୍ଟରର ବେଡ଼ରେ ମୁଁ ଶୋଇଥିଲି । ପାଖରେ ଅନ୍ୟାନ୍ୟ ରୋଗୀମାନେ ବି ରହିଥିଲେ । ଏହିଠାରେ ଥାଇ ସେଦିନ ଖବର ପାଇଥିଲି ଯେ, କୀର୍ତ୍ତିମାନ ଜନୈକ ବିବାହିତା ତଥା ସ୍ୱାମୀ ପରିତ୍ୟକ୍ତା ସୁନ୍ଦରୀ ମହିଳାଙ୍କ ସହ 'ଲଟରପଟର'ରେ ଲିପ୍ତ ଥିଲା । ଘରେ ଆଇ.ଏ.ଏସ୍. କୋଚିଂ ପାଇଁ ଯାଉଛି ବୋଲି କହି ସେହି (ଭଦ୍ର)ମହିଳାଙ୍କ ପାଖକୁ ଯାଉଥିଲା । କୋଭିଡ୍-୧୯ର କଟକଣାକୁ ଭ୍ରୂକ୍ଷେପ ନକରି ଦୈନିକ ଘରୁ ଗୋଡ଼ କାଢୁଥିଲା । ପିତାଙ୍କ ଅର୍ଜିତ ଅର୍ଥ ସେହି ମହିଳାଙ୍କ ପିଛା ଉଡ଼ାଉଥିଲା । (ଭଦ୍ର)ମହିଳା ବିବାହ କରିବାକୁ ପ୍ରସ୍ତାବ ଦେବାରୁ ସେ କୁଆଡ଼େ ପ୍ରଥମେ ହଁ ଭରିଥିଲା । ସମ୍ପୃକ୍ତ ମହିଳା ଯେ ତା'ଠାରୁ ଦଶବର୍ଷ ବଡ଼ ସେକଥା ଭୁଲିଯାଇଥିଲା । ସେ ବିବାହ କରିବାକୁ ଜିଦ୍ ଧରିବାରୁ କୀର୍ତ୍ତିମାନ ତାଙ୍କୁ କରଛଡ଼ା ଦେଇଥିଲା । ଅର୍ଥ ପ୍ରଦାନ ବନ୍ଦ କରିଦେବା ସଙ୍ଗେସଙ୍ଗେ ବିବାହ କରିବାକୁ ମନା କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ (ଭଦ୍ର)ମହିଳା ତା' ବିରୋଧରେ ଧର୍ଷଣ ଅଭିଯୋଗ ଆଗତ କରିଥିଲେ । ତା'ପରେ କୀର୍ତ୍ତିମାନ ବନ୍ଧା ହୋଇ ମାମୁଘରକୁ ଯାଇଥିଲା ।

ଘଟଣା ଜାଣିବା ଦିନଠାରୁ ଲଗାତର ତିନିଦିନ ବଡ଼ବାବୁଙ୍କୁ ମୋବାଇଲ ଫୋନଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲି । ଚତୁର୍ଥ ଦିନ କିନ୍ତୁ ସେ ଫୋନ ଉଠାଇଥିଲେ । ଶୁଣିଥିବା କଥା ତାଙ୍କୁ କହି ଏହାର ସତ୍ୟାସତ୍ୟ ଜିଜ୍ଞାସା କରିଥିଲି । ସେ ନିର୍ବିକାର ଚିତ୍ତରେ କହିଥିଲେ, "ମୋ ପୁଅ ମାଛିକୁ ମଅ ବୋଲି କହେନାହିଁ । ସେ ଅସଚ୍ଚରିତ୍ର ମାଇକିନା ତାକୁ ପାଲରେ ପକାଇବାକୁ ଚେଷ୍ଟା କରୁଥିଲା । ମୋ ପୁଅର ରୂପ ଓ ଗୁଣରେ ମୋହିଯାଇ ସେ ଡାଆଣୀ ତାକୁ ଫସେଇବାକୁ ବସିଥିଲା । ମାତ୍ର ମୋ ପୁଅର ଖରାପ ଦିଗରେ ମନ ନଥିବାରୁ ସେ ତା'ର ପ୍ରଲୋଭନକୁ ଏଡ଼ାଇଯାଇଥିଲା । ବିଫଳ ହେବାରୁ ଉତ୍କ୍ଷିପ୍ତ ହୋଇ ସେ ପୁଅ ନାମରେ ଧର୍ଷଣ ଅଭିଯୋଗ ଆଣିଲା । ଦେଶର ଆଇନ ତ ମହିଳାମାନଙ୍କ ସପକ୍ଷରେ ଅଛି । ତେଣୁ ପୁଅ ଗିରଫ ହୋଇ ଜେଲ ଗଲା ।" ବଡ଼ବାବୁଙ୍କ କଥା ଶୁଣି ମୋ ମନକୁ ରାଗ ଓ ଦ୍ୱେଷ ଆସିଥିଲା । ଉପରଠାଉରିଆ ଭାବରେ ସାନ୍ତ୍ୱନା ଦେଇ କହିଥିଲି, "ବ୍ୟସ୍ତ ହୁଅନ୍ତୁନାହିଁ, ଜାମିନ ମିଳିଯିବ । ଆପଣ ଚେଷ୍ଟା କରୁଥା'ନ୍ତୁ ।" ତା'ପରେ ଫୋନ ରଖିଦେଇଥିଲି ।

ମୁଁ କୋଭିଡ୍ କେୟାର ସେଣ୍ଟରର ଛାତକୁ ଚାହିଁଥିଲି । ପଙ୍ଖା ସବୁ 'ଫୁଲ୍ ସ୍ପିଡ୍'ରେ ଘୂରୁଥିଲା । ପୁଅ କୀର୍ତ୍ତିମାନର ଦୁର୍ଦ୍ଦଶା ପାଇଁ ବଡ଼ବାବୁ ଯେ ପୂରା ଦାୟୀ, ମୁଁ ତାହା ଅନୁଭବ କରିଥିଲି । ପୁଅକୁ ଅତିମାତ୍ରାରେ ଗେହ୍ଲା କରିଦେଲେ । ତା'ର ଅପକର୍ମ ପାଇଁ କେବେହେଁ ତାଗିଦ କଲେନାହିଁ; ବରଂ ସବୁବେଳେ ଘଣ୍ଟଘୋଡ଼ାଇଲେ । ପୁଅ ଲଗାମଛଡ଼ା ହୋଇ ଯାହା ଇଚ୍ଛା ତାହା କଲା । ପରିଶେଷରେ ଗିରଫ ହୋଇ ଜେଲ ଗଲା ।

ପ୍ରାଧ୍ୟାପକ, ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ଜେକେବିକେ ସରକାରୀ କଲେଜ

# ଶିଶୁ ସାହିତ୍ୟ ଓ ଲୋକ ସାହିତ୍ୟ
## (ଲିଖିତ ଶିଶୁ-ସାହିତ୍ୟ ଓ ମୌଖିକ ଶିଶୁ-ସାହିତ୍ୟ)

- ଡକ୍ଟର ବସନ୍ତ କିଶୋର ସାହୁ

ଶିଶୁ-ସାହିତ୍ୟ ଶିଶୁଙ୍କ ପାଇଁ ବଡ଼ଙ୍କ ଦ୍ୱାରା ରଚିତ ସାହିତ୍ୟ । ସହଜ -ସରଳ ଭାଷାରେ କହିଲେ ଶିଶୁ-ସାହିତ୍ୟକୁ ବଡ଼ମାନେ ଲେଖିବେ ଓ ଶିଶୁମାନେ ପଢ଼ିବେ । ଅବଶ୍ୟ ବଡ଼ମାନେ ପଢ଼ିବାରେ ବାଧା ନାହିଁ । ଏହାକୁ ଜଣେ ନିର୍ଦ୍ଦିଷ୍ଟ ସ୍ରଷ୍ଟା ସୃଷ୍ଟି କରିଥାନ୍ତି । ଅର୍ଥାତ୍ ଶିଶୁଙ୍କ ପାଇଁ ଲେଖାଯାଉଥିବା ସମସ୍ତ ଗଳ୍ପ, କବିତା, ନାଟକ, ଉପନ୍ୟାସ ଆଦିର ଜଣେ ନିର୍ଦ୍ଦିଷ୍ଟ ସ୍ରଷ୍ଟା ଥାଆନ୍ତି । ସେ ଶିଶୁ ମନସ୍ତତ୍ତ୍ୱକୁ ଦୃଷ୍ଟିରେ ରଖି ଶିଶୁଙ୍କ ପାଇଁ ସାହିତ୍ୟ ସୃଷ୍ଟି କରନ୍ତି । ଏହାକୁ ଗବେଷକ ବା ଲେଖକ ଲିଖିତ ଶିଶୁ-ସାହିତ୍ୟ କହନ୍ତି । ଏହାର ବିକାଶ ଓଡ଼ିଆ ଭାଷାରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଗଡ଼ି ଆସିଛି । ଅର୍ଥାତ ଲିଖିତ ଶିଶୁ-ସାହିତ୍ୟର ଇତିହାସ ମାତ୍ର ୧୫୦ ବର୍ଷ ତଳର ।

ମାତ୍ର ଲୋକ ସାହିତ୍ୟ ବହୁ ପ୍ରାଚୀନ । ଏହାର ନିର୍ଦ୍ଦିଷ୍ଟ ସ୍ରଷ୍ଟା ନଥାନ୍ତି । ସ୍ମୃତି ଓ ଶ୍ରୁତିରେ ଏହା ବଞ୍ଚି ରହେ । ଏକ ନିର୍ଦ୍ଦିଷ୍ଟ ଗଳ୍ପ,କବିତା ରୂପାନ୍ତରିତ ହୋଇ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରୂପରେ ଉପଲବ୍ଧ ହୋଇଥାଏ । ଭାବ, ଶବ୍ଦ, ପ୍ରକାଶଭଙ୍ଗୀ ଶୁଣିଥିବା ଲୋକର ରୁଚି ଅନୁଯାୟୀ ପରିବର୍ତ୍ତିତ ହୋଇଯାଏ । ଏହାର ସଂରକ୍ଷଣ ପଦ୍ଧତି ନିର୍ଦ୍ଧାରିତ ହୋଇ ନଥିବାରୁ ଏହା କେତେବେଳେ ଲୋପ ପାଇଯାଏ ତ କେତେବେଳେ ବହୁବର୍ଣ୍ଣା ହୋଇଯାଏ । ଏହାର ମୂଳ ସ୍ରଷ୍ଟାଙ୍କୁ ଖୋଜି ପାଇବା କଷ୍ଟ । ଏହା ଏକକ ସୃଷ୍ଟି ନୁହେଁ, ସମଷ୍ଟିଗତ ପ୍ରକ୍ରିୟା । ସେଥିପାଇଁ ଆଧୁନିକ ଯୁଗରେ ଯେଉଁମାନେ ଲୋକସାହିତ୍ୟ ସଂଗ୍ରହ କରି ସଂରକ୍ଷଣ କରିଯାଇଛନ୍ତି, ସେମାନେ ସ୍ରଷ୍ଟାର ନାମ ନଦେଇ ସଂଗ୍ରହ ସ୍ଥାନର ନାମ ଦେଇଥାନ୍ତି । ଅର୍ଥାତ୍, କେଉଁ ଅଞ୍ଚଳରୁ ଏହା ସଂଗ୍ରହ କରାଯାଇଛି ତାହା ସୂଚୀତ କରିଛନ୍ତି ।

ଲୋକସାହିତ୍ୟର ଇତିହାସ ବହୁ ପୁରାତନ । ଭାଷା ସୃଷ୍ଟି ହେବା ଦିନରୁ ଏହା ସୃଷ୍ଟି ହୋଇ ଲୋକଙ୍କର ମନୋରଞ୍ଜନର ମାଧ୍ୟମ ହୋଇ ଆସିଛି । ଏବେବି ଗାଆଁ ଲୋକେ ଅନେକ ଲୋକସାହିତ୍ୟ ସୃଷ୍ଟି କରୁଛନ୍ତି ଓ ସେଗୁଡ଼ିକ ସେମାନଙ୍କ ପାଖରେ ବଞ୍ଚି ରହିଛି । ଲେଖାପଢ଼ା ଜାଣି ନଥିବା ଲୋକଙ୍କ ଭିତରେ ରହିଥିବା ଆବେଗ ଓ ଭାବୋଚ୍ଛ୍ୱାସ ଲୋକସାହିତ୍ୟ ରୂପରେ ପ୍ରକାଶ ପାଉଛି । ଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଲୋକସାହିତ୍ୟର ଜଣେ ଜଣେ ରସିକ ଗ୍ରାହକ । ଲୋକସାହିତ୍ୟ ସମଷ୍ଟିଗତ ଉଦ୍ୟମ ହୋଇଥିବାରୁ କାହାକୁ କଟାକ୍ଷ କରି କିଛି ନକହି ଏହା ସମାଜ ପରିବର୍ତ୍ତନ ପାଇଁ ବାର୍ତ୍ତା ପ୍ରଦାନ କରିଥାଏ । ଲୋକସାହିତ୍ୟ ମଧ୍ୟରେ ଯେଉଁ ଅଂଶ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ତାକୁ'ମୌଖିକ ଶିଶୁ-ସାହିତ୍ୟ' ଭାବରେ ଅଭିହିତ କରାଯାଇଛି । ଏହାକୁ ଗବେଷକ ଓ ସମୀକ୍ଷକମାନେ ସ୍ୱୀକାର କରିଛନ୍ତି । ମୌଖିକ ଶିଶୁସାହିତ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ମୁଁ ମୋର ଗବେଷଣା ନିବନ୍ଧ- 'ଓଡ଼ିଆ ମୌଖିକ ଶିଶୁ ସାହିତ୍ୟ' (୧୯୯୩) ରେ କରିବା ସହିତ ମୌଖିକ ଶିଶୁ ସାହିତ୍ୟ (ଲୋକ ସାହିତ୍ୟ) ର ପ୍ରଭାବ କିପରି ଭାବରେ ଲିଖିତ ଶିଶୁ ସାହିତ୍ୟ ଉପରେ ପଡ଼ିଛି ତାହା ଦର୍ଶାଇଛି ।

ଗବେଷଣାରୁ ଜଣାଯାଏ ଯେ ସାଂପ୍ରତିକ ସମୟରେ ଲେଖା ଯାଉଥିବା ଶିଶୁ ସାହିତ୍ୟର ଦୁଇଟି ଧାରା ପ୍ରବାହିତ । ଗୋଟିଏ ହେଉଛି ସୃଜନଶୀଳ ଧାରା, ଅନ୍ୟଟି ହେଉଛି ମୌଖିକ ଶିଶୁ ସାହିତ୍ୟ ବା ଲୋକ ସାହିତ୍ୟର ଧାରା । ସୃଜନଶୀଳ ଧାରାରେ ସ୍ରଷ୍ଟା ଶିଶୁ ମନସ୍ତତ୍ତ୍ୱକୁ ଗୁରୁତ୍ୱ ଦେଇ ସଚେତନ ଭାବରେ ଶିଶୁର ରାଗ, ରୁଷା, ହସ, କାନ୍ଦ, କଳ୍ପନା, ବିଶ୍ୱାସକୁ ରୂପାୟିତ କରି ଶିଶୁର ମନୋରଞ୍ଜନ କରିବା ପାଇଁ ଚେଷ୍ଟା କରିଥାଏ । ମାତ୍ର, ମୌଖିକ ଶିଶୁ ସାହିତ୍ୟ ସଚେତନ ସୃଷ୍ଟି ହୋଇ ନଥିଲେ ମଧ୍ୟ ଏଥିରେ ମଧ୍ୟ ଶିଶୁ ମନସ୍ତତ୍ତ୍ୱର ଅନେକ ଉପାଦାନ ରକ୍ଷିତ ହୋଇ ରହିଥାଏ । ଏବେ ଆସନ୍ତୁ ଦୁଇଟି ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ।

ଲିଖିତ ଶିଶୁ-ସାହିତ୍ୟ ସହିତ ପରିଚିତ ହେବାର ବହୁ ପୂର୍ବରୁ ମାଆ କୋଳରେ ରହି ଶିଶୁ ମୌଖିକ ଶିଶୁ-ସାହିତ୍ୟ (ଲୋକ ସାହିତ୍ୟ) ସହିତ ପରିଚିତ ହୋଇଥାଏ । କୋମଳ ଓ ଶ୍ରୁତିମଧୁର ଭାବରେ ମାଆ ବୋଲୁଥିବା ନାନାବାୟାଗୀତ ଶୁଣି ସେ ତା ପ୍ରତି ଆକୃଷ୍ଟ ହୋଇଥାଏ । କାରଣ ଶିଶୁ ପ୍ରଥମେ ମାଆ ସହିତ ପରିଚିତ ହୋଇଥାଏ ଓ ମାଆର ଭାଷାକୁ ବୁଝିଥାଏ । ନାନାବାୟାଗୀତ ଶୁଣିବା ଦିନରୁ ତା ମନରେ ସାହିତ୍ୟିକ ରୁଚିବୋଧ ସୃଷ୍ଟି ହୋଇଥାଏ । ନାନାବାୟା ଗୀତର ଛନ୍ଦ, ତାଳ, ଲୟ, ଧ୍ୱନି ଓ ଶବ୍ଦ ତା ମନରେ ଅଲିଖିତ ଭାବରେ ଅଲିଭାଗାର ହୋଇ ରହିଯାଏ ।

ନାନାବାୟା ଗୀତକୁ ଜନନୀ ତା'ର ଅବୁଝ, ଅବୋଧ ସନ୍ତାନକୁ ବୁଝାଇବା ପାଇଁ କିମ୍ବା କ୍ରନ୍ଦନରତ ଶିଶୁର କାନ୍ଦ ବନ୍ଦ କରିବା ପାଇଁ ଅର୍ଥଯୁକ୍ତ ବା ଅନର୍ଥକ-ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର କରି ଅପୂର୍ବ ଶ୍ରୁତିମଧୁର ଛନ୍ଦ ଓ ଧ୍ୱନିରେ ଗାଇଥାଏ । ନିଷ୍ପାପ ଶିଶୁ ଗୀତର ଅର୍ଥ କି ଭାବ ନବୁଝି ସାପ ପଦ୍ମତୋଳା ଶୁଣି ବିମୋହିତ ହେଲା ପରି ଗୀତର ତାଳ ଓ ଲୟ ଦ୍ୱାରା ପ୍ରଭାବିତ ହୋଇ ବଶୀଭୂତ ହୁଏ । ବୁଝିବାର ବୟସ ବା ଶକ୍ତି ଶିଶୁମାନଙ୍କ ଠାରେ ନଥିବାରୁ ସେମାନେ କେବଳ ଶ୍ରବଣେନ୍ଦ୍ରିୟ ଓ ଚକ୍ଷୁ ଦ୍ୱାରା ଗୀତକୁ ବୁଝିଥାଆନ୍ତି । ଏହି ସବୁ ଗୀତରେ ନାରୀର କୋମଳ କଣ୍ଠର ସ୍ୱରମାଧୁରୀ ଓ କଳ୍ପନାର କାଉଁରୀ ସ୍ପର୍ଶ ନାନାବାୟାଗୀତକୁ ଅଧିକ ରସାଳ ଓ ପ୍ରାଣବନ୍ତ କରି ଗଢ଼ିତୋଳେ । ତେଣୁ ନାନାବାୟା ଗୀତ ହେଉଛି ଶିଶୁ ମନରେ ସାହିତ୍ୟିକ ରସବୋଧ ସୃଷ୍ଟି କରିବାର ପ୍ରଥମ ପାହାଚ । ନାନାବାୟାଗୀତର ସ୍ରଷ୍ଟା ଯେ କେବଳ ଜନନୀ ତାହା ନୁହେଁ-ଜନନୀ

ବ୍ୟତୀତ ଆମ ଓଡ଼ିଶାର ସାମାଜିକ/ପାରିବାରିକ ଓ ଯୌଥ ପରିବାର ପରମ୍ପରାରେ ଶିଶୁ ମାଆ ବ୍ୟତୀତ ଆଈମା, ପିଉସୀ, ଜେଜିମା ବା ପରିବାରର ଅନ୍ୟ ବୟସ୍କା ମହିଳାଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥାଏ । ତେଣୁ ମାଆ ବ୍ୟତୀତ ଶିଶୁର ଦାୟିତ୍ୱ ନେଉଥିବା ଓ ଲାଳନପାଳନରେ ସହାୟତା କରୁଥିବା ବୟସ୍କା ମହିଳା ମଧ୍ୟ ଏହାର ସୃଷ୍ଟିକର୍ତ୍ତୀ ଏ କଥାକୁ ଅସ୍ୱୀକାର କରାଯାଇ ନପାରେ ।

ବିଭିନ୍ନ ସମୟରେ ଗାନ କରାଯାଉଥିବା କେତେକ ପ୍ରସିଦ୍ଧ ନାନାବାୟା ଗୀତ ହେଲା- 'ଝୁଲରେ ହାତୀ ଝୁଲୁ, କିଆ କନ୍ଦା ଖାଇ ଫୁଲ୍', 'ବାଇଚଢ଼େଇ ରେ ବାଇଚଢ଼େଇ, ତୋ ମାଆ ଯାଇଛି ଗାଈ ଚରେଇ'। 'ଆ ଜହ୍ନମାମୁ ଶରଗଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି', 'ଧୋ ରେ ବାୟା ଧୋ, ଯୋଉ କିଆରୀରେ ଗହଳ ମାଣ୍ଡିଆ ସେଇ କିଆରୀରେ ଶୋ' 'ମେଘ ପକାଇଲା ଟପର ଟପର, କେଶୁର ମାଇଲା ଗଜା, କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା', ଆଦି ପ୍ରଧାନ । ଏହି ସବୁ ଗୀତର, ସ୍ୱର ଝଙ୍କାର, ଧ୍ୱନି ଓ ଶବ୍ଦ ଶିଶୁ ମନରେ ଏକ ସ୍ଥାୟୀ ପ୍ରଭାବ ପକାଇଥାଏ ।

ବୟସ ବଢ଼ିଲେ ଓ ଅକ୍ଷର ଶିଖି ପାଠ ପଢ଼ି ଜାଣିଲେ ମଧ୍ୟ ମୌଖିକ ଗୀତର ତାଳ, ଧ୍ୱନିକୁ ସେ ଭୁଲି ପାରେ ନାହିଁ । ପରବର୍ତ୍ତୀ ସମୟରେ ସ୍କୁଲ/ପାଠଶାଳା ଯିବା ପୂର୍ବରୁ ସେ ଖରାକୁ ଦେଖି, ବର୍ଷାକୁ ଦେଖି, ବିଲେଇକୁ ଦେଖି, ଗାଈକୁ ଦେଖି ଯେଉଁ ଗୀତ ଗାଏ ତାକୁ ମୌଖିକ ଶିଶୁ ସାହିତ୍ୟରେ ଶିଶୁ ଗୀତ ଓ ଖେଳିଲା ବେଳେ ଗାଉଥିବା ଗୀତକୁ ଖେଳଗୀତ ଭାବେ ଗ୍ରହଣ କରାଯାଇଛି । ଏହି ଗୀତର ଗାୟକ ଶିଶୁ ନିଜେ ବା ତାର ସାଙ୍ଗ ସାଥି ହୋଇଥାଆନ୍ତି । ଶିଶୁଗୀତ ଓ ଖେଳଗୀତର କେତେକ ପ୍ରଧାନ ଗୀତ ହେଲା- 'ଅକଲ ମକଲ ଟକଲ ଟାଇଁ, ଗଡ଼ିଶ ବାଜଇ ଢାଇଁ ଢାଇଁ', ଆଖି ନାଇଁ କାନ ନାଇଁ ବାଜିଗଲେ ଦୋଷ ନାଇଁ, 'ଟୁଉକୁ ମୂଷିରେ ଟୁଉକୁ ମୂଷି, ଧାନ ଭରଣକ ଖାଉଥା ବସି, ତୁ ଥା ମୁଁ ଯାଉଛି ରୁଷି', 'ଜହ୍ନି ଫୁଲ ଠୋ ଠା, କାକୁଡ଼ି ଫୁଲ ଠୋ ଠା, ଗୁଣ୍ଡୁଚି ମୂଷା କହିଯାଇଛି ଚାଉଳ ମୁଠିଏ ଥୋଇଥା', 'ଇଚିକିଲି ମିଚିକିଲି ଫୁଟିଗଲା କାଇଁଚ, ତୁମର ଆମର ନାଲି ପଇଁଚ', 'ଚକା ଚକା ଭଉଁରୀ, ମାମୁଘର ଚଉଁରୀ', ପୁଞ୍ଚିଲୋ ଘୁଞ୍ଚି ଯା, ଗହୀର ବିଲରେ ଲୁଚି ଯା' । କବାଡ଼ି ଖେଳିଲା ବେଳେ ପିଲାମାନେ ବୀରତ୍ୱ ସୂଚକ ଗୀତ ଗାନ କରିଥାନ୍ତି-ଯଥା - 'ପଣସ ପତର ଦିଶଇ ଲାଲ, ମାରିବି ଯାବଡ଼ା ଭାଙ୍ଗିବି ଗାଲ ।' ସେହିପରି କିମ୍ବଦନ୍ତୀ ସମ୍ବନ୍ଧୀୟ କେତେକ ଗୀତ ହେଲା- 'ଅଇଲା କଳା ପାହାଡ଼, ଭାଙ୍ଗିଲା ଲୁହାର ବାଡ଼..', 'ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁ ବାରିଷ୍ଟର ସଙ୍ଗେ ଲଢ଼ିବି'.. ଇତ୍ୟାଦି


ଅବସର ସମୟରେ ବିଭିନ୍ନ ଖେଳ ଖେଳିଲା ବେଳେ ସେ ଗାଉଥିବା ଗୀତକୁ ଖେଳ ଗୀତ ଓ ସନ୍ଧ୍ୟାରେ ପରସ୍ପର ମଧ୍ୟରେ ପଚରା ଯାଉଥିବା ପ୍ରଶ୍ନୋତ୍ତର ଖେଳକୁ ନାଁ ଦିଆ କୁହାଯାଏ । ଶିଶୁ ସ୍କୁଲକୁ ଆସିବା ବା ଲିଖିତ ସାହିତ୍ୟ ସହିତ ପରିଚିତ ହେବା ପୂର୍ବରୁ ମୌଖିକ ସାହିତ୍ୟ ସହିତ ଗଭୀର ଭାବେ ପରିଚିତ ହୋଇଥାଏ । ଏହି ସମସ୍ତ ଗୀତରେ ଶିଶୁର କଳ୍ପନା, ସ୍ମରଣଶକ୍ତି, ଆବେଗ, ପରିଚୟବୋଧ ଅତି ସୁନ୍ଦର ଓ ସାବଲୀଳ ଭାବରେ ପ୍ରକାଶ ପାଇଥାଏ । ତେଣୁ ପୃଥିବୀର ପ୍ରତ୍ୟେକ ଭାଷାରେ ମୌଖିକ ଶିଶୁ ସାହିତ୍ୟ ହିଁ ଲିଖିତ ଶିଶୁ ସାହିତ୍ୟର ପ୍ରବେଶ ପଥ ଭାବରେ କାର୍ଯ୍ୟ କରିଥାଏ । ମୌଖିକ ଶିଶୁ ସାହିତ୍ୟ ନଥିଲେ ଲିଖିତ ଶିଶୁ ସାହିତ୍ୟ ପ୍ରତି ଶିଶୁ ଆକୃଷ୍ଟ ହୁଅନ୍ତା ନାହିଁ ।

ନାନାବାୟା ଗୀତରେ ମାଆର ପିଠି ଥାପୁଡେଇବା, ଗୋଡ଼ରେ ହଲାଇବା, ଗୁଣୁଗୁଣୁ ଗୀତ ଗାଇବା, ବର୍ଷାର ରିମ୍‌ଝିମ୍ ସୁରରେ ମସଗୁଲ ହେବା ବା ଖେଳିଲା ବେଳେ ବିରତ୍ୱ ସୂଚକ ଶବ୍ଦ ଉଚ୍ଚାରଣ କରିବା, ସବୁଠି ଶିଶୁ ଧ୍ୱନି ସହିତ ପରିଚିତ ହୋଇଥାଏ । ସେହି ଧ୍ୱନି, ସେହି ସ୍ୱର ଝଙ୍କାର ତା ମନରେ ଅଲିଭା ଗାର ହୋଇ ରହିଯାଇଥାଏ । ପାଠ ପଢ଼ି ଶିଖିଲେ ସେ ପ୍ରଥମେ ସେହି ସ୍ୱର ଝଙ୍କାର ଓ ଧ୍ୱନିକୁ ଖୋଜିଥାଏ । ଏଣୁ, ଅନୁସନ୍ଧାନରୁ ଜଣାଯାଏ ଯେ ଅନେକ ଶିଶୁ ସାହିତ୍ୟିକ ମୌଖିକ ଶିଶୁ-ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରଚଳିତ ଥିବା ଗୀତର ଅନୁସରଣରେ ଅନେକ ଗୀତ ଓ କବିତା ରଚନା କରି ସଫଳ ହୋଇଛନ୍ତି । ପିଲାମାନେ ମଧ୍ୟ ମୌଖିକ ଶିଶୁ ସାହିତ୍ୟ ଆଧାରରେ ସୃଷ୍ଟି ହେଉଥିବା ଗଳ୍ପ କବିତାକୁ ଅଧିକ ଆଗ୍ରହର ସହକାରେ ପାଠ କରିଥାନ୍ତି । ତେଣୁ, ଲିଖିତ ଶିଶୁ ସାହିତ୍ୟର ମୂଳ ଉତ୍ସ ଯେ ମୌଖିକ ଶିଶୁ ସାହିତ୍ୟ ବା ଲୋକ ସାହିତ୍ୟ ଏ କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ସାଂପ୍ରତିକ କାଳରେ ସୃଷ୍ଟି ହେଉଥିବା ଅନେକ କବିତାରେ ମୌଖିକ ଶିଶୁଗୀତର ପ୍ରଭାବ ଉଭୟ ଆତ୍ମିକ ଓ ଆଙ୍ଗୀକ ଦିଗରୁ ପଡ଼ିଥିବା ଲକ୍ଷ୍ୟ କରାଯାଏ । କେଉଁଠି ମୌଖିକ ଶିଶୁଗୀତର ପ୍ରଥମ ଧାଡ଼ିକୁ ଗ୍ରହଣ କରାଯାଇଛି ତ କେଉଁଠି ସାମାନ୍ୟ ପରିବର୍ତ୍ତନ କରାଯାଇ ଧ୍ୱନି ସର୍ବସ୍ୱ କରାଯାଇ ରଚନା କରାଯାଇଛି । ଏହି ସବୁ ଶୈଳୀକୁ ପଲ୍ଲୀକବି ନନ୍ଦକିଶୋର, ଗୋପାଳଚନ୍ଦ୍ର ପ୍ରହରାଜ, ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଚକ୍ରଧର ମହାପାତ୍ର, କାଳୀଚରଣ ପଟ୍ଟନାୟକ, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ନନ୍ଦ, ଅନନ୍ତ ପଟ୍ଟନାୟକ, ଡକ୍ଟର କୁଞ୍ଜବିହାରୀ ଦାଶ, ରାମପ୍ରସାଦ ମହାନ୍ତି, ନଦୀୟା ବିହାରୀ ମହାନ୍ତି, ସ୍ନେହଲତା ମହାନ୍ତି, ଦାଶ ବେନେହୁର, ଡକ୍ଟର ବସନ୍ତ କିଶୋର ସାହୁଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ କାଳର ଅନେକ କବି ଗ୍ରହଣ କରି ପିଲାମାନଙ୍କ ପାଇଁ ସୁନ୍ଦର ସୁନ୍ଦର ମନଛୁଆଁ କବିତା ରଚନା କରିଛନ୍ତି । ସେହିପରି ପିଲାମାନେ ଶୁଣିଥିବା ଗଳ୍ପ-ଯଥା-ରାଜାରାଣୀ, ଟୁଆଁଟୁଇଁ, ବୁଢ଼ାବୁଢ଼ୀ, ପଶୁପକ୍ଷୀକୁ ନେଇ ରଚିତ ଗଳ୍ପ ସଂଗ୍ରହ କରାଯାଇ ନୂତନ ରୂପରେ ପରିବେଷଣ କରାଯାଉଥିବାରୁ ସେଗୁଡ଼ିକ ଶିଶୁଙ୍କୁ ଆକୃଷ୍ଟ କରୁଛି । ଏହି ସବୁ କାହାଣୀରେ ପଶୁପକ୍ଷୀମାନେ ମଣିଷମାନଙ୍କ ପରି କଥା କହିବା ଓ ଆଚରଣ ପ୍ରଦର୍ଶନ କରୁଥିବାରୁ ଶିଶୁ ସେଥିପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଥାଏ । ଏହା ବ୍ୟତୀତ ନୀତିଶିକ୍ଷାମୂଳକ, ପାରିବାରିକ ଜୀବନ ଚିତ୍ର, ଅନ୍ୟାୟ ଓ ଅସତ୍ୟର ପରାଜୟ, ଜୀବନ ନାଟି,

କଥନଧର୍ମିତା, ସରଳ ଭାଷାର ପ୍ରୟୋଗ ଶିଶୁ ଗଳ୍ପକୁ ଅଧିକ ଶିଶୁ ପ୍ରିୟ କରିଥାଏ ।

ଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଶିଶୁ ସାହିତ୍ୟର (ଲିଖିତ ଶିଶୁ-ସାହିତ୍ୟ ଓ ମୌଖିକ ଶିଶୁ ସାହିତ୍ୟର) ଦୁଇଟି ଧାରା ମଧ୍ୟରୁ  ପିଲାମାନେ ମୌଖିକ ଶିଶୁ ସାହିତ୍ୟକୁ ଅଧିକ ପସନ୍ଦ କରନ୍ତି । ମୌଖିକ ଶିଶୁ ସାହିତ୍ୟ ଶିଶୁ ମନୋବିଜ୍ଞାନ ସମର୍ଥିତ ନହୋଇ ମଧ୍ୟ ଶିଶୁକୁ ଆନନ୍ଦ ଦେବାରେ ଅଧିକ ସମର୍ଥ । ଦୈନନ୍ଦିନ ଜୀବନରେ ଶିଶୁଙ୍କ ପାଇଁ, ଶିଶୁଙ୍କ ଦ୍ୱାରା ଏହା ଅଧିକ ବ୍ୟବହୃତ ହେଉଥିବା ଲକ୍ଷ୍ୟ କରାଯାଉଛି । କେବଳ ଗ୍ରାମାଞ୍ଚଳରେ ନୁହେଁ ସହରର ପିଲାମାନେ ମଧ୍ୟ ଏଥିପ୍ରତି ଅଧିକ ଆକୃଷ୍ଟ । ତେଣୁ, ଶିକ୍ଷା ସଭ୍ୟତାର ବିକାଶ ସତ୍ତ୍ୱେ ଲିଖିତ ଶିଶୁ ସାହିତ୍ୟର ବହୁବର୍ଣ୍ଣା (କବିତା, ଗଳ୍ପ, ନାଟକ, ଉପନ୍ୟାସ, ଭ୍ରମଣ କାହାଣୀ, ବିଜ୍ଞାନ କଥା) ସତ୍ତ୍ୱେ ଶିଶୁ ମହଲରେ ମୌଖିକ ଶିଶୁ ସାହିତ୍ୟ (ଲୋକ ସାହିତ୍ୟ)ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଯାହାକି ସାଂପ୍ରତିକ କାଳର ସ୍ରଷ୍ଟାମାନଙ୍କ ମନରେ ଗଭୀର ପ୍ରଭାବ ପକାଇ ଆସିଛି ଓ ଆସୁଥିବ ମଧ୍ୟ ।

# ଉଦାସୀ ମେଘର ଲୁହ

– ଶ୍ରୀମତୀ ଯାଜ୍ଞସେନୀ ହୋତା

ସାରା ଦିନର କ୍ଳାନ୍ତି ପରେ ଟିକିଏ ବିଶ୍ରାମ ପାଇଁ ବ୍ୟସ୍ତ ହୋଇ ପଡୁଛନ୍ତି ଅସ୍ତଗାମୀ ସୂର୍ଯ୍ୟ । ପକ୍ଷୀକୁଳ ବି ନିଜ ନିଜ ନୀଡକୁ ପ୍ରତ୍ୟାବର୍ତ୍ତନ କରିବାରେ ଉଦ୍‌ବିଗ୍ନ । ଧୂଳି ଉଡେଇ ଉଡେଇ ଆଗକୁ ମାଡିଗଲେଣି ଅନେକ ଗୋରୁପଲ ।

ଛେଳି କେତେଟାକୁ ଆଡେଇ ଘରମୁହାଁ ଚାଲିଥାଏ ମିଠୁ । ସକାଳୁ ସକାଳୁ ପଖାଳ ଦିଟା ଖାଇ ବାହାରି ଥିଲା ସାଙ୍ଗରେ ଧରିଥିଲା ମୁଢି ଆଉ ଦିଟା ଲଙ୍କା । ଅନେକ ବେଳୁ ପେଟରେ ମୂଷା ଦୌଡିଲେଣି । ଏ ହାତ ତା ଭାଗ୍ୟଲିପି । ଦିନ ଥିଲା ତା ବାପା ସାହୁକାର ଘର ହଳିଆ ଥିଲା ଘରେ ଆଣି କେତେ ଧାନା ଗଦା କରି ଦଉଥିଲା ତା ମା ପର ଘରେ କାମ କରି ପଇସା ଆଣୁଥିଲା । ବେଳେ ବେଳେ ଘରେ ପିଠାପଣା ହେଉଥିଲା । ପର୍ବପର୍ବାଣୀ ବେଳେ ହସ ଖୁସିରେ ଏ ଘର ଉଚ୍ଛୁଳି ଉଠୁଥିଲା ।

ମିଠୁ ଦୁଇ ନମ୍ବର ସନ୍ତାନ ତା ମା ବାପାଙ୍କର । ତା ଉପରେ ଗୋଟିଏ ଭଉଣୀ ତଳେ ଭାଇଟିଏ ପୁଣି ସବା ସାନ ଭଉଣୀଟିଏ । ସବୁ ମିଶି ଚାରି । ଛଅ ପ୍ରାଣୀ କୁଟୁମ୍ବକୁ ଭାତ ଗଣ୍ଡେ କନା ଖଣ୍ଡେର ଅଭାବ ନ ଥିଲା । କଉଠୁ ଥିଲା କେଜାଣି କାଳରୋଗ ମାଡି ଆସିଲା ତା ବାପାକୁ । ଦେହ ହାତହଳଦିଆ ପଡିଗଲା ଖଇ ଫୁଟା ତାତି ସାଙ୍ଗକୁ ବାନ୍ତିଝାଡା ଲାଗି ରହିଲା । ଆସ୍ତେ ଆସ୍ତେ ଦୁର୍ବଳ ହୋଇ ଖଟେ ପଡିରହିଲା । ମଦନ କବିରାଜ ସବୁଦିନ ଆସି ଇଂଜେକ୍‌ସନ ଆଉ ପାଣି ବୋତଲ ଚଢାଇଲା । ସବୁବେଳେ କହେ ଭଲ ହେଇଯିବ । ଘରର ସବୁ ବାସନ ବନ୍ଧାପଡିଲା । ଶେଷକୁ ତା ମା ପିନ୍ଧିଥିବା ନାକର ଗୁଣା ଦିଟା ବି । ଦିନେ ତା ବାପା ଆଖି ବୁଜିଦେଲା ତା ମୁହଁରେ ଧଳା ଲୁଗା ଢାଙ୍କି ଦେଇ କେତେ ଲୋକ ବୋହି ନେଇଗଲେ ଗାଁ ମୁଣ୍ଡ ମଶାଣିକୁ । ତା ମା ହାତର କାଚ ଭାଙ୍ଗି ଦିଆଗଲା ଆଉ ତା ମୁହଁରୁ ହସ ଲିଭିଗଲା ସବୁଦିନ ପାଇଁ । ମାଁ ବାହୁନି ବାହୁନି ବହୁତ କାନ୍ଦିଲା । ସବୁ ଅଜବ ଲାଗୁଥିଲେ ହେଁ ମିଠୁ ଠିକ୍ ବୁଝିପାରୁଥିଲା ତା ବାପା ଆଉ କେବେ ଫେରିବନି । ଘରୁ ଖୁଦ ମଲୁଖୁ ବି ନିଅଂଟ ହେଲା ପରେ ତା ମାର ହାତ ବଜ୍ର ପାଲଟିଗଲା । ସାହୁକାର ଘରେ ବାସନ ଧୋଇଲା ସ୍କୁଲଘର ଅଙ୍ଗନୱାଡି ଘର ତିଆରି ବେଳେ ଇଟା ପଥର ବୋହି ପାଂଚ ପ୍ରାଣି କୁଟୁମ୍ବକୁ ଆହାର ଦେବା ତା ପାଇଁ ବି ଭାରି କଷ୍ଟକର ହୋଇ ପଡୁଥିଲା ।

ଗାଁ ସ୍କୁଲକୁ ପାଠ ପଢିଯାଇ ଭାତ ଡାଲି ଖାଇ ଆସୁଥିଲା ମିଠୁ । ଏକରୁ କୋଡିଏ ଗଣି ଶିଖି ଥିଲା, ଅରୁ କ୍ଷ ବି କହି ପାରୁଥିଲା ଲେଖି ଶିଖି ଥିଲା । ସାହୁକାର ଆସି କି ମନ୍ତ୍ର ଦେଲା କେଜାଣି ତା ମା ମିଠୁ କୁ ସ୍କୁଲଯିବାକୁ ବାରଣ କଲା ସେଇ ଦିନଠୁ ଛେଳିପଲକୁ ନେଇ ଚରେଇବାକୁ ନିଏ ସେ । ଛେଳିମାନେ ଦୌଡୁଥାନ୍ତି ମିଠୁ ବି ଦୌଡୁଥାଏ ସେମାନଙ୍କ ପଛରେ ପଛରେ । ତା ପଛକୁ ସାଇକେଲ ମାଡି ମାଡି ଫେରୁଥାଏ ରଘୁ ନନା । ଭୋଜି ରାନ୍ଧିକି ଗାଧୋଇ ପାଧୋଇ ଫେରୁଛି ବୋଧେ । ରଘୁନନା ଏ ସାରା ମୂଳକର ନାମଜାଦା ରାନ୍ଧୁଣିଆ । ପାଂଚହାତିଆ ମଣିଷ । ଲୁହା ଶାବଳ ପରି ହାତ । ଦି ଟା ମଣିଷକୁ ଏକା ଥରକେ ଜାକି ଦେବ କାଖରେ । ତା ବାଘପରି ନିଶ, ନାଲି ଗରଗର ଆଖି ଦେଖିଲେ ପିଲାମାନେ ମା କୋଳରେ ଜାକି ହୋଇଯାନ୍ତି । ରଘୁନନାର ହାତ ସ୍ପର୍ଶରେ ଥରି ଉଠିଲା ମିଠୁ । କର୍କଶ ସ୍ୱରରେ ପଚାରିଲା ହଇବେ କେତେ ଟଙ୍କା ଦଉଛି ସାହୁକାର ? ମିଠୁ ଠିକ୍ ଜାଣିନି କେବେ ମାଣଧାନ ଦେବ ମାସକରେ ବୋଲି ଥରେ ତା ମାଁ କହୁଥିଲା । ତା ଉତ୍ତରକୁ ଅପେକ୍ଷା ନ କରି ପୁଣି ସେ ପଚାରିଲା ମୋ ସାଙ୍ଗେ କାମ କରିବୁ ? ବେଶି କାମ ନାହିଁ ଏ ଲୁଣ ହଳଦୀ ଜିରା ମସଲାଟା ମୋ ହାତରେ ଦେବୁ, ଚୂଲି ପାଖକୁ କାଠ ଆଣିବୁ । ଶଳା ଏ ଅଂଟାଟା ଭାରି ବିନ୍ଧୁଛି ବୋଲି । ପେଟେ ଖାଇବୁ, ଘରଲୋକଙ୍କ ପାଇଁ ବି ଆଣିବୁ । ଆଉ ଗୋଟିଏ ଭୋଜିରେ ଦଶଟଙ୍କା ପାଇବୁ । ଏକକାଳୀନ ଦଶଟଙ୍କା କେବେ ଦେଖିନି ମିଠୁ । ତା ମନଟା ଆନନ୍ଦରେ ନାଚି ଉଠିଲା । ଏକା ଥରକେ ହଁ ମାରିଦେଲା । ତା ମା ବି ରାଜି ହେଲା ଏ କଥାରେ ।

ରଘୁ ନନା ସାଙ୍ଗେ ଭୋଜି ରାନ୍ଧିବାକୁ ଯାଏ ମିଠୁ । ବାହାଘର ଭୋଜି, ଦଶାଘର, ଶୁଦ୍ଧିଘର, ବେଳେ ବେଳେ ସ୍କୁଲ ପିଲାଙ୍କ ବଣଭୋଜିରେ ରାନ୍ଧିବାକୁ ଯାଏ ନନା ସହ । ନ ଦେଖିଲା ଜିନିଷ ଦେଖୁଛି ତ ନ ଖାଇଲା ଜିନିଷ ଖାଉଛି ମିଠୁ । ରଘୁ ନନା କହିଛି କାଲି ତାକୁ ସେ ସହରକୁ ନେଇଯିବ ଜଣେ ଡାକ୍ତରଙ୍କ ପୁଅର ଜନ୍ମଦିନ ଭୋଜି ହେବ । ସେଠି ଖାଲି ସହରୀ ଆଇଟମ୍ ହେବ ଭାତ ଫାତ କିଛି ହେବନି । ଖରି ପୁରି ସାଙ୍ଗକୁ ଅନେକ ଜିନିଷ ହେବ । ସହରକୁ ଯିବ ବୋଲି ମିଠୁର ଗୋଡ ତଳେ ଲାଗୁନି । ଆଜି ସେ ସାବୁନ ଲଗେଇ ଗାଧେଇଛି । କାଠ ବାକ୍ସରେ ସାଇତି ଥିବା ସାର୍ଟ ଖଣ୍ଡେ ପିନ୍ଧିଛି । ଭୋଜି ରନ୍ଧା ଆରମ୍ଭ ହେଲା ଦିନ ଦୁଇଟାରୁ ସନ୍ଧ୍ୟା ହେଲାଣି । କାମର ଖିଅ ଛିଡୁନି କେତେବେଳେ । ଯାହେଉ ଏଠି କାଠ ଆଣିବାକୁ ପଡୁନି । କଣ ଗୋଟେ ନାଲି ମାଠିଆ ପରି ଡୋଲରୁ ପାଇପ ଖଣ୍ଡେ ଲମ୍ବିଛି । ଭରଭର୍ ହୋଇ ଜଳୁଛି ସେଟା । ତା ଉପରେ ଡେକଟି ବସିଛି । କେତେ ରମକ ଜିନିଷ ତିଆରି କଲାଣି ନନା । ଘର ସାମନାରେ କେତେ ବେଲୁନ ଛନ୍ଦାଛନ୍ଦି ହୋଇ ଛିଡା ହେଇଛନ୍ତି ଉପର ମୁହାଁ ହୋଇ, ମଖମଲ କନାରେ ତିଆରି ହୋଇଥିବା ଗୋଟିଏ ସୁନ୍ଦର ଘରେ ଝୁଲୁଥାଏ

କେରା କେରା ତାରା ଭଳି ମିଟିମିଟି କରୁଥିବା ରଙ୍ଗିନ ଲାଇଟମାନ । ଧାଡିକି ଧାଡି ନାଲି ଚୌକି ପଡିଥାଏ । ମଝିରେ ଥାଏ ଗୋଟିଏ ସୁନ୍ଦର ସୁସଜ୍ଜିତ ଟେବୁଲ । ସୁନ୍ଦର ସୁନ୍ଦର ପୋଷାକ ପିନ୍ଧିଥିବା କେତେ ରକମର ଲୋକ ଆସୁଥାନ୍ତି । ଘର ସାମନାରେ ଛିଡା ହୋଇଥାନ୍ତି ସ୍ୱାମୀ-ସ୍ତ୍ରୀ ହେବେ ବୋଧେ ଦୁଇଜଣ । ନିଶ୍ଚୟ ସେମାନେ ଡାକ୍ତର ଓ ତାଙ୍କ ସ୍ତ୍ରୀ ହୋଇଥିବେ । ଏମିତି ଲୋକ ସେ ମାଲିକ ଘର ଟିଭିରେ ଦେଖିଥିଲା ଭିତରକୁ ପଶୁଥିବା ଲୋକମାନଙ୍କୁ ସେମାନେ ହସି ହସି ପାଛୋଟି ନେଉଥାନ୍ତି । କଣ ସେଠି ହେଉଛି ଦେଖିବାକୁ ଭାରି ଇଚ୍ଛା । କଣ ଦେଖୁଛୁବେ ପୁରି ବେଲ୍ । ରଘୁନନାର ଚାଗିତ୍‌ରେ ଚାବିଦିଆ ମେସିନ୍ ପରି ଘିର୍ ଘିର୍ ବୁଲିଲା ମିଠୁର ହାତ ସେଇ ବେଲଣା ପିଢା ଉପରେ ।

ତାର ବୟସର ଗୋଲଗାଲିଆ ପିଲାଯିଏ ଏପଟ ସେପଟ ଫଙ୍କ୍ ଫଙ୍କ୍ ଡେଉଁଥାଏ ତା ଛେଳିଛୁଆଟି ପରି । ମିଠୁ ନନାକୁ ପଚାରିଲା- ନନା ଏ ସେଇ ପିଲାନା ଯା ପାଇଁ ଏତେ ଆୟୋଜନ ? ଖାଲି ଏମିତି ଦିନରେ ଜନମ ହୋଇଥିଲା ବୋଲି ଏତେ ଭୋଜି ଭାତ ? କି ଲାଭ ଏଥିରେ କହୁନା ? ଦାନ୍ତ କଡମଡ କରି ନନା କହିଲା- ହଇରେ ଗାଉଁଲିଆ ଟୋକା ଖାଲି ଏଥରୁ ନୁହେଁ ପ୍ରତିବର୍ଷ ଏଇ ଦିନରେ ମୁଁ ଏଠିକି ଭୋଜି ରାନ୍ଧିବାକୁ ଆସେ । ତୁ ସେ ସବୁରେ ମୁଣ୍ଡ ପୁରାନା । ପୁରି ସବୁ ଚାପି ଚାପି ଡେକଚିରେ ରଖ । ପୁରି ସବୁକୁ ଡେକଚିରେ ପୁରେଇ ଦେଲା ମିଠୁ ଭାବିଲା ତା କାମ ସରିଯାଇଛି ବୋଧେ । ପଛପଟୁ ଖସି ଆସି ଭିଡ ଭିତରକୁ ପଶିଗଲା ଭାରି କୌତୁହଳରେ । ଲୋକ ଉପରେ ଲୋକ ଦୁଇ ଚକିଆ ଚାରିଚକିଆ ଗାଡିରେ ଭର୍ତ୍ତି ଘରର ଅଗଣା । ସମସ୍ତେ ପିନ୍ଧିଛନ୍ତି ଦାମୀ ପୋଷାକ ହାତରେ ଧରିଛନ୍ତି ଚିକ୍‌ଚିକ୍ କରୁଥିବା ପେକେଟ ମାନ । ପିଲାଟି ଦେହରେ ଦାମୀ ସୁଟ୍, ଗୋଡରେ ରାଜା ଘରିଆ ବୁଟ୍ ଟେବୁଲ ଉପରେ ରଖାଯାଇଥାଏ ଶିବଲିଙ୍ଗ ପରି ଗୋଟିଏ ଗୋଲାପି ରଙ୍ଗର ଚିଜ୍ ଟିଏ । ତା ଉପରେ ଲଗାଯାଇଥାଏ ଜଳନ୍ତା ମହମବତୀ ସବୁ । ସମସ୍ତେ ଘେରିରହିଥାନ୍ତି ଚକ୍ରାକାରରେ । ପିଲାଟି ଚକୁଟିଏ ଧରି ଛିଡା ହୋଇଥାଏ । ଟିକେ ଡରିଗଲା ମିଠୁ ଘୁଂଚିଆସିଲା ଦୂରକୁ । କେତେବେଳେ କଉଁ କଥା । ଜଗିରଖି ଚଳିବା ଭଲ । କଣ ଗୋଟିଏ ଢୋ କିନା ଶବ୍ଦ ହେଲା ଜଳୁଥିବା ମହମବତୀମାନଙ୍କୁ ଫୁଙ୍କି ଦେଲା । ଏ ଶୁଭବେଳାରେ ଏକି ଅଶୁଭ କଥା ମ ? ତାପରେ ଚକୁରେ ସେ ଜିନିଷକୁ କାଟିଲା ପିଲାଟି ।

କାର୍ତ୍ତିକ ମାସରେ ନଦୀରେ ସ୍ତ୍ରୀଲୋକମାନେ ଗୀତ ବୋଲିବା ପରି ସମସ୍ତେ ତାଳିମାରି କଣ ଗୋଟେ କହୁଥିଲେ । କିଛି ବୁଝି ପାରୁ ନଥିଲା ମିଠୁ, ଜଣ ଜଣ କରି ପ୍ୟାକେଟ୍ ସବୁ ଦେଉଥିଲେ ତାକୁ ଆଉ ସେ ପିଲାଟି ଥ୍ୟାଙ୍କ୍ ୟୁ କହୁଥାଏ ସେମାନଙ୍କୁ । ପିଲାଟିକୁ ସମସ୍ତେ ଗେଲ କରୁଥିଲେ । ଆଶୀର୍ବାଦ ଦେଉଥିଲେ । ମିଠୁକୁ ଲାଗୁଥାଏ ସେ କେଉଁ ରାଇଜକୁ ଚାଲି ଆସିଲା ଯେ ? ସେ ତ ସାଧବ ବୋହୂ ଗପ ଶୁଣିଥିଲା ପଦ୍ମ ଘୁଂଚି ଘୁଂଚି ଯିବା କଥା ଶୁଣିଥିଲା । ଏମିତି କଥା ତ ତା ଆଇ, ଜେଜେମା କେହି କହି ନଥିଲେ ତାକୁ । ଚକୁରେ କଟା ଯାଇଥିବା ଜିନିଷରୁ ପୁଳାପୁଳା ବଂଟାଗଲା କେହି ଜଣେ ସହୃଦୟ ବ୍ୟକ୍ତି ମିଠୁକୁ ବି ଦେଲେ ପୁଳାଏ । ପାଟିକୁ ଅଠା ଅଠା ଲାଗୁଥିଲେ ହେଁ ମିଠା ମିଠା ବି ଲାଗୁଥିଲା ଧଳା ପ୍ଲେଟମାନ ଧରି ଧାଡିକି ଧାଡି ଲୋକ ଛିଡା ହୋଇଥାନ୍ତି । ଖାଇବା ଜିନିଷ ମାଗି ମାଗି ଖାଉଥାନ୍ତି । ବାଲଟି ଧରି ପରିଷି ଦେଲେ ସିନା ଖାଆନ୍ତେ ? ଗରିବ ପରି ମାଗି ଖାଇବାକୁ ପସନ୍ଦ ଲାଗିଲାନି ମିଠୁକୁ । ଗୁପଚୁପ, ଗୁପଚୁପ କହି ପିଲାମାନେ ଠେଲାପେଲା ହେଉଥିବା ଦେଖି ସେ ବି ଗଲା । ଛୋଟ ଛୋଟ ପୁରି ଭିତରେ କିଛି ଆଳୁ ଦେଇ ପାଣିରେ ପୁରେଇ ଦେଉଛି ଲୋକଟିଏ ସେଥିରୁ ଦି ତିନିଟା ମାଗି ଚୁପ୍ ଚୁପ୍ ଖାଇଲା ମିଠୁ । ସେ ବୁଝିଲା ଏସବୁ ଚୁପ୍ ଚୁପ୍ ଖିଆଯାଏ । ବଜାର ବସିଲା ପରି କେତେ ଜିନିଷ ବସିଛି ଏସବୁ ତ ସ୍ୱପ୍ନରେ ବି ଦେଖିନ ଥିଲା ସେ । ଏ ସହରିଆମାନେ ଏତେ ସବୁ ଖାଉଛନ୍ତି ? ଭାତ ଲୁଣ ପିଆଜ ଲଙ୍କା ଖାଇ ଖାଇ ଦିନ ଯାଉଛି । ଆଜି ସେ ସବୁ ଖାଇବ । ମନ ଭରି ଖାଇବ । ସେ ଦେଖିଲା ଛୋଟ ଛୋଟ ଡବାରେ ସାବୁନ ଫେଣ ପରି ଡବାଏ ଲେଖା ମିଳୁଛି । ସେଥିରୁ ଡବାଟିଏ ଆଣିଲା ଚାମଚଟିଏ ବି ମିଳିଲା । ନା ସେ ଚାମଚରେ ଖାଇବନି ଡେରି ହୋଇଯିବ । ହାତ ପୁରେଇ କାଢିଲା ପାଟିରେ ଏକ ଥରକେ ପୁରେଇ ଇସ୍ କି ଥଣ୍ଡା । ଏଟା ତ ବରଫ ପରି ଲାଗୁଛି । ପାଟି ଦାନ୍ତ କାଲୁଆ ମାରିଯାଉଛି ? ପଛପଟୁ କାହାର ଶକ୍ତ ଚଟକଣାଟିଏରେ ତା ଗାଲ ପିଟିକି ଗଲା । ବାହାରି ଆସିଲା ସବୁ ପୁଳା ପୁଳା ବରଫ ।

ହଇବେ ତୋତେ ଏଠିକି ପାର୍ଟି ମନେଇବାକୁ ଆଣିଥିଲି ଗେଫା ମାରିବୁ ବୋଲି ? ସେଠି କଢ଼େଇ ବସିଛି ଆହୁରି ପୁରି ବେଲିବାକୁ ହେବ ମେଗି ସରିଗଲାଣି ପେକେଟ ଖୋଲିବାକୁ ହେବ ସାହେବେ ଏଠି ବୁଲି ବୁଲି ଖାଉଛନ୍ତି । ଚାଲ । ଚାଲ ଏଠୁ । ଘୋଷାରି ଘୋଷାରି ନେଉ ନେଉ ଏମିତି ଗାଳିପରେ ଗାଳି ଅଶ୍ରାବ୍ୟ ଭାଷାରେ ପଡୁଥାଏ ମିଠୁ ଉପରେ । ଦାନ୍ତ ରଗଡୁଥାଏ ରଘୁ ନନା । ତାର ଆଖିରୁ ଖାଲି ଜଳନ୍ତା ଅଙ୍ଗାର ପରି ନିଆଁ ବାହାରୁଥାଏ । ବରଡା ପତ୍ର ପରି ଥରୁଥାଏ ମିଠୁ । ବାରବର୍ଷର ତପସ୍ୟା ଶୁଖୁଆ ପୋଡାରେ ନାଶ ଗଲା ପରି ତା ସାରା ଦିନର ପରିଶ୍ରମ ପାଣି ଫାଟିଗଲା । ଅନୁତାପରେ ଦହି ହେଇଯାଉଥାଏ ସେ । ତାର ପାରିଶ୍ରମିକରୁ କାଟି ଦେବନି ତ ରଘୁନନା । ଏଥର କୋଡିଏ ଟଙ୍କା ମାଗିବ ବୋଲି ଭାବିଥିଲା ମିଠୁ । ବହୁତ ଖଟିଲାଣି ଆଜି ।

ଚଟକଣାର ଦରଜ ଦେହରୁ କମି ନଥାଏ । କାମରେ ଲାଗି ଗଲା ମିଠୁ । ଚଟକା ହେଇଥିବା ଅଟାରୁ ଗୋଲା ଗୋଲା କରୁଥାଏ । ତା ଆଖିରୁ ଝରି ପଡୁଥିବା ଟୋପା ଟୋପା ଲୁହ ମିଶି ଯାଉଥାଏ ସେ ଅଟାରେ । ସତେ ଯେମିତି ଏତ ଲୁହ ନୁହେଁ ଲୁଣ ମିଶା ପାଣି । ଡାକ୍ତରବାବୁ ବି ଗାଳି ବର୍ଷଣ କରୁଥାନ୍ତି ରଘୁନନା ଉପରେ । ଧାଁ ଧପଡ ହେଉଥାଏ ରଘୁନନା ସବୁ ଗାଳିକୁ ହଜମ କରି । ତା ଉପରେ ବି ଦୟା ଆସିଲା ମିଠୁର । ଆହା ବିଚରା, କିଛି ଖାଇନି ଏ ଯାଏ । ମଝିରେ ମଝିରେ ଖାଲି ଗଂଜେଇ ଚିଲମ

ଟାଣୁଥାଏ ବୋଲି ତାର ଏତେ ତାକତ୍ ।

ଲୋକେ ଖାଇପିଇ ଫେରିଗଲେ ଯେ ଜା ବାଟରେ । ରାତି ବି ହେଲାଣି । ଗାଁକୁ ଫେରିଯିବାକୁ ହେବ । ଏ ଅନ୍ଧାର ରାତିରେ ଯିବାକୁ ଡର ମାଡୁଥାଏ ମିଠୁକୁ, ହେଲେ ରଘୁନନା କି ଛାଡ଼ିବ ? ନେ ଏ ଖିରିଟା ପିଇଦେ । ମୁଣ୍ଡ ହଲେଇ ଦେଲା ମିଠୁ ଅସ୍ପଷ୍ଟ ସ୍ୱରରେ କହିଲା ଭୋକ ନାହିଁ ତୁ ଖାଇଦେ । ରଘୁନନା ବି କିଛି ଖାଇଲାନି । ଦିଟା ଗଂଠିଲି ବାନ୍ଧିଲା ବଳିଥିବା ଜିନିଷରୁ । ଗୋଟେ ବଡ ତା ପାଇଁ । ଆଉ ଗୋଟେ ମିଠୁ ପାଇଁ । ମିଳିଥିବା ପଇସାରୁ ଏକାଥରକେ ତିରିଶଟଙ୍କା ଧରେଇ ଦେଲା ମିଠୁ ହାତରେ । ମିଠୁ ଆଶ୍ଚର୍ଯ୍ୟରେ ଚାହିଁଲା । ତା ପିଠିକି ଆଉଁସି ଦେଇ ରଘୁନନା କହିଲା ଗରିବ ହେଲେ ସହିବାକୁ ହୁଏ, ମନ ଊଣା କରନା । ମିଠୁ ଭାବୁଥିଲା ଗରିବ ହେବା କଣ ତାର ଦୋଷ ? ସେ କାହିଁକି ଗରିବ ହେଲା ? ପଇସାକୁ ଧରିଲା ମିଠୁ । ତା ଆଖି ଛଳଛଳ ହୋଇଗଲା ରଘୁ ନନା ପରି କର୍କଶ ସ୍ୱଭାବର ଲୋକର ବି ଏମିତି କଅଁଳିଆ ହୃଦୟଟେ ଅଛି ଆଗରୁ ଜାଣି ନ ଥିଲା ସେ । ପ୍ୟାଂଟ ପକେଟରେ ସାଇତି ରଖିଲା ପଇସା ତକ । ସାଇକଲ ପଛପଟେ ବସିଲା ମିଠୁ ଗଣ୍ଠିଲି ପୁଟୁଳିଧରି । ଚକ ଦୁଇଟି ଘୁରୁଥାଏ ଆସ୍ତେ ଆସ୍ତେ । ରଘୁନନାର ଦମ ବି ତୁଟି ଆସିଲାଣି ଯାଉ ଯାଉ ମିଠୁ ମନରେ ଏକ ଆଇଡିଆ ଆସିଗଲା ।

ଏଥର ସେ କୋଡିଏ ଟଙ୍କା ଅଧିକ ପାଇଛି । ଦଶଟା ଟଙ୍କା ମାଁକୁ ଦେଇ କୋଡିଏ ଟଙ୍କା ଲୁଚେଇ ରଖିବ । ଆଉ ବି ତିନିଟା ଭୋଜିରୁ ପଇସା ମିଳିଗଲେ ତା ଜନ୍ମଦିନ ପାଳିବ । ତା ମାଁକୁ ପଚାରିବ ତା ଜନ୍ମଦିନ କେବେ । ରଘୁନନାକୁ କହି ଖିରି ପୁରି ଟିକିଏ କରେଇବ କିଛି ନ ହେଲେ ବି । ତା କାମ ଏତକ କରି ଦେବନି ନନା ? ତା ସାଙ୍ଗର ଛୋଟ ଛୋଟ ପିଲାଙ୍କୁ ଡାକିବ । ସହରରେ ଘଟୁଥିବା ସବୁ କଥା ସେମାନଙ୍କୁ ବୁଜେଇ କହିବ ସେମାନେ ବି କିଛି ନା କିଛି ଜିନିଷ ଆଣିକି ଆସିବେ । ଆନନ୍ଦରେ ତା ମନ ନାଚି ଉଠିଲା ।

ତା ଘର ସାମନାରେ ସାଇକେଲଟା ଅଟକିଗଲା ତାର ଅଜାଣତରେ । ଭିତରକୁ ପଶୁ ପଶୁ ଝାମ୍ପି ଆସିଲେ ତା ଭାଇ ଭଉଣୀମାନେ ତା ହାତରୁ ଝାମ୍ପିନେଲେ ତା ଗଣ୍ଠିଲିଟା । ଶବ ଚାରିପଟେ ଶାଗୁଣାପଲ ଘେରିଗଲା ପରି ଖୁମ୍ପି ଖୁମ୍ପି ଖାଇଗଲେ । ଚାଟିଗଲେ ସବୁ । ମିଠକୁ କେହି ପଚାରିଲେନି ଖାଇବା କଥା । ସେମାନଙ୍କ ବା ଦୋଷ କଣ ? ସେ ତ ପେଟେ ଖାଇ ଆସିଥିବ ନା ? ତା ମା ଦୂରରୁ ଏସବୁ ଦେଖି ଖୁସିରେ ଫାଟି ପଡୁଥିଲା । ମିଠୁ ପେଟେ ପାଣି ପିଇଦେଲା । ଶୋଇପାରିଲାନି ସାରା ରାତି । ଦେଖିଥିବା ଦୃଶ୍ୟ ସବୁ ତା ମନରେ ଗୋଟି ଗୋଟି ହେଇ ଦେଖାଯାଉଥିଲା ରୂପେଲି ପରଦା ଦୃଶ୍ୟ ପରି ।

ସକାଳୁ ସକାଳୁ ମାଁକୁ ଡାକି ମିଠୁ ପଚାରିଲା ମାଁ ମୁଁ କେବେ ଜନମ ହୋଇଥିଲି ଗୋ ? ଆଉ କେତେଦିନ ପରେ ଆସିବ ସେଦିନ ? ଅକାଳେ ନାଇଁ ସକାଳେ ନାଇଁ ତୋ ଜନମ କଥା କାହିଁକି ପଚାରୁଛୁରେ ପୁଅ ? ତୁ ପରା ଶୁଭବେଳାରେ ଜନମିଥିଲୁ ବୋଲି ଆମ ଗାଁ ଶବର ବୁଢ଼ା କହିଥିଲା ତୁ କୁଆଡେ ବଡଲୋକଟିଏ ହେବୁ । ଦେଖୁନୁ ଏତେ ଛୋଟବେଳୁ ଲକ୍ଷ୍ମୀଠାକୁରାଣୀ ତୋ ହାତରେ ଧରା ଦେଉଛନ୍ତି । କେତେ ସୁଆଦିଆ ଜିନିଷ ଖାଉଛୁ । କେତେ ନ ଦେଖିଲା ଜିନିଷ ଦେଖୁଛୁ । ଶବର ବୁଢ଼ା ପରା ସବୁ ଜାଣିଥିଲା । ଶବର ବୁଢ଼ା ଉଦ୍ଦେଶ୍ୟରେ ଜୁହାରଟିଏ ହେଲା ମିଠୁର ମା । ଥାଉ ଥାଉ ତୁ କହିଲୁ ମୁଁ କେବେ ଜନମିଥିଲି । ତା ମା ତଳ ଉପର ଦୁଇଥର କଳା ମୁହଁକୁ ଆଙ୍ଗୁଠିରେ କଣ ଗଣିବା ପରି କଲା ଆଉ କହିଲା ହଁ ହଁ ଫଗୁଣ ମାସ ଅନ୍ଧାର ରାତି ପରେ ପାଂଚଦିନ ଗଲା ସକାଳୁ ସକାଳୁ ବେଳ ରତରତହୋଇ ଉଇଁ ଆସୁଥାଏ । ପକ୍ଷୀମାନେ କିଚିରି ମିଚିରି କରି ଉଡିଯାଉଥାନ୍ତି, ଆଉ ତୁ ପରା ତଳେ ପଡି, କୁଆଁକୁଆଁ କାନ୍ଦିଲୁ । ଠିକ୍ ତ ଏବେ ଫଗୁଣ ମାସ ଅନ୍ଧାର ରାତି ଯିବା ଆଜି କି ଛଅଦିନ ହେଲାନି । କାଲିରେ ପୁଅ କାଲି ଥିଲା ତୋ ଜନମ ଦିନ । କାଲି ଯଉ ପୁଅର ଜନମ ଦିନକୁ ଯାଇ ନ ଥିଲୁ ସେ ଆଉ ତୁ ଗୋଟିଏ ଦିନରେ ଜନମ ହେଇଛ । ତୋତେ ପରା ବାର ପୂରି ତେର ଲାଗିଲା ମାଁ ଠିକ୍ ଗଣି ଜାଣିଛି ମୂର୍ଖ ହେଲେ ବି । ମିଠୁ ବି ଠିକ୍ ନଜର କରିଥିଲା ସେ ପିଲା ଫୁଙ୍କିଥିବା ମହମବତୀ ବି ତେରଟା ଥିଲା ମିଠୁର ଛାତି ଭିତରୁ ବାହାରି ଆସିଲା ଉତ୍ତପ୍ତ ଦୀର୍ଘଶ୍ୱାସ ଟିଏ । ଉଇଁ ଆସୁଥିବା ଜହ୍ନ ଉପରେ କଳାମେଘ ଢାଙ୍କି ଦେଇ ସାରା ଆକାଶକୁ ଅନ୍ଧାର କରିଦେଲା ପରି ମିଠୁ ମୁହଁର ହସ ହଠାତ୍ ଉଭେଇ ଗଲା । ତା ମା ସିନା କୂଅ ଭିତରେ ପଡି ରହିଛି ବୋଲି ପୁଅକୁ ନେଇ ଏତେ କଥା ଭାବୁଛି ହେଲେ ଗୋଟିଏ ଗୋଟିଏ ରାତି ଭିତରେ ବଂଚିବାର ଆଶା ଓ ନିଶା ଭାଙ୍ଗି ରୁଜି ଚୁରମାର ହୋଇଯାଇଛି ମିଠୁର ।

ସେ ଭାବୁଥିଲା ଈଶ୍ୱରଙ୍କ ସୃଷ୍ଟି ଭିତରେ ଏତେଟା ବ୍ୟବଧାନ କାହିଁକି ? ଗୋଟିଏ ଦିନରେ ତିଆରି କରିଥିବା ମଣିଷମାନଙ୍କୁ ଏତେ ପାତର ଅନ୍ତର କରି ଈଶ୍ୱର କି ଲାଭ ପାଆନ୍ତି କେଜାଣି ?

ମିଠୁ ଅନେଇ ଥିଲା ସେଇ ସକାଳର ଉଦାସୀ ଆକାଶକୁ । ଯଉ ଆକାଶରେ ନ ଥିଲେ ସୂର୍ଯ୍ୟ ନ ଥିଲା ରଂଗ, ଥିଲା କେବଳ ମେଂଚା ମେଂଚା କଳା ମେଘ, ଯେଉଁମାନେ ଅସରା ଅସରା ଲୁହ ଢ଼ାଳିବାକୁ ଘନେଇ ଆସି ଏକାକାର ହେଇ ଯାଉଥିଲେ । ଭୟରେ ମୁହଁ ତଳକୁ କରିଦେଲା ମିଠୁ ।

ନାଲି ଚା ଅଧ ଗିଲାସ ଆଉ ଗଣ୍ଡିଏ ମୁଢ଼ି ନେଇ ଆସୁ ଆସୁ ଭାରି ଗେହ୍ଲା ସ୍ୱରରେ ତା ମାଁ ତାକୁ କହୁଥିଲା ହଇରେ ମିଠୁ, ନନା କାଲି ତୋତେ ପଇସା ଦେଲା ନା ନାହିଁରେ ମୋତେ ତ ଦେଲୁନି ? ମାଣ୍ଡିଆ ବିକ୍ରି ଆସିଛି ପରା । ମୁଁ ତ ଭାବୁଛି ଏଥର ତୋ ଭୋଜି ରନ୍ଧା ପଇସାରେ ବର୍ଷକର ମାଣ୍ଡିଆ କିଣିଦେବା, ନ ହେଲେ ଖରାଦିନେ ମାଣ୍ଡିଆ ଜାଉ ଖାଇବା କିପରି ?

ମିଠୁ ସେମିତି ମୁହଁ ତଳକୁ କରିବି ନା ବାକ୍ୟବ୍ୟୟରେ ମାଁ ହାତକୁ ବଢ଼େଇ ଦେଲା ସବୁତକ ଟଙ୍କା............

ଆସ୍ଥା ପବ୍ଲିକ୍ ସ୍କୁଲ, ବେଲପଡା

# ଆତିଥ୍ୟ

- ଡକ୍ଟର (ଶ୍ରୀମତୀ) ଲବଙ୍ଗଲତା ବିଶୋଇ
ଅବସରପ୍ରାପ୍ତ ପ୍ରଧାପିକା

ଝରାର ମନଟା ଯେମିତି ଆନନ୍ଦର ଝରଣାଟିଏ ପାଲଟି ଯାଇଥାଏ । ଯହୁଁ ଯହୁଁ ଉଦ୍ଦିଷ୍ଟ ଷ୍ଟେସନଟି ପାଖେଇ ଆସୁଥାଏ ତହୁଁ ତୁହୁଁ ମନଟା ତା'ର ଉତ୍କୂଳ ହୋଇ ଉଠୁଥାଏ । ଏତେଦିନ ପରେ ସେ ତା'ର ଭାଇ, ଭାଉଜ ଓ ବୋଉଙ୍କୁ ଦେଖିବାକୁ ଆସୁଥାଏ ସେ ଓ ତା'ର ସହକର୍ମୀ ବାନ୍ଧବୀ ଦୁଇଜଣ ଷ୍ଟେସନରେ ଓହ୍ଲାଇ ରିକ୍ସା ଉଡ଼ା କରି ଭାଇ ବତାଇଥିବା ରାସ୍ତାରେ ଆଗେଇଲେ । ଅଳ୍ପ ବାଟ ଯିବା ପରେ ଗୋଟିଏ ଘରୁ ଭାଉଜ (ମୋ ଠୁଁ ସାନ) ସୁମି ତା' ଛୋଟ ଝିଅକୁ କାଖେଇ ଗୋଟିଏ ଘରୁ ବାହାରୁଛି । ସେଇ ଘରଟି ଭାଇ ଘର ଭାବି ଆମେ ରିକ୍ସା ଅଟକାଇବାକୁ କହିଲୁ । ସୁମି ପାଖକୁ ଆସି କହିଲା ଏଇ ଅଳ୍ପ ଆଗରେ ଆମ ଘର । ସେ ମଧ ମଇଳା ଶାଢ଼ୀଟିଏ ପିନ୍ଧିଥିଲା । ଝରା ମନରେ ଟିକିଏ ଖଟକା ଲାଗିଗଲା ସେଇ ଅଳ୍ପ ବାଟ ତା' ମନରେ ଏକ ଲମ୍ବା ବାଟର ଚିନ୍ତା ପୁରାଇଦେଲା । ସେ ଭାବିଲା ଏମିତି ତାଙ୍କଘରେ କେବେ ହୁଏ ନାହିଁ ! ଘରେ ଶାଶୁ ଖରାବେଳେ ଏକୁଟିଆ, ଆଉ ବୋହୂ ବାହାରେ, ଅନ୍ୟ ଘରେ ! ବାନ୍ଧବୀଙ୍କ ଉପସ୍ଥିତିର କଥାଟା ତାକୁ ଟିକିଏ ଅପମାନିଆ ଲାଗିଲା । ବୋଉ ତା'ର ଖୁବ୍ ସ୍ୱାଭିମାନୀ ଓ ଶାଳିନତା ସମ୍ପନ୍ନ । କୌଣସି କଥାରେ ତା' ଝିଅ କିମ୍ବା ବୋହୂକୁ କିଏ ବାରିଦେବ, କାଇଲି କରିଦେବ ସେ କଥା ତାର ସହ୍ୟ ହୁଏ ନାହିଁ । ଅଥଚ ସୁମି ମଇଳା ଶାଢ଼ୀରେ ! କଥାଟା ତା'ର ଟିକିଏ ହଜମ ହେଲା ନାହିଁ, ମନଟା ଉଣା ହୋଇଗଲା କିନ୍ତୁ କଥାଟା ପ୍ରକଟ କଲା ନାହିଁ ସେ ।

ଭାବୁ ଭାବୁ ରିକ୍ସାଟା ସୁମିର ଇଙ୍ଗିତରେ ଘର ଦୁଆର ମୁହଁରେ ଲାଗିଗଲା । ସମସ୍ତେ ଓହ୍ଲାଇ ଘରକୁ ଗଲେ । ଝରା ବୋଉଙ୍କର ଆନନ୍ଦ ଓ ଆଦରର ସୀମା ନ ଥିଲା । ଝରା ଭାବିଥିଲା ବାନ୍ଧବୀ ଦୁଇ ଜଣଙ୍କୁ ସେଦିନ ସେ ତାଙ୍କ ଘରେ ଅଟକାଇ ରଖିବ । କିନ୍ତୁ ସେଦିନ କୁମାରପୂର୍ଣ୍ଣିମା ଥିବାରୁ ସେମାନେ ସନ୍ଧ୍ୟା ସୁଧା ନିଜ ଘରେ ପହଞ୍ଚିବାର ମସୁଧା ରଖିଥାନ୍ତି । ତେଣୁ ସାଙ୍ଗେ ସାଙ୍ଗେ ମୁହଁ ହାତ ଧୁଆ ଧୋଇ ହୋଇ ସାମାନ୍ୟ ଜଳଖିଆ ପରେ ଯିବାକୁ ବାହରିଲା । ସେମାନଙ୍କୁ ସ୍ୱାଗତ କରିବା ପାଇଁ ସାନ ଭାଇ ସାର୍ଥକ ସେଦିନ ଅଫିସରୁ ଟିକିଏ ଶୀଘ୍ର ଚାଲି ଆସିଥିଲା । ତେଣୁ ସେମାନଙ୍କୁ ନେଇ ସେ ଯଥା ସ୍ଥାନରେ ଛାଡ଼ ଆସିଲା ।

ସାର୍ଥକ ଫେରିଲା ବେଳକୁ ସନ୍ଧ୍ୟା ହୋଇ ଆସି ଥାଏ । କୁମାରପୂର୍ଣ୍ଣିମା ବିରାଟ, ଚକାଜହ୍ନଟା ଉଠିଆସି ତା' ଅଗଣାକୁ ଟିଲସାଇ ଗୋଟିଏ ଚମକପ୍ରଦ, ସୁଖପ୍ରଦ ପରିବେଶ ସୃଷ୍ଟି କରୁଥାଏ । ସେତେବେଳେ ଯାଏ ସେମାନେ ପରସ୍ପର କେହି କାହା ସାଙ୍ଗରେ ଟିକିଏ ଦୁଃଖ ସୁଖ ହୋଇ ନ ଥାନ୍ତି । ସଞ୍ଜଳବେଳ ଗଡ଼ିଯିବ ବୋଲି ପୂଜାପାଇଁ ଜାନି ଚଞ୍ଚଳ ଚଞ୍ଚଳ ଭୋଗ ଡାଲା ଆଣି ଚଉରା ମୂଳେ ରଖିଲା । ସୁମି ତା'ର ଦୁଇବର୍ଷର ଝିଅ ଭୂମିକୁ ଗୋଟିଏ, ପୁରୁଣା ଫ୍ରକ୍ ପିନ୍ଧାଇ ଚଉରା ମୂଳକୁ ଆଣିଲା । ପୁରୁଣା ଫ୍ରକ୍ ଦେଖି ଝରା ବୋଉ କହିଲେ, "ତା' ନୂଆଫ୍ରକ୍ଟି ତାଙ୍କୁ ପିନ୍ଧାଇଲୁନି ?" ଏତିକିରେ ଝିଅକୁ ଛାଡ଼ି ସୁମି ଫଟ୍ କରି ଘର ଭିତରକୁ ପଶିଗଲା ।

ସମସ୍ତେ ପୂଜା ପାଖରେ ଠିଆ ହୋଇଥାନ୍ତି । ହଠାତ୍ ନିତାନ୍ତ ଅପ୍ରାସଙ୍ଗିକ ଭାବେ ଖୁବ୍ ବଡ଼ପାଟିରେ ଅତ୍ୟନ୍ତ ଅଶ୍ଳୀଳ ଓ ଅସମ୍ମାନନୀୟ ଭାଷାରେ ସୁମି ଗାଳି ଦେବାକୁ ଆରମ୍ଭ କଲା । କଥାଟା ବୁଝିଲା ବେଳକୁ ସୁମିର ଯେତେ ରାଗ, ରଷା, ଅଭିମାନ୍ ତା' ଶାଶୁଙ୍କ ପ୍ରତି ଥିଲା ସେ ସବୁକୁ ସେ ଅତି ଅଶ୍ଳୀଳ, ଅଶ୍ରାବ୍ୟ ଭାଷାରେ, ଖୁବ୍ ବଡ଼ ପାଟିରେ ଶାଶୁଙ୍କ ଉପରେ ବର୍ଷି ଚାଲିଛି । ସେ ହିତାହିତ ଜ୍ଞାନ ହରାଇ ବସିଥାଏ । ଶେଷକୁ ସେ ଶାଶୁଙ୍କର ବଡ଼ ପୁଅ (ସାର୍ଥକର ବଡ଼ ଭାଇ, ଯେଉଁ ରୋଜଗାରିଆ ପୁଅ ବାଇଶି ବର୍ଷରେ ଆକସ୍ମିକଭାବେ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ, ଯାହାଙ୍କୁ ସୁମି ଦେଖି ନାହିଁ)ଙ୍କର ଉଦାହରଣ ଦେଇ କହିଲା । "ସେ ଗୋଟିଏ ପୁଅକୁ ଖାଇ ତା ପେଟ ପୁରିନି, ଆଉ ଏ ପୁଅକୁ (ସ୍ୱାର୍ଥକ)ଙ୍କୁ ଖାଇଲେ ତା' ମନ ଶାନ୍ତି ହେବ । ଆଉରି ଏମିତି କେତେ କଣ ଝିଅ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାଏ । ତା' ଆଖିରୁ ଝର ଝର ହୋଇ ଲୁହ ବହିଯାଉଥାଏ । ଝରାବୋଉ ଶୂନ୍ୟ ଦୃଷ୍ଟିରେ ନିଃସହାୟ ଭାବେ ଚାହିଁ ରହିଥାନ୍ତି । ପରିଚାରିକା ଜାନି ଆଖିରୁ ମଧ ଲୁହ ଝରୁଥାଏ । ଝିକି ଝିଅ ଭୂମି ବଡ଼ପାଟି ଶୁଣି କିଛି ବୁଝି ନ ପାରି ଜେଜେ ମା'ର ଆଣ୍ଠୁକୁ ଜାବୁଡ଼ି ଧରି ରଡୁଥାଏ । ଜାନି ଭୂମିକୁ କୋଳକୁ ନେଇ ଘର ଭିତରକୁ ଚାଲିଗଲା । ସୁମି ଗାଳି ବନ୍ଦ କରିବାର ନା ଧରୁ ନଥାଏ । ତାକୁ କେହି କିଛି ଆକଟିବା ପୂର୍ବରୁ ସେ ବଡ଼ପାଟିରେ ଗାଳି ଦେଇ ଦେଇ ପଡ଼ିଶା ଘରକୁ ଚାଲିଗଲା । ପୂଜା ସେଦିନ ବନ୍ଦ ରହିଲା ।

ଝରା ବୋଉ ଖଟ ଉପରେ ସ୍ଥାଣୁ ହୋଇ ବସି ପଡ଼ିଲେ । ଝରା ମୁଣ୍ଡରେ ବଜ୍ର ପଡ଼ିଗଲା । ସୁମି ଆଉ ଯାହା ଗାଳି ଦେଲା । ହେଲେ ଦୀର୍ଘ ପଇଁତିରିଶ ବର୍ଷ ତଳର ଝରାବୋଉଙ୍କ ମନର ସେ ଶୁଖିଲା କ୍ଷତଟିକୁ, ତୀକ୍ଷ୍ଣ ଗାଳି ଧାରରେ ଖୋଳି ଚାଡ଼ି ରକ୍ତାକ୍ତ କରିଦେଲା । ବୋଉ ବଡ଼ ପୁଅଙ୍କୁ ହରାଇ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବରୁଣାରେ ପଡ଼ି ଯାଇ ଥିଲା । ବହୁ କଷ୍ଟରେ ସେ ଉଠି ଚାଲିଥିଲା ସତ ହେଲେ ସବୁ ଦିନ ପାଇଁ ତା' ଓଠରୁ ହସକୁ ହରାଇ ବସିଥିଲା । ଆସିଲା ବେଳେ ସୁମିକୁ ଅନ୍ୟ ଘରେ ଦେଖି ଯାହା ଅନୁମାନ କରିଥିଲା ସତ୍ୟ । ବୋଉ ତା'ର ଏହାହେଲେ ସାର୍ଥକ ପାଖରେ ଏମିତି ଖୁସିରେ ଅଛି ! ସବୁ ଭାଇମାନେ ଓଡ଼ିଶା ବାହାରେ ଥିଲା ବେଳେ ସାର୍ଥକ କେବଳ ଓଡ଼ିଶାରେ ରହୁଥିବାରୁ ବାପାଙ୍କ ଦେହାନ୍ତ ପରେ ସବୁପିଲାଙ୍କ ନିଷ୍ପତ୍ତି କ୍ରମେ ବୋଉ ସାର୍ଥକ ପାଖରେ ରହୁଥିଲା । କେତେ ସୁଖର

ରହିଲା କାହାକୁ କିଛି କୁହ ନାହିଁ । ବାପାଙ୍କ ଯିବା ଦୁଃଖ, ପୁଅର ଅକାଳ ବିୟୋଗର ଶୋକ ତା' ନିର୍ବାକ ଓ ନୀରବ । ଝରାର ମନ ଖୁବ୍ ଖିନଭିନ୍ ହୋଇ ଭାଙ୍ଗିଗଲା । ସୁମିର ସଂକୀର୍ଣ୍ଣ ସ୍ୱାର୍ଥପରତା, ଶାଶୁଙ୍କୁ ପାଖରେ ନ ରଖିବାର ବିତୃଷ୍ଣ, ଅସନ୍ତୋଷ ଭାବଟି ସେଦିନ ବେଶ୍ ଧରା ପଡ଼ିଯାଇଥିଲା ।

ରାତି ବଢ଼ି ନଅଟା ଉପରେ ହେଲା । ପଡଶା ଘରୁ ସୁମି ଫେରିଲା ନାହିଁ । ସୁମିର ପାଡ଼ିଶା ଘରୁ ନ ଫେରିବାର ଅପମାନଟା ସମସ୍ତଙ୍କର ମୁଣ୍ଡ ତଳକୁ କରି ଦେଉଥାଏ । ଶେଷକୁ ଜାନି ପଡ଼ିଶା ଘରକୁ ଯାଇ ସୁମିର ଗୋଡ ହାତ ଧରି, ନେହୁରା ହୋଇ, ଝିଅ ଭୂମି କାନ୍ଦି ନ ଶୋଇବା କଥା କହି ବହୁ ବିକମ୍ପରେ ସୁମିଙ୍କୁ ଘରକୁ ଆଣି ଆସିଲା ।

ଝରା ଭାବିଥିଲା ଗୋଟିଏ ଦିନ ସାର୍ଥକ୍ୟ ଘରେ ରହି ପରଦିନ କଟକ ଆସି କାମ ସାରି ପୁଣି କର୍ମ କ୍ଷେତ୍ରକୁ ଫେରିଯିବ । କିନ୍ତୁ ସେ ବିଷମୟ ପରିବେଶ ଓ ପରିସ୍ଥିତିରେ ଗୋଟିଏ ମୁହୂର୍ତ୍ତ ଆଉ ଅଟକି ଯିବାକୁ ସେ ଚାହିଁଲାନି । ଆଉ କୌଣସି ପରିସ୍ଥିତିରେ ମଧ୍ୟ ବୋଉକୁ ହଠାତ୍ ସେଠାରୁ ଅଣାଯାଇପାରିବନି । ତେଣୁ ଏକା ଚାଲି ଆସିବାକୁ ସେ ବାଧ୍ୟ ହେଲା । ସାର୍ଥକ ମଧ୍ୟ ତାକୁ ବାଧ୍ୟ କରି ଅଟକାଇ ନ ପାରି ପରଦିନ ସକାଳୁ ବସ୍‌ରେ ବସାଇ ଦେବାକୁ ରାଜି ହେଲା ।

ଅତି ସକାଳୁ କେହି ନ ଉଠୁଣୁ ସୁମି ତାର ନିତ୍ୟ କର୍ମ ଶୀଘ୍ର ଶିଘ୍ର ସାରି ପୁଣି ପଡ଼ିଶା ଘରକୁ ଚାଲିଗଲା । ଝରାକୁ ଘରୁ ବିଦାୟ ଦେବା ପୂର୍ବରୁ ସାର୍ଥକ ତା'ର ରାଗ, ଅପମାନକୁ ସମ୍ବରଣ କରି ସୁମିକୁ ପଡ଼ିଶା ଘରୁ ଡାକିବାକୁ ଗଲା । ତାକୁ ଯେତେ ବୁଝାଇଲେ ବି ଏପରିକି ଝରାକୁ ବିଦାୟ ଦେବା ପରେ ପୁଣି ସେ ପଡିଶା ଘରକୁ ଫେରି ଯିବାର ପ୍ରସ୍ତାବ ଦେଲେ ମଧ୍ୟ ସେ ଆସିଲା ନାହିଁ ।

ଝରାର ମନେ ପଡୁଥିଲା ପିଲାଦିନେ ସେ ଗୋଟିଏ ବାହାଘରକୁ ବୁଲିବାକୁ ଯାଇ ତାଙ୍କ କାନ୍ଥରେ ଲେଖାଥିବାର ଦେଖିଥିଲା, "ହଇକିରେ ମନ ହଇକି, ଘର କଳି ସିନା ଘରରେ ମେଣ୍ଟିବ ପଡ଼ିଶା ଜାଣିବ କାହିକି ?" ସେଇ ପିଲାଦିନୁ ସେଇ ଅପରିକ୍ୱ ବୟସରୁ ସେ କଥା ଝରାର ରକ୍ତରେ ମିଶିଯାଇଥିଲା । କେବେ ହେଲେ ସେ ଏକଥାର ଖିଲାପ କରିନାହିଁ । ଅଥଚ ସୁମି ତା' ସଂସ୍କାରୀ ଶାଶୁ, ଅଧ୍ୟାପିକା ନଣନ୍ଦ ତଥା ଇଂଜିନିୟର ସ୍ୱାମୀର ସମ୍ମାନଙ୍କୁ ପାଦରେ ଜଳି ଦେଇ ପଡ଼ିଶା ଘରେ ପଶି ରହିଛି । ଅତିଶୟ ଲୁହ କୋହକୁ ହସରେ ଚାପି ଦେଇ ସହଜ ଗତିରେ ବିଦାୟ ନେବାକୁ ନିଜକୁ ପ୍ରସ୍ତୁତ କଲା ଝରା । ବୋଉର ତୁହାକୁ ତୁହା ଆଖିରୁ ଲୁହ ପୋଛା ଦୃଶ୍ୟକୁ ଅଣଦେଖା କରି, ତାଙ୍କୁ ସାନ୍ତ୍ୱନା ଦେଇ କହିଲା, "ବୋଉ, ଅଳ୍ପଦିନ ପରେ ଖରା ଛୁଟି ହେବ । ତୁ ମୋ ସାଙ୍ଗରେ ଯାଇ ଗାଁରେ ଛୁଟି ବିତାଇ ଆସିବୁ । ମୋର ଜରୁରୀ କାମ ଅଛି । ନ ଗଲେ ହେବ ନାହିଁ । ତେଣୁ ମୁଁ ଯାଉଛି" । ଜାନିକୁ ବାରମ୍ବାର ବୋଉ କଥା ଠିକ୍ ଭାବେ ବୁଝିବାକୁ କହି ସେ ବାହାରିଲା ।

ସାର୍ଥକ ଶେଷଥର ପାଇଁ ତଥାପି ସଂକୋଚ ଛାଡ଼ି ପଡ଼ିଶା ଘରକୁ ଯାଇ ସୁମିକୁ ଡାକିଲା । ସେ ନ ଆସିବାରୁ ଫେରି ଆସିଲା ସେ । ସାର୍ଥକର ଅପମାନ ଝରା ଦେହରେ ଭେଦି ଯାଉଥାଏ । ସେ କ୍ରୋଧ ସମ୍ବରଣ କରି କହିଲା "ତୁ କାହିଁକି ତାକୁ ବାରମ୍ବାର ଡାକୁଛୁ ? ମୋତେ ମୁଣ୍ଡିଆଟିଏ ମାରିବା ଛଡ଼ା ସେ ଆଉ କ'ଣ କରିବ ? ଆସିଲା ବେଳୁ ତା' ସହିତ ପଦଟିଏ ତ କଥା ହୋଇନାହିଁ । ତୁ ଚାଲ ବସ ଟାଇମ୍ ହୋଇଯିବ । ବୋଉକୁ ପ୍ରଣାମ କରି ବାଇକ୍‌ରେ ବସିଲା ସେ । ବୋଉର ନିଷ୍ପ୍ରଭ, ନିରିମାଖିଆ ମୁହଁଟା ଝରା ଆଖିରେ ନାଚି ଉଠି ତା' ଆଖିରୁ ନିଶବ୍ଦରେ ଅନର୍ଗଳ ଲୁହଧାର ଛୁଟୁ ଥାଏ । ସାର୍ଥକ ବାଇକର ଆଇନାରେ ତାକୁ ନୀରବରେ କାନ୍ଦୁଥିବାର ଦେଖି କହିଲା ।, "ଅପା, କେତେ ଶ୍ରଦ୍ଧାରେ ଡାକି ଡାକି କେତେ ଦିନ ପରେ ତୋତେ ପାଇଥିଲି । ତୁ ଏତେ ଆଦିର ପାଇଲୁ ଯେ ତୋ ଆଖିରୁ ଝର ଲୁହ ଝରାଇ କାନ୍ଦି କାନ୍ଦି ଯାଉଛୁ । ମୋ ଛାତି ଫାଟିଗଲା ପରି ଲାଗୁଛି । ତୋତେ ମୋ ରାଣ ତୁ ଆଉ କାନ୍ଦନା, ମୁଁ ନିଶ୍ଚୟ ଏ ଅପମାନର ପ୍ରତିଶୋଧ ନେବି ।" ଝରା ଚେଷ୍ଟା କଲା ନିଜକୁ ଚୁପ୍ କରିବା ପାଇଁ । ଉଦ୍ଦିଷ୍ଟ ବସ୍‌ରେ ବସି କୃତ୍ରିମ ହସ ହସି ସାର୍ଥକକୁ ବିଦାୟ ଦେଲା ସେ । ସେଦିନ ରାତିରେ ବୋଉର ଦୟନୀୟ ଅବସ୍ଥା, ସାର୍ଥକର କିଂ କର୍ତ୍ତବ୍ୟ ବିମୁଢତା ଝରାକୁ ଶୁଆଇ ଦେଲେ ନାହିଁ । ଏହାର କିଛି ଦିନ ପରେ ସୁମିକୁ ବଦଳାଇବାକୁ ଯାଇ ନିଜେ ବଦଳିଗଲା ସାର୍ଥକ । ବୋଉକୁ ଆଣି ଅପା ଘରେ ଛାଡ଼ି ଦେଇଗଲା । ବୋଉ ଯେଉଁଠି ଥିଲେବି ଏପରିକି ସାର୍ଥକ ପାଖରେ ଥିଲେବି ଝରା ନିତ୍ୟନୈତିକ ବୋଉକୁ ଟଙ୍କା ପଠାଏ ଯେମିତି ତା'ର କେହି ନାହିଁ ବୋଲି ସେ ଅନୁଭବ ନ କରେ । ଏହା ପରେ ସାର୍ଥକ ଦିନେ ହେଲେ ବୋଉକୁ ତା'ପାଖକୁ ଫେରାଇ ନେବାର ପ୍ରସ୍ତାବ ଦେଇ ନାହିଁ । କିମ୍ବା ତା' ପାଖକୁ ଟଙ୍କ ପଇସା ପଠାଏ ନାହିଁ । ବରଂ ଦିନେ କହୁଥିଲା ସେ ଦିନ ଯାହା ସବୁ ଘଟିଲା ସେଥିପାଇଁ ବୋଉ ହିଁ ବେଶୀ ଦାୟୀ । କିନ୍ତୁ ଯେଉଁ ପରିବେଶ ଓ ପରିସ୍ଥିତିରେ ସୁମି ଏ ସବୁ ନାଟକ କଲା ସେଥିପାଇଁ ସେ ତାକୁ ଦୋଷୀ ସାବ୍ୟସ୍ତ କଲା ନାହିଁ । ସୁମି ସେଥିପାଇଁ ଅନୁତାପ କରି ନାହିଁ । ତେଣୁ ଦିନେ ସାର୍ଥକର ସାନଭାଇ ସନ୍ତକକୁ ଦେଖି ସେମିତି ଅଶ୍ଳୀଳ ଭାଷାରେ ବୋଉ କ'ଣ କେବଳ ତାଙ୍କ ଉପରକୁ ବୋଟ୍ ବୋଲି ପ୍ରଶ୍ନ କରିଥିଲା । ସନ୍ତକ ଓଡ଼ିଶାକୁ ଆସି ବୋଉକୁ ପାଖକୁ ନେଇଯାଇଥିଲା ଅନ୍ତିମ ବାଳରେ ବୋଉ ସନ୍ତକ ପାଖରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କଲା ।

ସମୟ ଚକ୍ରରେ ଦିନ ଗଡ଼ି ଚାଲିଲା । ଏବେ ଝରା ଆଉ ସାର୍ଥକର ଘର ଦଶ ମିନିଟ୍ ରାସ୍ତାର ବ୍ୟବଧାନରେ ଥିଲେ ଭୁଲ ବୁଝାମଣାର ବ୍ୟବଧାନ ଏତେ ବେଶୀ ଯେ କେହି କାହା ଘରକୁ ଯାଆନ୍ତି ନାହିଁ । ସାର୍ଥକକୁ ସେ ଚଉଦ ବର୍ଷ ହେବ ଦେଖି ନାହିଁ । ସାର୍ଥକ ଘରକୁ ସେ ସେବେ ଠାରୁ ଯାଏ ନାହିଁ ଯେବେଠାରୁ ସେ ଜାଣି ପାରିଲା ଯେ ସାର୍ଥକ ଅନୁପସ୍ଥିତିରେ ସେମାନଙ୍କ ଭିତରେ ଯାହା କିଛି ସାଧାରଣ କଥା ହୁଏ ସୁମି ସେ ସବୁ ସହୀ କଥାକୁ ଜଟିଳ କରି ସାର୍ଥକ ପାଖରେ ଉପସ୍ଥାପନ କରେ ଏବଂ ସାର୍ଥକ ସେ ସବୁକୁ ନକ୍ଳରେ ବିଶ୍ୱାସ କରେ । ସୁମିର କୁଟିଳତାକୁ ସେ ବୁଝିବାରେ ନାହିଁ ।

ତିପାଥି ଥରେ ଥରେ ଯେତେବେଳେ ଭାଇଭଉଣୀଙ୍କର ସେଇ ନିବିଡ ବନ୍ଧନ, ଅତୀରେ ସେଇ ସୁନ୍ଦର ସ୍ମୃତୀ ଝରାକୁ ଛଟପଟ କରେ ସେତେବେଳେ ସେ ସବୁ ମାନ ଅପମାନଙ୍କୁ ଭୁଲି ନିଜ ସ୍ୱାମୀଙ୍କୁ ଗୋପନକରି ନିୟଭାବେ, ଉପରପଡ଼ି ସେଇ ଅତୁଟ ସମ୍ପର୍କକୁ ଫେରାର ଆଣିବାର ପ୍ରୟାସ କରି ସାଥକ୍କୁ ଫୋନ୍ କରେ। ବେଳେବେଳେ ସେ ଫୋନ୍ ଉଠାଏ ନାହିଁ। କେବେବେଳେ ଉଠାଇଲେ ବି ସବୁ କଥାଙ୍କୁ ଘଟିଳତାର ସହିତ ଗ୍ରହଣ କଲେ। ତା' ମନର ସରଳତା ସବୁ ତା'ଠାରୁ ଉଭେୟ ଯାଇଛି। ବେଳେବେଳେ "ମୁଁ ନାତି ମାନଙ୍କ ସାଙ୍ଗରେ ଖେଳୁଛି, ଏଆଡୁ ସେ ଆଡୁ କହି ମୋ ମୁଡ ଅଫ୍ କର ନାହିଁ" ବୋଲି କୁହେ। ଝରା ଆଖିରେ ନ କାଳି ଅନ୍ତବର କାଳି ରୁପ୍ ରହେ।

ଏବେ ସୁମି ବହୁପ୍ରକାର ଅସୁସ୍ଥତାରେ ପୀଡ଼ିତା। ବଡ଼ ଦୁଇଭାଇ ଦୁନିଆରୁ ବିଦାୟ ନେଇ ଯାଇଛନ୍ତି। ଅପା, ଝରା, ସାର୍ଥକ, ସନ୍ତକ ସମସ୍ତେ ପରସ୍ପରଠାରୁ ସମ୍ପୂର୍ଣ୍ଣ ବିଭିନ୍ନ। ଯୋଡ଼ିବାକୁ ଚାହିଁ ମଧ୍ୟ ଯୋଡ଼ି ପାଇ ନାହିଁ। ସେ ନିରୁପାୟ। ସେ ନିରୁପାୟ। ସାର୍ଥକ ପାଖରେ ତା' ଭାଇଭଉଣୀଙ୍କର ଅନାବିଳ, ଅପୂର୍ବ ସ୍ନେହ ସହାନୁଭୂତର ଅନୃନ୍ୟ ଓ ଅନେକ ନିଦର୍ଶନ ଥିଲେ ମଧ୍ୟ ସେ ସବୁକୁ ସେ ସମ୍ପୂର୍ଣ୍ଣ ଭୁଲି ଯାଇ କେବଳ ବୁଝିଛି ଯେ 'ତା' ଭାଇ ଭଉଣୀମାନେ ତାକୁ କେହି ଭଲ ପାଆନ୍ତି ନାହିଁ।

ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ, କଟକ।

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ବାପାଙ୍କ ପୁରୁଣା ବାକ୍ସ

- ସୁଶାନ୍ତ କୁମାର ନନ୍ଦ

ହେତୁ ପାଇବା ଆଗରୁ ବୋଉ ଆମର ଆରପୁରକୁ ଟିକଟ କାଟି ସାରିଥିଲା । ଆମ ପାଇଁ ବାପା ଥିଲେ ସବୁ କିଛି । କେବେ ବି ବୋଉର ସ୍ନେହ, ଶ୍ରଦ୍ଧା ଓ ଅନୁପସ୍ଥିତିକୁ କମ୍ ହେବାକୁ ଦେଉ ନଥିଲେ ସେ ଆମକୁ । ପୂର୍ବ ଆକାଶରେ ସୂର୍ଯ୍ୟଦେବ ସୁନାର କିରଣ ବୁଣିଦେବା ଆଗରୁ ସକାଳ ହେଇ ଯାଉଥିଲା ବାପାଙ୍କ ଜୀବନରେ । ଖାସ୍ ଆମକୁ ଦୁନିଆରେ ଶହେ ଜଣରେ ଜଣେ କରି ଠିଆ କରେଇବା ପାଇଁ ନିଜର ସବୁ ସୁଖକୁ ପର କରି ଦେଇଥିଲେ ସେ । ଦିନରାତିକୁ ଏକ କରି ଦୁନିଆ ଦାଣ୍ଡରେ ସମୟ ସହିତ ତାଳ ଦେଇ ଆମକୁ ଆଗକୁ ଆଗେଇ ନେଉଥିଲେ ସେ । କୌଣସି ଥିରେ କେବେ ଊଣା ଅନୁଭବ କରିବାକୁ ଦେଉନଥିଲେ ଆମକୁ । ଚାକିରି ସହିତ ସଂସାର ରଥକୁ ଏକା ଏକା ସୁରୁଖୁରୁରେ ବାହି ନେଉଥିଲେ ସେ । ସେ ସମୟରେ ଆମ ଭାଇ ଭଉଣୀ ଦିହାଙ୍କ ଟିକେ ଟିକେ ସଫଳତା ଥିଲା ତାଙ୍କ ପାଇଁ ସବୁକିଛି । ଯେଉଁଦିନ ଗୀତା ନାନୀ ମୋର ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲା, ସେଦିନ ବାପାଙ୍କ ପାଇଁ ଥିଲା ବହୁତ ବଡ଼ ଖୁସିର ଦିନଟାଏ । ଗାଁ ମନ୍ଦିରରେ ପୂଜା କରିବା ସହିତ ସାହି ସାହି ବୁଲି ନିଜ ହାତରେ ମିଠା ବାଂଟି ଥିଲେ ସେଦିନ ସେ । କିନ୍ତୁ ସବୁ ଖୁସି ପରେ ବି ସେଦିନ ଏକା ଏକା ଘର ଭିତରଟାରେ ଅନେକ ସମୟ ଧରି ଲୁହ ଗଡ଼ାଇବାକୁ ଭୁଲି ନଥିଲେ । ଅନେକ ଥର ଦେଖିଛୁ ଆମେ, ଏମିତି ଅନେକ ସମୟରେ ବାପା ଏକା ଏକା ଘର ଭିତରେ ବସି ରହି ସମୟ ବିତାଇବା । ବାପାଙ୍କ ଦୃଷ୍ଟି ଆଢୁଆଳରେ ଲକ୍ଷ କରିଛୁ, ବହୁତ ଦିନରୁ ଚାବି ପକାଇ ରଖିଥିବା କେଉଁ ଅମଳର କାଠ ବାକ୍ସଟା ଭିତରୁ କଅଣ ସବୁ ବାହାର କରି ଦେଖିବା, ପୁନଶ୍ଚ ସାଇତି ରଖିଦେବା । ଯଦିଓ ଆମେ କେବେ ବି ସାହସ କରି ପଚାରି ପାରି ନଥିଲୁ ଏମିତି କି ମୂଲ୍ୟବାନ ଜୀନିଷ ଅଛି ସେ ବାକ୍ସ ଭିତରେ ।

ଏହା ମଧ୍ୟରେ ସମୟ ବହୁତ ଦୂର ଅତିକ୍ରାନ୍ତ କରି ସାରିଲାଣି । ବାପାଙ୍କ ଅକ୍ଲାନ୍ତ ପରିଶ୍ରମ ସହିତ ସମସ୍ତ ତ୍ୟାଗ ବଳରେ ଗୀତା ନାନୀ ମୋର ସରକାରୀ ଚାକିରି କରିବା ସହିତ ବଡ଼ ଘରେ ବାହା ହୋଇ ଖୁସିରେ ଜୀବନ ବିତାଉଥିଲା । ମୁଁ ବି ପାଠ ପଢ଼ା ଶେଷ କରି କୃଷି ବିଭାଗରେ ନିଯୁକ୍ତି ପାଇ ସହରର ଉଚ୍ଚ ଶିକ୍ଷୀତା ଝିଅକୁ ବିବାହ କରି ଗାଆଁଠୁ ଦୂର ସହରରେ ରହୁଥିଲି । କିନ୍ତୁ ଆଜିବି ବାପା ନିଜ ପିତୃ ପୁରୁଷ ଅମଳର ସେହି ଗାଁର ଭିଟାମାଟି ଉପରେ ଗଢ଼ିଉଠିଥିବା ଦୁଇ ବଖରା ଘରେ ଭିତରେ ନିଜର ସ୍ମୃତି ସବୁକୁ ସାଥିରେ ଧରି ଏକା ଏକା ଜୀବନ ବିତାଉଥିଲେ । ଅନେକ ବାର, ଅନେକ ଅନୁରୋଧ ପରେ ବି ସହର ଆସି ମୋ ସହିତ ରହିବାକୁ କୁଣ୍ଠାବୋଧ କରୁଥିଲେ ସେ । କୁଆଡ଼େ ସହରୀ ପାଣି ପବନ ତାଙ୍କ ଦେହକୁ ସୁହାଇବ ନାହିଁ । ଗାଆଁ ମାଟି ବାସ୍ନାର ମୋହକୁ ଏବେ ବି ହୃଦୟରେ ସ୍ଥାନ ଦେଇ ଆପଣେଇ ନେଇଥିଲେ ନିଜ ଜନ୍ମଭୂମିକୁ ।

ସେଦିନ କିନ୍ତୁ ଯୋର୍ କରି ମୋ ସହିତ ବାପାଙ୍କୁ ନେଇ ଆସିଲି ସହରକୁ, ମୋ ସରକାରୀ ବାସଭବନକୁ । ଆସିବା ସମୟରେ ବାପା ଘରୁ ନିଜର ଦୈନନ୍ଦିନ ବ୍ୟବହାର ପାଇଁ କପଡ଼ା କେଇଖଣ୍ଡ ସହିତ ସେଇ ସନ୍ଦେହ ଭରା ବାକ୍ସଟିକୁ ନେଇ ଆସିଥିଲେ ନିଜ ସହିତ । ସହରରେ ପହଁଚିବାର ଦିନ କେଇଟା ପରେ ଘରଣୀଙ୍କର ସନ୍ଦେହି ଆଖି ସହିତ ପିଲାଟି ଦିନରୁ ମନରେ ବସା ବାନ୍ଧି ଦେଇଥିବା ସମସ୍ତ ଉତ୍କଣ୍ଠା ମୋର ଚରମ ସୀମାରେ ପହଂଚି ସାରିଥିଲା । କ'ଣ ପାଇଁ ଗାଆଁ ଘରେ ଅନେକ ମୂଲ୍ୟବାନ ଜିନିଷ ଛାଡ଼ି ଏ ବାକ୍ସଟିକୁ କେବଳ ସାଥିରେ ନେଇ ଆସିଲେ ବାପା ! କ'ଣ ଅଛି ଏହା ଭିତରେ ? ନିଶ୍ଚୟ ଟଙ୍କା ପଇସା ଠାରୁ ନେଇ ବୋଉର ସୁନା ଗହଣା ସବୁ କିଛି ସେ ରଖିଥାଇ ପାରନ୍ତି ଏହା ମଧ୍ୟରେ ! ଅନେକ ସମୟରେ ତେଣୁ କରି ଏକା ଏକା ସେ ବାକ୍ସଟିକୁ ଖୋଲି ତା'ର ହିସାବ କରୁଛନ୍ତି ବୋଧ ହୁଏ ନିଜେ ନିଜେ ।

ମଣିଷ ମନର ସନ୍ଦେହ ଯେତେବେଳେ ସୀମା ଅତିକ୍ରାନ୍ତ କରେ, ସେ ସମୟରେ ମଣିଷ ନିଜର ହିତାହିତ ଜ୍ଞାନ ସବୁ ଭୁଲିଯାଇଥାଏ । ସେଦିନର ସବୁ ବିଶ୍ୱାସର ବନ୍ଧଟା ଭାଙ୍ଗିଦେଇ ବାପାଙ୍କ ଅନୁପସ୍ଥିତିରେ ସେହି ପୁରୁଣା ବାକ୍ସର ସନ୍ଦେହ ମୋଚନ ପାଇଁ ହାତୁଡ଼ିଟାଏ ସାହାଯ୍ୟରେ ବାକ୍ସଟିକୁ ଆବଦ୍ଧ କରି ରଖିଥିବା କେଉଁ ଅମଳର କଳଙ୍କି ଲଗା ଲୁହା କୋଲପଟା ଭାଙ୍ଗିଦେବା ସମୟରେ ପ୍ରାତଃ ଭ୍ରମଣରୁ ଆସି ପଛପଟେ କେତେବେଳେ ଯେ ବାପା ପହଂଚି ଯାଇଥିଲେ ସେ ଆଡ଼କୁ ଟିକିଏ ବି ନିଘା ନଥିଲା ମୋର । ବାସ୍ ସମସ୍ତ ଉତ୍କଣ୍ଠା କେବଳ ବାକସଟିରେ ନିବୃତ ଥିଲା ଯାହା ।

ହାତୁଡ଼ି ସାହାଯ୍ୟରେ କାର୍ଯ୍ୟଟିକୁ ଶେଷ କରି ବାକ୍ସକୁ ଖୋଲିଦେଇ ଚାହିଁ ରହିଥିଲି ତାହା ମଧ୍ୟକୁ । ଘରଣୀଙ୍କର ଉତ୍କଣ୍ଠାଟା ବି ଫିକା ପଡ଼ିଯାଇଥିଲା ସେତେବେଳକୁ ଯାହା ବେଶ୍ ବାରି ହେଇ ପଡୁଥିଲା ତାଙ୍କ ମୁଖ ମଣ୍ଡଳରୁ । କିନ୍ତୁ ପଛରେ ଦଣ୍ଡାୟମାନ ବାପାଙ୍କ

ଆଖିରୁ ଏହା ଭିତରେ ବହିଚାଲିଥିଲା ଅନବରତ ଲୋତକର ଧାର । ସେତବେଳକୁ ବାପାଙ୍କ ଉପସ୍ଥିତ ଅନୁଭବ କରି ମଧ୍ୟ ସାହସ ସଂଚୟ କରି ପାରୁ ନଥିଲି ବାପାଙ୍କ ଆଖିରେ ଆଖି ମିଶେଇବା ପାଇଁ । ବାସ୍, ବାକ୍ସ ମଧ୍ୟରେ ଥିବା ବୋଉର ସେ ପୁରୁଣା ଫଟୋ, ରଂଗ ଛାଡ଼ି ଆସିଥିବା ବାହା ହେଇ ଆସିଲାବେଳର ସେ ନାଲିଆ ପାଟ ଶାଢ଼ି ଖଣ୍ଡେ ଆଉ ପୁରୁଣା କଳା ପଡ଼ି ଆସିଥିବା ପାଉଁଜି ଦିପଟ ଉପରେ ଖାଲି ଯାହା ଅଶ୍ରୁଭିଜା ଆଖି ଦୁଇଟା ନିବଦ୍ଧ ରହିଥିଲା ମୋର ।

କିଛି ସମୟ ମଧ୍ୟରେ ସମସ୍ତ ଦୃଶ୍ୟର ଯବନିକା ପଡ଼ିସାରିଥିଲା । ବାପା ତାଙ୍କର ସେହି ପୁରୁଣା ଭଙ୍ଗା ବାକ୍ସଟିକୁ ଧରି ଗାଁ ଅଭିମୁଖେ ବାହୁଡ଼ି ସାରିଥିଲେ, ଯାହାକୁ କି ମୁଁ କିଛି ସମୟ ପୂର୍ବରୁ ରହସ୍ୟର ଉନ୍ମୋଚନ ପାଇଁ ଭାଙ୍ଗି ସାରିଥିଲି । ସେଦିନ ଶତ ଚେଷ୍ଟା କରି ମଧ୍ୟ ଅନୁତାପର ଅଜସ୍ର ଅଶ୍ରୁ ବାହି ମୁଁ ବାପାଙ୍କୁ ଅଟକାଇ ରଖି ପାରି ନଥିଲି । ଅବିଶ୍ୱାସର ବନ୍ଧଟା ମୋତେ ବାପାଙ୍କ ନିକଟରୁ ଏତେ ଦୂରକୁ ନେଇଯାଇଥିଲା ଯେ, ମୁଁ ଆଗକୁ କିଛି ବି ଭାବିବାକୁ ସାହସ କରିପାରୁ ନଥିଲି ।


ସମ୍ପାଦକ ସାଧବ ବୋହୂ

୩୮୫, ଟାଇପ୍-୩, ବ୍ଲକ୍-୧୮

ନିୟୁ ଏ.ଜି. କଲୋନୀ, ଜୟଦେବ ବିହାର, ଭୁବନେଶ୍ୱର-୧୨





# ସ୍ୱାଧୀନ ଓ ପରାଧୀନ

- ଶିବ ପ୍ରସାଦ ବାହିନୀପତି

ରାତି ପାହିଲେ ସ୍ୱାଧୀନତା ଦିବସ । ସ୍କୁଲ୍, କଲେଜ ଓ କୋଚିଙ୍ଗ୍ ସେଂଟର ମାନଙ୍କରେ ବି ପୂର୍ଣ୍ଣ ପ୍ରସ୍ତୁତି । ସରକାରୀ କାର୍ଯ୍ୟାଳୟ ବନ୍ଦ ପ୍ରାୟ । ଗାଆଁରୁ ସହର ପୂର୍ଣ୍ଣ ପ୍ରସ୍ତୁତିରେ ପ୍ରତୀକ୍ଷାରତ ଆରଦିନଟିକୁ । ରାସ୍ତାଘାଟ ସବୁ ସୁନିର୍ମଳ । କିଣା ସରିଲାଣି ଝାଲେରୀ ପତାକା ଓ ତିଆରି ସରିଛି ବ୍ୟାନର; କାନ୍ଥବାଡ଼ରେ ଥପା ସରିଛି ପୋଷ୍ଟର । ପ୍ରସ୍ତୁତ ହୋଇସାରିଛି ବି ସାହିତ୍ୟ କାର୍ଯ୍ୟକ୍ରମର ଯୋଜନା । କବି ଓ ଲେଖକ ମାନଙ୍କୁ ବଂଟା ହୋଇସାରିଲାଣି ନିମନ୍ତ୍ରଣ ପତ୍ର ଏବଂ ଟେଂଟ୍ ହାଉସକୁ ବଇନା ଦିଆ ସରିଛି । ରୋଷେୟା ବି ଆଡଭାନ୍ସ ନେବା ସହ ବଡ଼ ବଡ଼ ହଲ ବି ସରିଛି ବୁକିଙ୍ଗ । ରାତି ପାହିଲେ ଆମନ୍ତ୍ରିତ ହୋଇ ଆସିବେ କବି, ଲେଖକମାନେ ଏବଂ ନେତା ମନ୍ତ୍ରୀ ସବୁ ।

କାଉ କା' ରାବ ଦେବା ପୂର୍ବରୁ ଆରମ୍ଭ ହୋଇଯିବ କୋଳାହଳ । ଡି ଜେ ବକ୍ସ ଓ କାହାଳୀର ଘୋର ଗର୍ଜନରେ ପ୍ରକମ୍ପିତ ହେବ ଗ୍ରାମରୁ ସହର । ପରିବେଶ ପରିଷ୍କୃତ ହେଲେ ଶବ୍ଦ ପ୍ରଦୂଷଣ । ସରକାରଙ୍କର ସୂଚନାନୁସାରେ ଶବ୍ଦ ପ୍ରଦୂଷଣ ଦଣ୍ଡନୀୟ ଅପରାଧ । କିନ୍ତୁ ସ୍ୱାଧୀନତା ଦିବସରେ ଶବ୍ଦ ପ୍ରଦୂଷଣ ଅପରାଧ ନୁହେଁ । ସେଦିନ ସମସ୍ତେ ଲଗାମ ଛଡ଼ା । ବିଶେଷ ଦ୍ରଷ୍ଟବ୍ୟ ପରିବେଶକୁ ସୁନ୍ଦର ଓ ନିର୍ମଳ ରଖିବାକୁ ବାରମ୍ବାର ଘୋଷଣା ଚାଲିଛି । ସେଇ କେଇ ଘଂଟା ପାଇଁ ପରିବେଶଟି ବହୁତ ନିର୍ମଳ; କାର୍ଯ୍ୟକ୍ରମ ପରେ ପୂର୍ବ ପରି ପ୍ରଦୂଷଣ । ଏଣେତେଣେ ଫିଙ୍ଗା ଯାଇଥିବା ଅଇଁଠା ଖଲିପତ୍ର, ତାକୁ କୁକୁର ଭିଡ଼ି ନେଇ ଚାରିଆଡ଼େ ବିସ୍ତାରି ପକାଇଥିବ । ପଲିଥିନ୍ ବ୍ୟାନ ପାଇଁ ଘନ ଘନ ସୂଚନା ବିଫଳ ପାଲଟିଯିବ । ବିଦ୍ୟାଳୟରେ ପିଲାମାନେ ମଟର ସିଝା ପଲିଥିନ୍ ପ୍ୟାକେଟ୍ ଧରି ଖାଇସାରି ଏଣେତେଣେ ଫିଙ୍ଗୁଥିବେ । ନାନା ପ୍ରକାର ଆତସବାଜିରେ କମ୍ପି ଉଠୁଥିବ ମେଦିନୀ ଆଉ ବାୟୁମଣ୍ଡଳରେ ଆସ୍ତରଣ ଜମେଇ ଚାଲିଥିବ ଅଙ୍ଗାରକାମ୍ଳ । ଯଦି ପଚାରିଯିବ- "ଭାଇ ! ଆଜି ସବୁ ପ୍ରକାର ନିୟମ ଉଲଂଘନ କ'ଣ ପାଇଁ ?" ଉତ୍ତର ଭାସି ଆସିବ- "ଆଜି ସ୍ୱାଧୀନତା ଦିବସ ।" ଅର୍ଥାତ୍ ଆଜି ସମସ୍ତେ ସ୍ୱାଧୀନ, ତେଣୁ ଯାହା ଇଚ୍ଛା ତାହା କରିବେ । କାହା ଇଚ୍ଛାକୁ କେହି ଲଗାମ ଦେଇ ପାରିବେନି । ଏମିତି ତ ଓଡ଼ିଶାରେ ନିୟମ କେବଳ କାଗଜ କଲମରେ; ଗଢ଼ା ହେବ ଓ ଭଙ୍ଗା ବି ହେବ ବାରମ୍ବାର । ଆଜି ତ ସହଜେ ସ୍ୱାଧୀନତା ଦିବସ; ସ୍ୱାଧୀନ ଭାବରେ ଯିଏ ଯାହା କରିଲା କରୁ । କାହାକୁ ବାରଣ କରିବାଟା ମସ୍ତବଡ଼ ଭୂଲ ହେବ । ସ୍ୱ+ଅଧୀନ= ସ୍ୱାଧୀନ । ନିଜର ଅଧୀନରେ ନିଜେ କାର୍ଯ୍ୟରତ । ଯାହା ଇଚ୍ଛା ହେବ ତାହା କରିବେ ; ବାରଣ କଲେ ତୃତୀୟ ବିଶ୍ୱଯୁଦ୍ଧ ।

ହେଲେ ମୁଁ ଏ ପର୍ଯ୍ୟନ୍ତ ବୁଝି ପାରୁନି ଆମେ କେତେ ମାତ୍ରାରେ ସ୍ୱାଧୀନ । ମନକୁ ଆନ୍ଦୋଳିତ କରୁଛି ଗୋଟିଏ ପ୍ରଶ୍ନ ବାରମ୍ବାର- "ସତରେ ଆମେ କ'ଣ ସ୍ୱାଧୀନ ?" ନିଜକୁ ନିଜେ ବାରମ୍ବାର ପ୍ରଶ୍ନ କରିଛି ଓ ନିଜ ଭିତରେ ଉତ୍ତର ଖୋଜିଛି । ଉତ୍ତରରେ କେବଳ ଗୋଟିଏ ଶବ୍ଦ ପାଇଛି- "ନା" । ମତେ ଲାଗେନି ସତରେ ଆମେ ସ୍ୱାଧୀନ ବୋଲି । ସଂସାରରେ କୌଣସି ବି ପ୍ରାଣୀ ସ୍ୱାଧୀନ ନୁହଁନ୍ତି । ସମସ୍ତେ ପରାଧୀନତାର ବେଡ଼ିରେ ବନ୍ଧା ବୋଲି ମୁଁ ଅନୁଭବ କରେ । ମୋ ଅନୁଭବ କେତେ ଦୂର ବାସ୍ତବ ବୁଦ୍ଧିଜୀବି ମହଲରେ ବିଚାର କରି ବୁଦ୍ଧିଜୀବିମାନେ କୁହନ୍ତୁ । ପାଠକମାନେ ବି ଅନୁଭବକୁ ମୋର ଅନୁଭବ କରନ୍ତୁ । କୁହନ୍ତୁ ଆମେ ପ୍ରକୃତରେ ପରାଧୀନ ନା ସ୍ୱାଧୀନ ।

ମୁଁ ଯାହା ଅନୁଭବ କରିଛି କୀଟ ପତଙ୍ଗ ତରୁ ତୃଣ, ଏମିତି କି ପଶୁ ପକ୍ଷୀ ନର ସମସ୍ତେ ପରାଧୀନ । ନିଜ ଅଧୀନରେ କାର୍ଯ୍ୟକୁ ସ୍ୱାଧୀନ ପରକୁ ଆଶ୍ରା କରି ବା ପର ଅଧୀନରେ କାର୍ଯ୍ୟକୁ ପରାଧୀନ କହନ୍ତି । ବୃକ୍ଷଟିଏ ପୋତିଦେଲେ ହେବନି, ତା'ର ଯତ୍ନ ନେବାକୁ ପଡ଼ିବ । ବୃକ୍ଷଟି ବଂଚିବା ପାଇଁ ପ୍ରଥମେ ମାଟି ଉପରେ ନିର୍ଭର କରେ । ମାଟିରେ ହିଁ ତା'ର ଜୀବନ । ପୁଣି ବର୍ଷା ଉପରେ ନିର୍ଭର କରେ ତା'ର ଖାଦ୍ୟ ପାଇଁ । ତା'ର ଯତ୍ନ ନେବା ପାଇଁ ଆମ ମାନଙ୍କର ପ୍ରଚେଷ୍ଟା ଦରକାର । ତେବେ କୁହନ୍ତୁ ବୃକ୍ଷଟି ପରାଧୀନ କି ନୁହେଁ । ଲତାଟିଏ ମାଡ଼ିବାକୁ ଭାଡ଼ି ବା ଅନ୍ୟ କୌଣସି ବୃକ୍ଷର ସହାୟତା ଲୋଡ଼େ; ସେ ବି ପରାଧୀନ ଅଟେ । କୀଟ ପତଙ୍ଗ ପଶୁ ପକ୍ଷୀ ବି ପରାଧୀନ । ବଂଚିବା ପାଇଁ ପର ଉପରେ ନିର୍ଭର କରନ୍ତି । ମଣିଷ ବି ଠିକ୍ ସେହିପରି ଅଟେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାଣୀ ପରାଧୀନ ।

ପ୍ରଥମେ ବିଚାର କରାଯାଉ ଆମର ଆଧ୍ୟାତ୍ମିକ ଭାବରେ ତତ୍ତ୍ୱମୂଳକ ପରାଧୀନତାକୁ । ନାରୀ ଓ ପୁରୁଷର ମିଳନରେ ନାରୀର ପୂର୍ଣ୍ଣତା । ବିନା ନାରୀରେ ପୁରୁଷର ବି ପୂର୍ଣ୍ଣତା ନ ଥାଏ । ବଂଶ ରକ୍ଷା ପାଇଁ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ । ଏହା ବିଧି ନିର୍ଦ୍ଦିଷ୍ଟ । ଶିଶୁଟିଏ ଜନ୍ମ ହେଲା ପରେ ମାଆ ତା'ର ଯତ୍ନ ନିଏ । ମାଆ ବିନା ଶିଶୁର ଜୀବନ ଧାରଣ ବହୁତ ମାତ୍ରାରେ ଅସମ୍ଭବ । ଶିଶୁଟି ବଡ଼ ହେଲା ପରେ ତା'ର ଦେଖାଶୁଣା ଓ ସମସ୍ତ ଯତ୍ନ ପରିବାର ଉପରେ ପଡ଼େ । ଶିକ୍ଷା ପାଇଁ ଗୁରୁଙ୍କର ଅବଶ୍ୟକତା । ବିବାହ କଲା ପରେ ପୁରୁଷଟି ସ୍ତ୍ରୀ ଉପରେ ଓ ସ୍ତ୍ରୀଟି ପୁରୁଷ ଉପରେ ନିର୍ଭରଶୀଳ । ବୃଦ୍ଧ ହେଲା ପରେ ସେ ପୁଅ ବୋହୂଙ୍କ ଉପରେ ନିର୍ଭର କରେ । ଶେଷରେ ମହାପ୍ରୟାଣ ପରେ ଶ୍ମଶାନ ପର୍ଯ୍ୟନ୍ତ ଜ୍ଞାତି କୁଟୁମ୍ବଙ୍କ କାନ୍ଧରେ ଯାତ୍ରା କରେ ଓ ଦାହ ହୁଏ । ତେବେ ମଣିଷ କେତେ ମାତ୍ରାରେ ସ୍ୱାଧୀନ କୁହନ୍ତୁ । ମୋର ଏ ନିଚ୍ଛକ ବାସ୍ତବତାର ଆଧ୍ୟାତ୍ମିକ ଭାବନାଟିକୁ

ବୁଦ୍ଧିଜୀବିମାନେ ବିଚାରକୁ ନେଇ ଉଚିତ୍ ନା ଅନୁଚିତ୍ ଦର୍ଶାନ୍ତୁ ତ ।

ଏ ଗଲା ଅଧ୍ୟାତ୍ମିକତାର ତତ୍ତ୍ୱବାଦି ପରାଧୀନତାର କଥା । ଏବେ ମୋ ବିଚାରରେ ମାନବ କୃତ ପରାଧୀନତାକୁ ବୁଝାଇବି । ଦୀର୍ଘ ଦୁଇଶହ ବର୍ଷ ଧରି ଲୁଟି ଚାଲୁଥିବା ଇଂରେଜମାନେ ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖର ଅର୍ଦ୍ଧରାତ୍ରିରେ ଆମ ଦେଶରୁ ବିଦାୟ ନେଲେ । ଆମେ ତା' ପରଦିନ ପାଳିଲେ ସ୍ୱାଧୀନତା ଦିବସ । ଆଗରୁ ଭାରତବର୍ଷକୁ ମୋଗଲ ମାନଙ୍କ ଲୁଟତରାଜର ଶିକାର ହେବାକୁ ପଡୁଥିଲା; ପରେ ପରେ ଇଂରେଜ । ରାଜତନ୍ତ୍ର ବେଳେ ରାଜା ମହାରାଜା ମାନଙ୍କର ପ୍ରଜା ମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ବି ନ କହିବା ଭଲ ।

ଛାଡ଼ନ୍ତୁ; ଇଂରେଜ ଚାଲିଗଲେ ବୋଲି ଆମେ ଭାବି ନେଲେ ଯେ ଆମେ ସ୍ୱାଧୀନ । କିନ୍ତୁ ମୁଁ କହୁଛି ଆମେ ଏବେ ସୁଦ୍ଧା ପରାଧୀନ । ନିଜ ଇଛାନୁସାରେ ଆମେ ବଂଚିବା ଆମ ପାଇଁ ଦୁର୍ବିସହ । ଅହଙ୍କାର, ସ୍ୱାର୍ଥ ଆମ ପାଇଁ ପରାଧୀନତାର ବାଟକୁ ପରିଷ୍କାର କରି ଚାଲିଛି । ଯୋଉମାନେ ଆମ ଦେଶ ପାଇଁ ବଳିଦାନ ଦେଇଛନ୍ତି ନିଜକୁ ସେମାନେ ମହାପୁରୁଷ, ଆମର ଚିର ନମସ୍ୟ । ସେମାନେ ନିଜ ସ୍ୱାର୍ଥ ବଦଳରେ ସମାଜର ହିତ ପାଇଁ ନିଜକୁ ତିଳତିଳ ଜାଳିଦେଇ ଆମକୁ ସ୍ୱାଧୀନତା ଦେଇଛନ୍ତି । କିନ୍ତୁ ଆମେ ଆଜି ଆମ ନିଜର ସ୍ୱାର୍ଥ ପୂରଣ ପାଇଁ ଏବଂ ନିଜର ଅହଂଭାବକୁ ଚରିତାର୍ଥ କରିବାକୁ ସମାଜର ତଥା ଜନତାଙ୍କର ଅହିତ କରି ଚାଲିଛେ । ଉଚ୍ଚ ପଦବୀର ଆଶା, ତୁଚ୍ଛା ସମ୍ମାନ, ନିଜର ଅର୍ଥନୈତିକ ଅଭିବୃଦ୍ଧି ଆମକୁ ଅନ୍ଧ କରି ଦେଇଛି । ନିଜର ସୁବିଧା ପାଇଁ ଅନ୍ୟକୁ ଅସୁବିଧାରେ ପକାଇବାର ଦୁର୍ବାର ପ୍ରୟାସ ସୂଚେଇ ଦେଉଛି ଆମେ ପରାଧୀନ । ଅହଂଭାବ ବହନ କରି ଅସମ୍ମାନ କରିବା ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା କ'ଣ ଆମ ସ୍ୱାଧୀନତା ? ସନ୍ତ୍ରାସବାଦୀ ର କମାଣ ମୁନ ପରିଚୟ ଦିଏ ଆମେ ପରାଧୀନ । ବଧୂହତ୍ୟା, ଶିଶୁଭ୍ରୁଣ ହତ୍ୟା, ଯୌତୁକ ପ୍ରଥା, ଯୌନ ବ୍ୟଭିଚାର ଏସବୁ କ'ଣ ଆମ ସ୍ୱାଧୀନତାର ଲକ୍ଷଣ ? ମଦଭାଟିରେ ଉଡ଼ି ଯାଉଥିବ ରୋଜଗାର ରାଶି, ଜୁଆଖେଳରେ ସର୍ବସ୍ୱାନ୍ତ ହୋଇ ଯାଉଥିବ ପରିବାର; କିନ୍ତୁ ଗରିବର ପେଟରେ ମୁଠାଏ ଦାନା ଭରିବାକୁ ସମସ୍ତେ ଅସକ୍ଷମ । ଏଠି ତେଲିଆ ମୁଣ୍ଡରେ ତେଲ, ଏଠି ଜୋର ଯା'ର ରାଜ୍ୟ ତା'ର; ଏଠି ଦୁଃଖୀ ସବୁବେଳେ ଅଶ୍ରୁସିକ୍ତ ଆଉ ବଣିକ ଘରେ ଧନଦୌଲତ ଆମର ।

ଏଠି ରାଜନୀତିର ଛକା ପଞ୍ଝା ଖେଳ ଜୋର୍‌ଦାର । ରାଜା, ମନ୍ତ୍ରୀ ସମସ୍ତେ ଜଣେ ଜଣେ ଖାଦକ; ଖାଦ୍ୟ ଏଠି ଦୀନ ଦୁଃଖୀର ଶୋଣିତ । ଏଠି ରାଜନେତା ଠାରୁ କୁଳିନେତା ଙ୍କ ଦୌରାତ୍ମ୍ୟ ପ୍ରବଳ । ଶୁଣିଥିଲି ପୁରାଣ ଶାସ୍ତ୍ରରେ ଧନୀକ ବନିବା ପାଇଁ ତୀବ୍ର ପ୍ରତିଯୋଗୀତା କଥା । କିନ୍ତୁ ଏଠି ସବୁ ଓଲଟା, ଗରିବ ବନିବାକୁ ପ୍ରତିଯୋଗିତା । ସରକାରୀ ଅନୁଦାନରୁ ବଂଚିତ ପ୍ରକୃତ ଗରିବ । ଚାକିରିଆ ଓ ବଣିକର ଛାତ ଉପରେ ଛାତ, ଘରର ପ୍ରତ୍ୟେକ ସଦସ୍ୟର ଗୋଟାଏ ଗୋଟାଏ ପଡ଼ି କାର୍ଡ଼ ବା ରେସନ୍ କାର୍ଡ଼ । ଯାହାର ଆଶ୍ରା ପଲିଥିନ୍ ତଳେ ଓ ବୃକ୍ଷ ମୂଳରେ, ସେଇଠି ହିଁ ତାର ସରିଯାଏ ଜୀବନକାଳ । ସମସ୍ତ ସରକାରୀ ଯୋଜନାରୁ ସେ ବଂଚିତ, କାରଣ ଲାଂଚ ଦେବାକୁ ତା' ପାଖେ ନଥାଏ ସମ୍ବଳ ।

ଓଡ଼ିଆ ବୋଲି ଗର୍ବ କରିବାକୁ ଆମ ପାଖରେ କିଛି ବି ପ୍ରମାଣ ନାହିଁ ଆଉ । କାରଣ ଆମେ ବିଦେଶୀ ଢାଂଚାରେ ବଂଚିବାକୁ ପସନ୍ଦ କରୁ । ବିଦେଶୀ କିନ୍ତୁ ଆମ ଢାଂଚାରେ ବଂଚିବାକୁ ପସନ୍ଦ କଲେଣି । ଓଡ଼ିଆର ସାଙ୍କେତିକ ବସ୍ତ୍ର ଧୋତି ପଞ୍ଜାବି ଏବେ ବିଲୋପର ଅନ୍ତିମ ସୀମାରେ । ଶାଢ଼ୀ ଛାଡ଼ି ପୋଷାକରେ ଆଦର । ନମସ୍କାର ବଦଳରେ କୋଳାଗ୍ରତ, ହାତକୁ ହାତ ମିଳେଇ ହ୍ୟାଣ୍ଡସେକ୍ ଯେମିତି ବିଦେଶୀଙ୍କ ପରି । ପିତୃ ଦିବସ, ମାତୃ ଦିବସ, ବନ୍ଧୁ ଦିବସ ନୂଆ ଢାଂଚାରେ । ସ୍ୱାଧୀନତା ସଂଗ୍ରାମୀଙ୍କ ଦିବସ ଫିକା ପଡ଼ିଯାଏ ସିନା; କିନ୍ତୁ "ଭାଲେଂଟାଇନ୍ ଡେ" ଟା ପୂରା ଧୂମ୍‌ଧାମ୍ । ପାର୍କରୁ ନଈକୂଳ ପ୍ରେମୀ ଯୁଗଳଙ୍କ ଭିଡ଼ ।

ଗୋପବନ୍ଧୁ କହିଥିଲେ–

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ ପଥରେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

କିନ୍ତୁ ଏବେ ଓଲଟା ଚାଲିଛି । ଆଜିର ଜନତାଙ୍କ ଭାଷାରେ–

"ମିଶୁ ମୋର ସ୍ୱାର୍ଥ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ଗର୍ବରେ
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ସର୍ବ ଅହଙ୍କାର ।"

ଧନ୍ୟ ଏ ସ୍ୱାଧୀନତା ଆଉ ଧନ୍ୟ ଆମେ ଜନତା । ଏଇ ଆମ ସ୍ୱାଧୀନତା । ଯୋଉଠି ନାରୀ ପାଲଟିଛି ଭୋଜ୍ୟ ଦ୍ରବ୍ୟ । ନାରୀଟି ମାଆ, ଭଗ୍ନୀ ଓ ଜାୟା, ତିନି ରୂପରେ ବିରାଜମାନ । ସର୍ବଶ୍ରେଷ୍ଠ ରୂପ ମାଆ । ପର ସ୍ତ୍ରୀ ମାଆ ଓ ପର ଝିଅ ଭଗ୍ନୀ ପଦବାଚ୍ୟ । କିନ୍ତୁ ନିଜର କାମକୁ ଚରିତାର୍ଥ କରିବାକୁ ପୁରୁଷ ପଶୁ ପାଲଟି ଯାଉଛି । ସ୍ୱାଧୀନତା ହରେଇ ବସୁଛି ନାରୀ । ପରିଗଣିତ ହେଉଛି ଧର୍ଷିତା ନଚେତ୍ ଗଣିକାରେ । ଏଥିରୁ ଜଣା ପଡୁଛି ଆମେ କେତେ ସ୍ୱାଧୀନ । ଯୋଉଦିନ ରାତ୍ରି ଅର୍ଦ୍ଧେ ନାରୀ ଏକାକିନୀ ନିର୍ଦ୍ଦ୍ୱନ୍ଦେ ବିଚରଣ କରି ପାରିବ ପଥରେ; ଜାଣିବ ସେଦିନ ଭାରତ ପ୍ରାପ୍ତ କଲା ସ୍ୱାଧୀନତା । ମୋ ସ୍ୱ ଲିଖିତ ଏକ କବିତାରେ ଦୁଇ ଧାଡ଼ି:–

"ନିଶାର୍ଦ୍ଧେ ଯେଦିନ ନାରୀ ବିଚରିବ ପଥ
ସେଦିନ ଦେଖିବେ ଜନ ସ୍ୱାଧୀନ ଭାରତ ।"

ଏଣୁ ଏଥିରୁ ପ୍ରମାଣିତ ଯେ ଆମେ ଏବେ ବି ପରାଧୀନ । ଯେ ଯାଏଁ ଦୟା, କ୍ଷମା, ସତ୍ୟ, ଶାନ୍ତିର ଉପଲବ୍ଧି ହୋଇ ପାରିନି, ସେତେଦିନ ଯାଏଁ ଏ ଭାରତ ପରାଧୀନ । ଗୋଟିଏ ଦିନ ସ୍ୱାଧୀନତା ଦିବସ ପାଳି ବାଃ ବାଃ ନେବାରେ ସାର୍ଥକତା ବା କ'ଣ ?

ଭାଟପଡ଼ା, ନିରାକାରପୁର, କଣାସ(ପୁରୀ)

# ଖସଡ଼ା ଜଳ ପ୍ରପାତ

- ସୁରଥ ପାଇକ

ଓଡ଼ିଶାର ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତରେ ନିକଟସ୍ଥ ଖସଡ଼ା ଗ୍ରାମରେ ଜଳପ୍ରପାତ ଅବସ୍ଥିତ । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଖସଡ଼ା ଜଳ ପ୍ରପାତ ହେଉଛି ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ଏବଂ ଏହା ଏକ ଓଡ଼ିଶାର ଅନ୍ୟତମ ଜଳ ପ୍ରପାତ ଅଟେ ।

ବଣ ଜଙ୍ଗଲ ପଥର ଓ ପାହାଡ଼ ଘେରା ବହିଯାଉଥିବା ନଦୀର ଖସଡ଼ା ଜଳ ପ୍ରପାତର ଦୃଶ୍ୟ । ଗଜପତିର ଏକ ଦର୍ଶନୀୟ ସ୍ଥାନ ଯାହାକି ମହେନ୍ଦ୍ର ତନୟା ସେହି ମହେନ୍ଦ୍ର ତନୟା ନଦୀରୁ ବାହାରିଥିବା ରାମ ମନ୍ଦିର ପ୍ରଖର ଜଳ ଏଠାରେ ଜଳ ପ୍ରପାତ ଭାବେ ପରିଣତ ହୋଇଛି ।

ଝରଣାର ଆଖପାଖରେ ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ରାମ ମନ୍ଦିର ପ୍ରଖର ଜଳ ଠାରୁ ଆସୁଥିବାରୁ ସେଠାରେ ରାମ ମନ୍ଦିର ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଉଛି । ସେଠାକାର ଲୋକମାନଙ୍କ କହିବା ଅନୁଯାୟୀ ପୁରାତନ ଯୁଗରୁ ଦେବତା ମାନେ ପୂଜା ପାଇ ଆସୁଛନ୍ତି ।

କଥାରେ ଅଛି - ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆମ ମାନବ ସମାଜ ତଥା ଜୀବଜନ୍ତୁଙ୍କ ପାଇଁ ପ୍ରକୃତରେ ଅବଦାନ ଅପାର । ଯାହାର ବର୍ଣ୍ଣନା କରିବା ପାଇଁ ଶବ୍ଦ ମଧ୍ୟ କମ୍ ପଡ଼ିଥାଏ । ସୌନ୍ଦର୍ଯ୍ୟ ମୟ ସ୍ଥାନଟି ପ୍ରକୃତରେ ଉଦାହରଣ ଏକ ନିଆରା ଅଟେ ।

ଯାହାକି ଏଠାରେ ବହି ଯାଉଥିବା ଝରଣାର କୁଳୁକୁଳୁ ଶବ୍ଦ, ସତରେ ଯେମିତି ମନକୁ ଛୁଇଁ ଦେଇ ମନରେ ଏକ ଆକର୍ଷଣ ସୃଷ୍ଟି କରିପାରିଛି । ଏଠାରେ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ସହିତ ମନୋରମ ଦୃଶ୍ୟରେ ଭରପୁର ରହିଛି ଏହି ସ୍ଥାନଟି ।

ଶୋଭାପାଏ ନାଆଟି ବଣ ଭୋଜିର
ତା ଦେହେ ସ୍ପର୍ଶ ମହେନ୍ଦ୍ରଗିରି ନୀର
ତରଙ୍ଗ ମନେ ଆଣଇ କୌତୁହଳ
ଜଳ କୁଳୁକୁଳୁ ଶବଦ ନଈର ।

ପ୍ରାକୃତିକ ଝରଣା ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କ ପ୍ରତି ବେଶ୍ ଆକର୍ଷଣୀୟ ତଥା ଦୃଶ୍ୟମାନ ହୋଇପାରିଛି ।ଏଠାରେ ପ୍ରତିଦିନ ବଣଭୋଜି ସାଙ୍ଗକୁ ନାଚ ଗୀତର ଆସର ହୋଇଥାଏ । କିଏ କିଏ ମନ ଆନନ୍ଦରେ ଥଣ୍ଡା ପାଣିରେ ଗାଧୋଇବା ମଜା ନେଉଛନ୍ତି ତ କିଏ କିଏ ରୋଷେଇ ଓ ପରିବେଶ ପରିକ୍ରମଣ କରିବାରେ ବ୍ୟସ୍ତ ଥାନ୍ତି ।

ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ସହ ସହ ପର୍ଯ୍ୟଟନ ତଥା ପର୍ଯ୍ୟଟକ ଏଠାରେ ମନୋରମ ଦୃଶ୍ୟ ଓ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି । ଦିନ ତମାମ ତଥା ବର୍ଷ ତମାମ ଏଠାରେ ପ୍ରବଳ ଗହଳି ଦେଖିବାକୁ ମିଳିଥାଏ ଓ ଏଠାରେ ସଦା ସର୍ବଦା ଦର୍ଶକ ମାନଙ୍କର ଭିଡ଼ ଜମିଥାଏ ।

ଛଅଟି ଭଉଣୀ ଛଅଟି ଋତୁ
ମନୋହର ଦୃଶ୍ୟ ନେତ ପ୍ରକୃତ
ପ୍ରକୃତି ମାତାର ଗର୍ଭରୁ ଜନମ
ମିଳଇ ଆନନ୍ଦ ଜଳ ପ୍ରପାତ ।

ଗଙ୍ଗାପୁର, ଗଜପତି ।

## ସାଧିନତା

- ପ୍ରଫୁଲ୍ଲ କୁମାର ନାହାକ

ସ୍ୱପ୍ନର ସ୍ୱାଧୀନତା
ସମ୍ଭାବନା ବିନା
ସାକାର କରିବାକୁ ଚେଷ୍ଟା କଲେ
ମିଳେ ଅସହ୍ୟ ବେଦନା ।
ପରାଧିନତାର ଗ୍ଳାନିବୋଧ ଠାରୁ
ସ୍ୱାଧୀନତାର ଅତ୍ୟାଚାର
ଲୋକକୂପ ମଧ
ସ୍ୱେଚ୍ଛାଚାରିତାର ଜୀବାଣୁ
ସଭିଙ୍କୁ କରିଛି ଆସକ୍ତ ।
ସ୍ୱାର୍ଥର ଯଜ୍ଞ ବେଦୀରେ
ଅଧିକାରର ଜୀବନ୍ତ ଆହୁତି
ସ୍ୱାଧୀନ ରଥର ସାରଥି ସାଜି
କରୁଛି ସ୍ୱାର୍ଥପରତା ରାଜୁତି ।
ଆୟସଲବ୍ଧ ମୁକ୍ତିର ମନ୍ତ୍ର
ହୋଇଛି ବିଡ଼ମ୍ବିତ
କାମନା-ବାସନାର ତୃଷ୍ଣା ପୁଣି
ମାନବକୁ କରିଛି କବଳିତ ।
ଗଣତନ୍ତ୍ରର ପଚ୍ଛଦପଟେ ଚାଲିଛି
ସାମ୍ରାଜ୍ୟ ଆଉ ପୁଞ୍ଜିବାଦର ନାଟ
ସାମନ୍ତବାଦର ଜଠର ଭିତରୁ
ସଦ୍ୟ ଜନ୍ମିଛି
ପପ୍ ଓ ଡିସ୍କୋର ଯୁଗଳ ନୃଥ୍ୟ ।
ଆଲୋକର ଆଶା କ୍ଷଣ ଏଠି
ପୁଣି ଆଦର୍ଶ ସୁଦୂର ପରାହତ
ପ୍ରେମ ଆକାଶ- କୁସୁମ
ସମ୍ପର୍କ ଅତି ତୁଚ୍ଛ ।
ଅହିଂସାର ପୋଷାକ ତଳେ
ହିଂସାର ରାଜନୀତି
ଜୀଇଁବା- ବଂଚିବାର ସଂଘର୍ଷ ମଧ୍ୟେ
ବଳିପଡ଼ିଛି ସାଧାରଣ ଜନତାର ସ୍ଥିତି ।
ଉପଭୋଗ ସଙ୍ଗେ ଧନର ମୋହ
କରିଛି ମାନବକୁ ଆଚମ୍ବିତ
ବ୍ୟଭିଚାର -ପ୍ରପ କର୍ମଶାଳାରେ
ସମାଧି ନେଇଛି ଦିବ୍ୟ ମନୁଷ୍ୟତ୍ୱ ।
ରାମରାଜ୍ୟରେ ଆକାଂକ୍ଷା ଆଜି
ସାଜିଛି ଅଚିରେ
ନିରାଶାର ଯମ ଦଉଡ଼ି ॥

(ଅତିଥି ଅଧାପକ)
ଓଡ଼ିଆ ବିଭାଗ
ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ

# ତୁମଠି ପହଂଚିବାର ଚେଷ୍ଟାରେ

- ଦିପୁନ୍ ପୁହାଣ୍

ତୁମଠି ପହଂଚିବାର ଚେଷ୍ଟାରେ ଇ
ଫି'ଥର ମୁଁମ ପୋଛି ଚାଲିଛି ମୋ ପାଦତଳୁ
ଯାତ୍ରାପଥର ବିବଷ ଅହଂକାର
ଘାଉଡ଼ ପାଦର ଠୋପା ଠୋପା ରକ୍ତ ବିନ୍ଦୁରେ
ମୁଁ ଲେଖି ଚାଲିଛି ବିଚ୍ଛେଦର ନିର୍ମମ ଇସ୍ତହାର

ତୁମଠି ପହଂଚିବାର ଚେଷ୍ଟାରେ ଇ
ଝଡ଼ି ପଡୁଥିବା ପ୍ରତିଟି ମାଂସଖଣ୍ଡକୁ ବି
ମୁଁ ସାଉଁଟି ଚାଲିଛି ସଜତ୍ନରେ
ଓ ଖଂଜିଦେଉଚି ଯଥୋଚିତ,
ବିଦେହରୁ ମୁକୁଳେଇ ଆଣିଛି ନିଜକୁ
ଓ ପାଲଟିଛି ଗୋଟେ ଶତଶୃଂଗାର ଗୁଂଫିତ ଦେହ !

ଦେହ କହିଲେ ମୁଁ ନୁହଁ
ତୁମଠି ପହଂଚିବାର ଚେଷ୍ଟାରେ ଇ ଦହଗଂଜ ମୋତେ
ବୋହିବାକୁ ବାଧଗୋଟେ ମସିଆ ଶଗଡ଼
ହୈଇଚୈଇ ଇଚ୍ଛାଙ୍କର ତାରକାସୀ ମେଢ଼

ତୁମଠି ପହଂଚିବାର ଚେଷ୍ଟାରେ ଇ
ମୁଁ ନିଜର କରିନେଇଛି ବାଟ ଯାକର ଖରା ଆଉ ତରା
ଗଛ ଛାଇ କୁ ଛୁଇଁବାକୁ ଦେଇନି ମୋ କ୍ଲାନ୍ତି ଇଂଚେ ବି ଦୁର୍ବଳତା

ତୁମ ଠି ପହଂଚିବାର ଚେଷ୍ଟାରେ ଇ
ଜୀବନକୁ ଅତିରିକ୍ତ କରି
ଲୁଚେଇଛି କାନ୍ଧ ଗଂଠୁଲିରେ
ଅବଶିଷ୍ଟ ଛୁଟେଇଛି ଶିରା ପ୍ରସିରା ରେ

ତୁମଠି ପହଂଚିବାର ଚେଷ୍ଟାରେ ଇ
ହାତେଇଛି ଇଚ୍ଛାମୃତ୍ୟୁ ଯୋଗ
ତୁମଠୁ ମୁଁ ଅପହଂଚ ଯେତେ ଯାଏଁ
ଯେତେ ଯାଏଁ ଓଠ ସାଥେ ନମିଶିଛି ଓଠ
ମୁଁ ମରଣର ଆୟତ୍ତ ବାହାରେ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ
ଶାନ୍ତିନିକେତନ, ପଶ୍ଚିମବଙ୍ଗ

# ସେଇ ଛୋଟ ପିଲାଟି

- କୃଷ୍ଣା ମିଶ୍ର

ଜାଣେନା ସେ ଶୈଶବର ମାନେ
ଶୁଣିନି ସେ ନାନା ବାୟାଗୀତ
ମାଆ ପେଟ ତଳେ
ଧାଏଁନା ତ ପ୍ରଜାପତି ପଛେ
ଉଲ୍ଲସିତ ମନେ
କରେନା ଫରକ ଫୁଲ ବା ଫଳର
ହଜେନା ବି ତା ସପ୍ତରଙ୍ଗ ମହକରେ
କିଛି ଖୋଜୁ ଖୋଜୁଅଳିଆ ଗଦାରେ....
ଶୋଇଯାଏ ଏଠି ସେଠି କେଉଁଠି
କେଉଁ ଅନ୍ଧାରଗଳି ଅବା କାହା
ମେଲୀ ଅଳିନ୍ଦରେ
ପୁଙ୍ଗୁଳାଦେହରେ
ରାତି ସରି ଉଷା ଜାଗେ ନଈ ସେପାରିରେ
ଦେଖିତ ପାରେନା ସୁରୁଜ ସୁନେଲି ରଙ୍ଗ

ଶୁଣିବାକୁ ଡରନାହିଁ କାକଳିର ରବ
ପଡ଼ିଉଠି ଧାଇଁଛି କେବଳ
ମାଗିଯାଚି ଠୁଳଉଛି
କେତେଟା ପଇସା
ପେଟପାଇଁ ରୁଟିଟିଏ ଲୋଡ଼ା
ନତୁବା ଶୋଇବ ଭୋକିଲା
ଶୈଶବରେ ବୃଦ୍ଧ ସିଏ
ଜହ୍ନ ତା ମାମୁଁ ଆଉ ସାଥି
ଗୋଟେ ମିଟିମିଟି ତାରା
ମାଲୁମ ନାହିଁ ନିଜ ଠିକଣା କେବେ
ଦିନ ହୁଏ ଦୀପାବଳି ରୁଟିଟେ ମିଳିଲେ
ନ ମିଳିଲେ ରଙ୍ଗହୀନ ହୋଲି
ବିତେ ଭୋକ ଉପାସରେ ।

ରାୟଗଡ଼ା, ଛତିଶଗଡ଼ ।

# ବନାଗ୍ନି

- ସଂଜୀବ କୁମାର ଦାଶ

ଅଗ୍ନିର ହିଲ୍ଲୋଳ ବନବିସ୍ଫୋରଣେ ମାତେ
ଘିଅ ଢାଳେ ନିର୍ମମ ନିଦାଘ ଝାଂଜି ଅଝଟିଆ
ବାଧିକି ନିଦାନ ବହ୍ନିବଳୟ ଗରଭେ
ଛିନ୍ନମସ୍ତା ବନସ୍ପତି ସମୂହେ ଉତ୍ସର୍ଗ
ଧାରଣାରେ ଶୁଏ ହାତୀ ନିଦ ସେ ଅକାତ
ବାକି ସବୁ ଇତଃସ୍ତତଃ ନିଛିନ୍ନ ନିଥର
ଶ୍ୱାପଦ ଖପୁରି କାହିଁ ପଚାମାଂସ ଜଳେ
ହୁତୁହୁତୁ ବଣ ଗର୍ଜୁଛି ଉଚ୍ଚାଟ ପ୍ରଶ୍ନରେ
କାହା ହୃଦେ କିବା ଝଞ୍ଜା
କାହା ମନ କିଆଁ ପୋଡ଼ା ???

ଧୂମାୟିତ ବାସ୍ନା ଡ଼ିମା ଡ଼ିମା ଆଖିରେ ତା ଅସରନ୍ତି ବନ୍ୟା
ଆହୁତି ପଡୁଛି ସହସ୍ରନାମରେ
ଇଏ ଗ୍ରୀଷ୍ମ ଯଜ୍ଞ ହୁତାଶନ
ଭାଗ ପେଡ଼ାଣର କେତେ ଅଙ୍କକଷା
ରଡ଼ଅଙ୍ଗାର ମାଡ଼ରେ ପଳାଶ କାନ୍ଦୁଛି
ପାଦପର ପାଦତଳୁ ନିଆଁ କୁନ୍ତଳରେ ଅଗ୍ନିଝଡ଼
ଲତିକା ଝୁରୁଛି
ଆକଶକୁ ଫିଙ୍ଗି ଲେଲିହାନ ଶିଖା
ଅବିଚଳ ଗିରି ଲକ୍ଷେ କଟା ତା ବୁକୁରେ
କେଜାଣି କାହାର କ'ଣ ପୁରୁଛି ଅଭିସ୍ପା
ସବୁ ଲୁଟି କିଏ ଡାକେ ଅସାଧ ଡାଆଣି

ପ୍ରାଧ୍ୟାପକ ପଦାର୍ଥବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ ।

# ମୁଁ ହଜି ଯିବାକୁ ଚାହେଁ

– ଶିକ୍ଷକ ରାମଚନ୍ଦ୍ର ପ୍ରଧାନ

ମୁଁ ହଜି ଯିବାକୁ ଚାହେଁ....
ସମୁଦ୍ରର ସେଇ କୋଳାହଳମୟ ବେଳାଭୂମି ଉପରେ
ଯେଉଁଠି ତୁମ ସହ ମୋର
ପ୍ରଥମ ଦେଖା ପାଲଟି ଯାଇଥିଲା ଅଭୁଲା ସ୍ମୃତିଟିଏ
ମୁଁ ହଜି ଯିବାକୁ ଚାହେଁ..
ଆମ ଗାଁ ସେଇ କଉଡ଼ିଆମାଳ ତାଳବଣରେ
ଯେଉଁଠି ତୁମେ ମୋତେ ନେଇ
ସ୍ୱପ୍ନ ଦେଖିଥିଲା ଗଢ଼ିବାକୁ ଛୋଟ ନଅରଟିଏ
ମୁଁ ହଜି ଯିବାକୁ ଚାହେଁ
ବଗିଚାର ସେଇ ସୁନ୍ଦରୀ ଫୁଲମାନଙ୍କ ଗହଣରେ
ଯେଉଁଠି ତୁମେ ମୋତେ
ଉପହାର ଦେଇଥିଲ ଗୋଲାପ ଫୁଲଟିଏ
ମୁଁ ହଜି ଯିବାକୁ ଚାହେଁ..
ପାଠଶାଳାର ସେଇ ଅସଂଖ୍ୟ ଲେଖା ଭିତରେ
ଯେଉଁଠି ତୁମେ ମୋ ପାଇଁ
ଲେଖିଥିଲ ଅକୁହା ପ୍ରେମଗପଟିଏ..
ମୁଁ ହଜି ଯିବାକୁ ଚାହେଁ
ପୁଣି ସେଇ କଲେଜ ଫେରନ୍ତା ପାଦଚଲା ରାସ୍ତାରେ
ଯେଉଁଠି ତୁମେ ମୋ ଗଣ୍ଡଦେଶରେ
ଆଜି ଦେଇଥିଲ ପ୍ରୀତିଭରା ଚୁମ୍ବନଟିଏ
ମୁଁ ହଜି ଯିବାକୁ ଚାହେଁ
ସେଦିନର ସେଇ ଭୟଙ୍କର ଝଡ଼ ତୋଫାନ ରାତିରେ
ଯେଉଁଠି ତୁମେ ମୋତେ ଦେଇଥିଲ
ସାରା ଜୀବନ ନିଜର କରିବାର ପ୍ରତିଶୃତିଟିଏ
ମୁଁ ହଜି ଯିବାକୁ ଚାହେଁ..
ଶ୍ମଶାନର ସେଇ ଧୂଳିମିଶା ଜୁଇ ପାଉଁଶରେ
ଯେଉଁଠି ତୁମେ ଯେତେ ଖୋଜିଲେ ବି ପାଇ ବେନି
ମୋ ଅସ୍ତିତ୍ୱର ଛୋଟ ଛବିଟିଏ ।

ସାମନ୍ତରାପଲ୍ଲୀ, ଗଞ୍ଜାମ ।

# ତୁମ ବିଚ୍ଛେଦରେ

- ରାକେଶ ସାହୁ

ତାପିତ ଅନ୍ତରର କରୁଣଗାପ
କର୍ଣ୍ଣେ କି ପଡୁନି ଆଗୋ ପ୍ରାଣଧନ
ବିରହ କଟାଳ ପରା ଅସମ୍ଭାଳ
ପ୍ରଣୟ ସାଜିଲା ମୋ ପାଇଁ କି କାଳ
ଦୁର୍ଭେଦ୍ୟ ତୁମରି ବିଚ୍ଛେଦର ଗାର
ଅମାପ ଯେ ପ୍ରତାରଣା ଜହର
ଡଣ୍ଡିଲ ହେ ସାଜି ମନମଇନା
ଛଳନା କୁହେଳି କଲା ବାଟବଣା
ତେଜିଲ ଯେ କଲ ଜୀବନ ଜୁର
ଖୋଜିପାଏନା ହେ ଗଲ କେତେଦୂର
ଅଶ୍ରୁଧାରେ ଚକ୍ଷୁ ଜମା ଶୁଖୁନି
ଥରୁଟେ ଫେରିବକି ଗୋ ବରାକିନୀ
ଲଜ୍ଜାରୁଣ ନବତରୁଣୀ ଯେଥିଲ
କେମିତି ଗୋ ଦୃଢ଼ ପାଷାଣ ସାଜିଲ
ଅଲକ୍ତକ ବୋଲି ମେଦୁର ଚରଣେ
କଳଙ୍କ ବୋଳିଲ ପ୍ରେମୀଜୀବନେ
ଜବାଧାରେ ରଞ୍ଜି ରଙ୍ଗର ଛିଟା
ପଡ଼ିଗଲା ଆମ ଜୀବନେ ଭଟ୍ଟା
ନବବଧୂଗୋ ନବ ଅବଗୁଣ୍ଠନ
ଛିନ୍ନକଲ ଯେତେ ଯେ ପ୍ରେମବନ୍ଧନ
ସାଜିଲ ଆଜି କା ନବପ୍ରଣୟିନୀ
ଆଉକି ପାଇବି ପ୍ରଫୁଲ୍ଲ ଲପନୀ
ହଜିଗଲା ଆଜି ଇନ୍ଦୁର ଜୋଛନା
ଫେରିବନି ଆଉ ପ୍ରେମର ପୂର୍ଣ୍ଣିମା
ଭୁଲିଯାଇଛି ମୁଁ ଯେ ମୋ ମତିଗତି
ବେସାହାରା ଆଜି ଗୋ ଲାବଣ୍ୟବତୀ
ଅସହ୍ୟ ଆଜି ଜନଦୂଷଣ ପରା
ଅଶ୍ରାମ୍ୟ ବେଦନା ଯେ ଟାହିଟାପରା
ପାହାନ୍ତି ସପନ ହୁଏସବୁ ଚୁନା
କି କହିବି ତୁମ ବିଚ୍ଛେଦରେ ସିନା....

ପୋଲସରା, ଗଞ୍ଜାମ ।

# ମୋ ଗାଁ

- ଗୋବିନ୍ଦ ଚନ୍ଦ୍ର ଫାରକ

ସେହି ଅଟେ ମୋର ଗାଆଁ
ଦାଣ୍ଡଟି ତାର ସଫାସୁତୁର
ଚାରିଦିଶେ ସୁନ୍ଦରିଆ ।
ରାତି ପାହିଲେ ଦେବ ମନ୍ଦିର
ଶଂଖ ଘଣ୍ଟ ଘଣ୍ଟା ବାଜେ
ପୋଖରୀ ତୁଠେ ଗ୍ରାମର ବଧୂ
ଗରା ତା ବସି ମାଜେ
ଝୁମୁରୁ ଝୁମୁରୁ ଚାଲିରେ ତାର
ହସିଉଠଇ ଗାଆଁ
ନାରୀପୁରୁଷ ଦେବ ଦର୍ଶନ
କରନ୍ତି ପ୍ରଭାତରେ

ଭାଇଭାଇରେ କଳହ ନାହିଁ
ମମତା ତହିଁ ଝରେ
ମଦୁଆ କେହି ନାହାଁନ୍ତି ତହିଁ
ଅଛନ୍ତି କିଛି ଭାଙ୍ଗୁଆ
ସଞ୍ଜ ଲାଗିଲେ ଭଗତ ଘରେ
ଲୋକଙ୍କ ଭିଡ଼ ଜମେ
ଭାଗବତର ବାଣୀ ସବୁରି
ଭେଦଇ ମର୍ମେ ମର୍ମେ
ଖୋଳ ଝାଞ୍ଜର କୀର୍ତ୍ତନାନନ୍ଦେ
ଶ୍ରମ ଲାଘବ ଆହା ।

ସଂପାଦକ, ଗାଁ ମଲ୍ଲୀ, ବାଲିପୁଟ, ପୁରୀ ।

# କାକର କହୁଛି ମୋତେ

- ଶିକ୍ଷୟତ୍ରୀ ସୁଜାତା ରାଣୀ ଶତପଥୀ

କାକର କହୁଛି ମୋତେ ଯାଉଛି ଫେରି
ବସନ୍ତ ଡାକୁଛି ମୋତେ
ବସନ୍ତ ଡାକୁଛି ମୋତେ ହାତରେ ଠାରି ।
କିଏ କେତେବେଳେ ଆସ
ଲୋଭରେ ପଡ଼ି
ଦୂରେଇ ଗଲେ ନ କରେ
ମନରେ ଦୁଃ!ଖ
ସମୟ ଆସିବ ତୁମେ
ଫେରିବ ବାସ
ହୃଦୟ ଦେଇ ଯାଉଛ
ମୋହରି ପାଖ
କାକର କହୁଛି
ଆସୁଅଛ ହସି ତୁମେ
ମୋର କୋଳକୁ
ସମ୍ପର୍କ ରହିଛି ଆମ
ଯୁଗ ଯୁଗକୁ ।

ତୁମେ ଗଲେ କୀର୍ତ୍ତି ଦେଖେ
ତୁମର ସବୁ
କାକର କହୁଛି
ତୁମେ ଯାଉଅଛ ଭାବି
ମୁଁ ତୁମ ପର
ମୋ ବିନା ତୁମର କିଏ
ହେବ ନିଜର ।
କେଉଁଠି ନାହିଁ ମୋ ପରି
ତୁମ ମନ୍ଦିର
କାକର କହୁଛି
କରେନି କାହାକୁ ମୁଁ ମନରେ ଘୃଣା
ଭାବରେ ନ କରେ କେବେ
ଅଧିକା ଊଣା ।
ଯିଏ ଆସ ଯେତେବେଳେ
ମୋର କୁଣିଆ
କାକର କହୁଛି..

ଦିଗପହଣ୍ଡି ଗଞ୍ଜାମ ।

# ଆମର ପ୍ରିୟ ବାପୁଜୀ

- ପ୍ରଶାନ୍ତି ସ୍ୱାଇଁ

କେଉଁ ଯୋଗେ ତୁମେ ଜନମ ହୋଇଲ
ଧନ୍ୟ ତୁମ ପିତା ମାତା
ଦେଶଜାତି ପାଇଁ ଯଶ ରଖିଗଲ
ବନିଗଲ ଜାତି ପିତା ।

ଅହିଂସା ବଳରେ ଜିତିଥିଲ ତୁମେ
କୋଟି କୋଟି ଜନପ୍ରାଣ
ଲୋକଙ୍କ ଭିଡ଼ରେ ବାରି ହୋଇଗଲ
ଲକ୍ଷ୍ୟ ପଥ ରଖି ଟାଣ ।

ଦେଶର ଗୌରବ ଜାତିର ଗରବ
ରଖିଗଲ କାଳେ କାଳେ
ଜାତୀୟ ପତାକା ଉଡ଼ାଇବା ପାଇଁ
ରହିଥିଲ ବନ୍ଦୀଶାଳେ ।

ଆଜି ବି ଉଡୁଛି ତ୍ରିରଙ୍ଗା ପତାକା
ଦେଶ କୋଣେ ଅନୁକୋଣେ
ଜୟ ଜୟ ଧ୍ୱନି ବାଦ୍ୟ ବାଜୁଅଛି
ବୃଦ୍ଧ ବନିତା ବି ଜାଣେ ।

ଅହିଂସା ନୀତିକୁ ଆପଣାଇଥିଲ
ଇଂରେଜ ଖାଇଲେ ଧକ୍କା
ଦେଶ ଛାଡ଼ିବାକୁ ବାଧ ହୋଇଥିଲେ
ନଥିଲା ତାଙ୍କର ଇଚ୍ଛା ।

ପୁରୁବ ଗୌରବ ପୁରୁବ ମହିମା
ଆଜି ଭାରି ମନେପଡ଼େ
ପାଇବାକୁ ତୁମ ଶୁଭାଶିଷ ଧାରା
ନୟନୁ ଲୋତକ ଗଡ଼େ ।

କସ୍ତୁରବାଙ୍କର ଅସୁସ୍ଥ ଶରୀରେ
ଭରିଦେଇଥିଲ ପ୍ରାଣ
ଗୋରା ଆଦେଶକୁ ଗ୍ରହଣ ନକରି
ବର୍ଜନ କରିଲ ଲୁଣ ।

ବଞ୍ଚିଥିବାଯାଏ ନ ଭୁଲିବୁ ଆମେ
ଗାଇବୁ ତୁମରି ନାମ
ଆଶିଷ ଦିଅହେ ଜାତିର ଜନକ
ତୁମକୁ କୋଟି ପ୍ରଣାମ ।

ମହାନଦୀବିହାର, କଟକ

VOICE FOR VOICELESS SOCIETY, ODISHA
Regd. No. : 23717/55

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in


Whatsapp No. :
+91 88957 07011
Follow us :
YouTube

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**

# IBMS No.1 INSTITUTE | IBM'S






**BANK** PO/CLERK | **SSC** +2/GRADUATE | **RLY** Tech./Non Tech. | **OAS** **BED**

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190
## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ